

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-40 •SUNDAY •3 AUGUST 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୪୦ •ରବିବାର •୩ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)

# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

## ଶୋକ ବ୍ୟକ୍ତକଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା

## ପରିବାରକୁ ନ୍ୟାୟ ଦାବି କଲେ ବିରୋଧୀ

## ଦିଲ୍ଲୀ ଏମ୍ସରେ ପରିବାରକୁ ସମବେଦନା ଜଣାଇଲେ ବିଜେଡି ସଂସଦୀୟ ପ୍ରତିନିଧି ଦଳ

## ଅପରାଧୀ ଧରା ନ ପଡ଼ିଲେ ରାଜରାସ୍ତା ଘେରଉ କରିବ କଂଗ୍ରେସ: ଭକ୍ତ



■ **ଭୁବନେଶ୍ୱର/ବଳଙ୍ଗା, ୨।୮ (ସମିସ):** ନିର୍ଯାତନା ନିଆଁରେ ଆଖି ବୁଜିଲେ ରାଜ୍ୟର ଆଉ ଜଣେ ପୀଡ଼ିତା। ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ନୂଆ ଗୋପାଳପୁର ଗ୍ରାମର ନାବାଳିକା ଶନିବାର ସନ୍ଧ୍ୟା ୬ଟା ୨୨ମିନିଟ୍‌ରେ ପ୍ରାଣ ହରାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ନାରୀ ନିର୍ଯାତନାର କ୍ରୂର ଫାଶରେ ପଡ଼ି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମାଶ୍ରୀଙ୍କ ଆତ୍ମଦାହ ପରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲଗାଇଦେଇଛି। ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି, ୬ ମାସ ଧରି ମନ୍ତ୍ରୀ, ସାଂସଦ, ବିଧାୟକ, ପୁଲିସ, କଲେଜ କର୍ତ୍ତୃପକ୍ଷଙ୍କୁ ନ୍ୟାୟ ଭିକ୍ଷାରେ ବିଫଳ ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କଲେ। ଏହି ଘଟଣାରେ ସରକାରଙ୍କ ନାରୀ ସୁରକ୍ଷା ନୀତିକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ବନ୍ଧୁ ଘରକୁ ବୁଲି ଯାଉଥିବା ବଳଙ୍ଗାର ଏହି ନାବାଳିକାକୁ କିଛି ଦୁର୍ବୃତ୍ତ କିରାସିନି ଢାଳି ପୋଡ଼ିଦେବାକୁ ଉଦ୍ୟମ କଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ନାବାଳିକାକୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାର ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କଲେ। ତେବେ ସମସ୍ତ ଉଦ୍ୟମ ସତ୍ତ୍ୱେ ଆଜି ସନ୍ଧ୍ୟାରେ ସେ ଜୀବନ ଓ ନ୍ୟାୟଯୁଦ୍ଧରେ ହାରିଯାଇଛନ୍ତି। ଏହି ଘଟଣାକୁ ନେଇ ▶ପୃଷ୍ଠା-୭

## ଅନ୍ଧାରରେ ତଦନ୍ତ, ଅଦୃଶ୍ୟରେ ଅପରାଧୀ

■ **ପୁରୀ, ୨।୮ (ସମିସ):** ଦୀର୍ଘ ୧୫ ଦିନ ଧରି ଜୀବନ ମରଣ ସହ ଯୁଝି ହେଉଥିବା ବଳଙ୍ଗା ପୀଡ଼ିତା ଶେଷରେ ହାରି ଯାଇଛନ୍ତି। ଶନିବାର ସନ୍ଧ୍ୟାରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତଦନ୍ତରୁ କିଛି ନିଷ୍କର୍ଷ ବାହାରି ନ ଥିବାବେଳେ ପୀଡ଼ିତା ଆଖି ବୁଜି ଦେଇଛନ୍ତି। ଏବେ ତଦନ୍ତ କୁଆଡ଼େ ଯିବ ତାହା ବଡ଼ ପ୍ରଶ୍ନ? ପୀଡ଼ିତାଙ୍କଠାରୁ ୪ ଥର ବୟାନ ରେକର୍ଡ ପରେ ବି ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ୧୫ ଦିନ ମଧ୍ୟରେ ଏହି ଜଘନ୍ୟ କାଣ୍ଡ ଉପରୁ ପରଦା ହଟାଇପାରି ନାହିଁ। ଘଟଣାର ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ ହୋଇନାହାନ୍ତି। ଏହି ରହସ୍ୟମୟ ଘଟଣାର ସବୁଠୁ ବଳିଷ୍ଠ ପ୍ରତ୍ୟକ୍ଷଦର୍ଶୀ ନିଜେ ପୀଡ଼ିତା ହିଁ ଥିଲେ। ହେଲେ ତାଙ୍କ ବୟାନକୁ ନେଇ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହୋଇଛି। ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁ ନ ଥିବା ଖବର ଲୋକମୁଖରେ ପ୍ରଚାରିତ ହୋଇଛି। ତେଣୁ କ'ଣ ପାଇଁ ଜଣେ ନାବାଳିକାଙ୍କୁ ଜିଅନ୍ତା ପୋଡ଼ି ମାରିଦେବାକୁ ହୋଇଥିଲା ଉଦ୍ୟମ ତାହା ରହସ୍ୟରେ ହିଁ ରହିଯିବ ବୋଲି ଚର୍ଚ୍ଚା ହେଉଛି।

**ପୋଡ଼ିରେ କାହାରି ସମ୍ପୃକ୍ତି ନାହିଁ: ପୁଲିସ**

**ତଦନ୍ତର ଦିଗ କୁଆଡ଼େ ଯିବ ?**

ଗତ ଜୁଲାଇ ୧୯ ତାରିଖରେ ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଯେଉଁଠି ଥିଲେ ବି ଖୋଜି ଧରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ, ଅପରାଧୀଙ୍କୁ ଖୋଜି ବାହାର କରିବୁ, କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯିବ। ଘଟଣାଦିନ ବଳଙ୍ଗାର ନୂଆ ଗୋପାଳପୁରରେ ପୁରୀ ଏସ୍‌ପି ପିନାକ ମିଶ୍ର ଏବଂ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ପହଞ୍ଚି ତଦନ୍ତ କରିଥିଲେ। ୧୯ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋରଞ୍ଜନ ସାହୁଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ବିଏନ୍‌ଏସ୍‌ଏସ୍ ଧାରା-୧୮୦ ଅନୁଯାୟୀ ବୟାନ ରେକର୍ଡ କରାଯାଇଥିଲା। ଏହି ସମୟରେ ପୀଡ଼ିତାଙ୍କ ପରିବାର ଲୋକେ, ଡାକ୍ତର, ବଳଙ୍ଗା ପୁଲିସ ଓ ଖଣ୍ଡଗିରି ଥାନା ପୁଲିସ ଉପସ୍ଥିତ ଥିଲେ।

୨୦ ତାରିଖରେ ବଳଙ୍ଗା ପୀଡ଼ିତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ସେହିପରି ବଳଙ୍ଗା ଗସ୍ତ କରିଥିଲେ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ▶ପୃଷ୍ଠା-୭

## ୭୫ ବର୍ଷରେ ଏନ୍‌ଡିଏରେ ପ୍ରଥମ ଓଡ଼ିଆ ଝିଅ

## ସାବାସ୍ ଶ୍ରାବଣୀ



■ **ଭୁବନେଶ୍ୱର, ୨।୮ (ଏଜେନ୍ସି):** ଶ୍ରାବଣୀ ଦାସ ପ୍ରଥମ ଓଡ଼ିଆ ବାଳିକା ଭାବେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସେ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ। ସେ ସଶସ୍ତ୍ର ସୀମା ବଳ ପାଇଁ ଏସ୍‌ଏସ୍‌ବି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡିଏଭି ପବ୍ଲିକ ସ୍କୁଲ ସମେତ ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

## ଅନିଶ୍ଚିତତାରେ ମହାନଦୀ ଜଳ ବିବାଦ

# ସଂଶୟ ବଢ଼ାଇଲା ସାଏଙ୍କ ମନ୍ତବ୍ୟ

## ଆପୋସ ସମାଧାନ ପାଇଁ ଚିଠି ଲେଖିଥିଲେ ମୋହନ

■ **ଭୁବନେଶ୍ୱର, ୨।୮ (ସମିସ):** ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଏବେ ଅନିଶ୍ଚିତତା ଘେରକୁ ଠେଲି ହୋଇଯାଇଛି। ଏହି ଜଳବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆଲୋଚନା ଜାରି ରହିଛି ବୋଲି ବାରମ୍ବାର ଦାବି କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯାଏଁ ଗଣମାଧ୍ୟମକୁ ଏନେଇ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିଛନ୍ତି। ମାତ୍ର ବିଭିନ୍ନ ମହଲର ଦୃଢ଼ ଦାବି ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାର ରୂପରେଖ କୌଣସି ଚିତ୍ର ସ୍ପଷ୍ଟ ହେଉନାହିଁ। ଏନେଇ ରାଜ୍ୟ ସରକାର ମଧ୍ୟ ମୁହଁ ଖୋଲୁନାହାନ୍ତି। ଯାହାକୁ ନେଇ ସାଧାରଣରେ ସଂଶୟ ବଢ଼ୁଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏକ ଚିଠିର ପ୍ରତ୍ୟୁତ୍ତରରେ ଛତିଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଚିଠି ଏହି ସଂଶୟକୁ ଦ୍ୱିଗୁଣିତ କରିଛି। ଶ୍ରୀ ମାଝୀଙ୍କୁ ଲେଖିଥିବା ଚିଠିରେ ଶ୍ରୀ ସାଏ ଉଲ୍ଲେଖ କରିଛନ୍ତି ଯେ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଗତ ୨୫ ତାରିଖରେ ଆପଣଙ୍କ ଚିଠିରେ ଉଲ୍ଲେଖଥିବା ପ୍ରସ୍ତାବ ମୋର ଅବଗତ ହୋଇଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି ବୋଲି ଶ୍ରୀ ସାଏ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏପରି ପ୍ରତ୍ୟୁତ୍ତରକୁ ନେଇ ବିଶେଷଜ୍ଞ ମହଲ ମାଳମାଳ



**ଓଡ଼ିଶାର ପ୍ରସ୍ତାବକୁ ବିଚାର କରୁଛୁ: ଛତିଶଗଡ଼**

**ବିଶେଷଜ୍ଞ ମହଲର ଦାବି, ଆଲୋଚନାକୁ ସାର୍ବଜନୀନ କରନ୍ତୁ ସରକାର**

**ଚିଠିରେ ଆପୋସ ସମାଧାନ ହୁଏନି: କଂଗ୍ରେସ**

**ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲେ ବିରୋଧୀ**

ପ୍ରଶ୍ନ ବାଢ଼ିଛନ୍ତି। ରାଜ୍ୟ ସରକାର ବିବାଦର ସମାଧାନ ପାଇଁ ଛତିଶଗଡ଼ ସହ କେଉଁ ପ୍ରକାର ଆଲୋଚନା କରୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ମହାନଦୀ ଓଡ଼ିଶାର ଜୀବନରେଖା ଅଟେ। ତେଣୁ ଓଡ଼ିଶାର ଏହି ବୃହତ୍ତର ସ୍ୱାର୍ଥ ସହ କୌଣସି ▶ପୃଷ୍ଠା-୭

## ସେପ୍ଟେମ୍ବର ୬କୁ ଘୁଞ୍ଚିଲା ଶୁଣାଣି

■ **ଭୁବନେଶ୍ୱର, ୨।୮ (ସମିସ):** ମହାନଦୀ ମାମଲାର ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ଶନିବାର ଟ୍ରିବ୍ୟୁନାଲରେ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ତେଣୁ ତାଙ୍କ ଅନୁରୋଧକ୍ରମେ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି ଟ୍ରିବ୍ୟୁନାଲ।

ଗଣମାଧ୍ୟମକୁ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଆପୋସ ସମାଧାନ ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଉଛି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସମ୍ପର୍କରେ ଆମେ ▶ପୃଷ୍ଠା-୭

## ପୁଣି ଝୁଲିଲା ନିଗମ, ବୋର୍ଡ ନିଯୁକ୍ତି

**ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ପରେ ଓଡ଼ିଶା ବିଜେପି ଟିମ୍: ମନମୋହନ**

■ **ଭୁବନେଶ୍ୱର, ୨।୮ (ସମିସ):** ଗୋଟିଏ ପଟେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବିତ ହେବାରେ ଲାଗିଥିବା ବେଳେ ବିଜେପିର ରାଜ୍ୟ ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଓ ବୋର୍ଡ ନିଯୁକ୍ତିରେ ମଧ୍ୟ ବିଳମ୍ବ ଘଟିପାରେ। ଶନିବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ସାମଲ କହିଛନ୍ତି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ଦଳର ସାମ୍ବିଧାନିକ ବ୍ୟବସ୍ଥା ଅଟେ। ତେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ କେବେ ସରିବ, ସେନେଇ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ସେହିଭଳି ନିଗମ ଓ ବୋର୍ଡ ନେଇ ଆମେ ବସି ନିଷ୍ପତ୍ତି ନେବୁ ବୋଲି ମନମୋହନ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ ଯେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ମାସ ଧରି ଚର୍ଚ୍ଚା ଆଲୋଚନା ଜାରି ରହିଥିଲେ ମଧ୍ୟ ଏହା ସାକାର ହୋଇପାରୁ ନାହିଁ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ବାର ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତୃବୃନ୍ଦଙ୍କୁ ଭେଟି ସାରିଛନ୍ତି। ଏହି ଭେଟଘାଟ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା ଦାବି କରାଯାଇଥିଲେ ମଧ୍ୟ ଏଯାବତ୍ ସମ୍ପ୍ରସାରଣକୁ ବାସ୍ତବତାର ରୂପ ଦିଆଯାଇ ପାରୁନାହିଁ। ତେବେ ପୁନର୍ବାର ବିଜେପି ସଭାପତି ଭାବେ ନିର୍ବାଚିତ ହେବାପରେ ରାଜ୍ୟରେ ଖୁବଶୀଘ୍ର ସାଂଗଠନିକ ▶ପୃଷ୍ଠା-୭

## ମୁଣ୍ଡ-ଗଣ୍ଡି ଅଲଗା କରିଦେଲା ହାତୀ

■ **ହିନ୍ଦୋଳ, ୨।୮ (ସମିସ):** ହାତୀ ଆକ୍ରମଣରେ ହିନ୍ଦୋଳ ଉପଖଣ୍ଡରେ ଶୁକ୍ରବାର ପୁଣି ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମହାଲୁଣ୍ଡା ପଞ୍ଚାୟତ ଟାଙ୍ଗିଶାଳ ଗ୍ରାମର ଚାଷୀ ସୁଧାକର ସାମଲ (୫୮)। ଶୁକ୍ରବାର ଅପରାହ୍ଣରେ ସୁଧାକର କାମ କରିବାକୁ ବିଲକୁ ଯାଇଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀ ସୁଧାକରଙ୍କ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରିଦେଇଥିଲା। ଅନ୍ୟପଟେ ଗୁରୁବାର ହାତୀ ଆକ୍ରମଣରେ ହିନ୍ଦୋଳ ବ୍ଲକ୍ ବଘଧରିଆ ଗ୍ରାମର ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ଦୁଇଦିନ ମଧ୍ୟରେ ହାତୀ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହିନ୍ଦୋଳ

**୨ ଦିନରେ ୪ ଜଣଙ୍କ ମୃତ୍ୟୁ**

ଉପଖଣ୍ଡରେ ହାତୀ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗୋଠଛଡ଼ା ଦନ୍ତାର ଉତ୍ପାତ ଯୋଗୁଁ ଅଞ୍ଚଳବାସୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ମଧ୍ୟ ଦିନକୁ ଦିନ ▶ପୃଷ୍ଠା-୭



## ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନବନ୍ଦର

# ପୁଣି ୮ କୋଟିର ବିଦେଶୀ ଗଞ୍ଜେଇ ଜବତ

■ **ଭୁବନେଶ୍ୱର, ୨।୮ (ସମିସ):** ଭୁବନେଶ୍ୱର ବିମାନ ବନ୍ଦର ପାଲଟିଛି ନିଶା ମାଫିଆଙ୍କ ଗଳାବାଟ। ସେମାନେ ବ୍ୟାଙ୍କକ୍‌ରୁ ବିଦେଶୀ ଗଞ୍ଜେଇ (ମାରିଜୁଆନା)କୁ ଭୁବନେଶ୍ୱର ଚାଲାଣ କରୁଛନ୍ତି। ଦୁଇ ଦିନ ତଳେ ବିମାନ ବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ କରାଯାଇଥିବା ବେଳେ ୩ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା। ହେଲେ ଆଜି ପୁଣି ବିମାନ ବନ୍ଦରରୁ ଧରାପଡ଼ିଲା ବିଦେଶୀ ଗଞ୍ଜେଇ ବା ମାରିଜୁଆନା। ଥାଇଲାଣ୍ଡରୁ ଭୁବନେଶ୍ୱର ଆସୁଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆଜି ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟରେ ଆସୁଥିବା ବେଳେ ଧରିଲା ଡିଆରଆଇ ବିଭାଗ। ଏହାକୁ ଚାଲାଣ କରୁଥିବା ଅହମଦାବାଦର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ପୂର୍ବରୁ ଏକାଧିକ ବାର ଏଭଳି ମାରିଜୁଆନା ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଯାତ୍ରୀ ଜଣଙ୍କ ଚକୋଲେଟ୍




**ଅହମଦାବାଦର ଯାତ୍ରୀଙ୍କୁ ଗିରଫ କଲା କଷ୍ଟମ ବିଭାଗ**

ଜରି ଭିତରେ ପ୍ୟାକ୍ କରି ବିମାନରେ ଭୁବନେଶ୍ୱର ପହଞ୍ଚିଥିଲେ। ହେଲେ ଗୁଇନ୍ଦା ଖବର ଆଧାରରେ ଯାତ୍ରୀଙ୍କୁ କଷ୍ଟମ ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ୮କେଜିର ଏହି ବିଦେଶୀ ନିଶା ମାରିଜୁଆନା ଜବତ କରାଯାଇଥିଲା। ଗିରଫ ଯାତ୍ରୀ ଜଣଙ୍କ ▶ପୃଷ୍ଠା-୭

**ଟ୍ରମ୍ପଙ୍କ ମୁଖା ଖୋଲିଲା ଅର୍ଥ ବିଭାଗର ତଥ୍ୟ**

# କମୁଛି ନିଯୁକ୍ତି, ବଢୁଛି ଦରଦାମ୍

■ **ୱାଶିଂଟନ, ୨।୮ (ଏଜେନ୍ସି):** ଶୁଳ୍କ ଧମକ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରିଛନ୍ତି। ସେ କାହା କଥା ଶୁଣୁ ନାହାନ୍ତି। ବିଶେଷଜ୍ଞଙ୍କ ଚେତାବନୀ ମଧ୍ୟ ମାନୁନାହାନ୍ତି। ଫଳରେ ଆମେରିକା ଅର୍ଥନୀତି ଏବେ ମାନ୍ଦାବସ୍ଥା ମୁହାଁ ହୋଇଛି। ବିପୁଳ ଋଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଙ୍କଟକୁ ବଢ଼ାଇ ଦେଇଛି। ତେଣୁ ସେ ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଦେଶ ଉପରେ ଶୁଳ୍କ ବଢ଼ାଉଛନ୍ତି ବୋଲି କୁହାଯାଉଛି। ଏହାର ପ୍ରଭାବ ମଧ୍ୟ ଭାରତ ଉପରେ ପଡ଼ିବ। ଅନେକ ଭାରତୀୟ ଆମେରିକାର ଆଇଟି, ଫାର୍ମା ସହିତ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ଭାରତୀୟ କମ୍ପାନୀ ମଧ୍ୟ ଠିକାରେ ଆମେରିକା କମ୍ପାନୀଠାରୁ କାମ ଆଣୁଛନ୍ତି। ଟ୍ରମ୍ପ ପୂର୍ବରୁ ଭାରତୀୟଙ୍କୁ କାମ ନ ନେବା ପାଇଁ ଆମେରିକୀୟ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ସ୍ଥଳେ ଭାରତୀୟଙ୍କୁ ଚାକିରିରୁ ବିଦା କଲେ ଭାରତର ଅର୍ଥନୀତି ପ୍ରଭାବିତ ହେବ। ଭାରତୀୟ କମ୍ପାନୀଙ୍କୁ ଠିକା ନ ମିଳିଲେ ଅର୍ଥନୀତି ମନ୍ଥର ହୋଇଯିବାର ସମ୍ଭାବନା ରହିଛି।



**ନିଯୁକ୍ତି ନେଇ ଭାରତୀୟଙ୍କ ଉପରେ ପଡ଼ିବ ପ୍ରଭାବ**

**ଛଟେଇ ନିର୍ଦ୍ଦେଶ ଦେଇପାରନ୍ତି ଆମେରିକା ରାଷ୍ଟ୍ରପତି**

**ବିଶେଷଜ୍ଞଙ୍କ ଚେତାବନୀକୁ ଉପେକ୍ଷା କରୁଛନ୍ତି ଟ୍ରମ୍ପ**

**ରାଜନୈତିକ ବିବାଦ ସୃଷ୍ଟି ହେବା ଆଶଙ୍କା**

ଅନ୍ୟପକ୍ଷରେ ନିଜର ଦାୟିତ୍ୱହୀନ ନୀତି ପାଇଁ ଟ୍ରମ୍ପ ଆମେରିକୀୟଙ୍କ ସଙ୍କଟ ବଢ଼ାଉଛନ୍ତି। ତାଙ୍କ ପାଇଁ ଲୋକଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି। ଆମେରିକାରେ ନିଯୁକ୍ତି ସୁଯୋଗ ହ୍ରାସ ପାଇ ଚାଲିଥିବା ବେଳେ ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବିକାଶ ହାର ମନ୍ଥର ହୋଇଯାଇଛି। ଆର୍ଥିକ ସୁବର୍ଣ୍ଣ ଯୁଗ ଆଣିଥିବା ନେଇ ଟ୍ରମ୍ପ ପ୍ରଶାସନ ଦାବି କରୁଥିବା ।ବେଳେ ତଥ୍ୟରୁ ଭିନ୍ନ ସୂଚନା ମିଳୁଛି। ସେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ମିଳେଇ ଯାଇଛି। ଶୁଳ୍କର ବିପରୀତ ପ୍ରଭାବ ଆମେରିକା ଅର୍ଥନୀତି ଉପରେ ପଡ଼ିଛି। ଚଳିତ ସପ୍ତାହରେ ଆମେରିକା ଅର୍ଥ ବିଭାଗ ଜାରି କରିଥିବା ତଥ୍ୟରୁ ଏଭଳି ସଙ୍କେତ ମିଳିଛି।

ଟ୍ରମ୍ପ ୬ ମାସରୁ ଅଧିକ ସମୟ ହେଲା ଦାୟିତ୍ୱ ଗ୍ରହଣ କଲେଣି। ଏହି ଅବଧିରେ ତାଙ୍କ ଶୁଳ୍କ ବୃଦ୍ଧି, ନୂଆ ଟିକସ ଏବଂ ବ୍ୟୟ ବିଲ୍ ବହୁତ ବଡ଼ ପରିବର୍ତ୍ତନ ଆଣିଛି। ସେ ଆମେରିକାର ବାଣିଜ୍ୟ, ଉତ୍ପାଦନ କ୍ଷେତ୍ର, ଶକ୍ତି ଏବଂ ଟିକସ ପ୍ରଣାଳୀକୁ ନିଜ ଅନୁସାରେ ପରିବର୍ତ୍ତନ କରୁଛନ୍ତି। ଏହା ସହିତ କୌଣସି ସମ୍ଭାବ୍ୟ ବିଜୟର ଶ୍ରେୟ ନେବାକୁ ମଧ୍ୟ ପଛାଉନାହାନ୍ତି। ତେବେ ସମ୍ପ୍ରତି ଆମେରିକୀୟ ଅର୍ଥନୀତିରେ ମାନ୍ଦାବସ୍ଥାକୁ ଟାଳିବା ପାଇଁ ଟ୍ରମ୍ପଙ୍କ ଶୁଳ୍କ ରାଜନୀତିରେ ସେପରି ବୈଶ୍ୱିକ ସଫଳତା ପାଇପାରୁନାହାନ୍ତି। ଏହି ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତିର ପ୍ରଭାବ ଦେଖାଯାଇ ନାହିଁ। ତେଣୁ ଆର୍ଥିକ ନୀତି ପାଇଁ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଦୋଷ ଦେବା ନୀତି ବି ଏବେ ଫେଲ୍ ମାରିଛି। ▶ପୃଷ୍ଠା-୭

## ପଞ୍ଜାବର ମନୀଷ ନ୍ୟୁଜିଲାଣ୍ଡରେ ହେଲେ ପୁଲିସ ଅଧିକାରୀ



କପୁରଥଲା, ୨।୮ (ଏଜେନ୍ସି): ପଞ୍ଜାବ କପୁରଥଲା ଜିଲ୍ଲାର ନଡାଲା ଗାଁର ମନୀଷ ଶର୍ମା ନ୍ୟୁଜିଲାଣ୍ଡ ପୁଲିସ୍‌ରେ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କର ଏହି ସଫଳତାରେ ପୂରା ଗାଁରେ ଆନନ୍ଦର ଲହରି ଖେଳିଯାଇଛି । ୧୦ମ ଓ ଦ୍ୱାଦଶ ପଢ଼ା ସରିବା ପରେ ମନୀଷ ୨୦୧୬ରେ ନ୍ୟୁଜିଲାଣ୍ଡ ଚାଲିଯାଇଥିଲେ । ସେଠାରେ ସେ କଠିନ ପରିଶ୍ରମ କରି ନିଜ ଅଧ୍ୟବସାୟ ବଳରେ ପୁଲିସ ଫୋର୍ସରେ ଭର୍ତ୍ତି ହୋଇଛନ୍ତି । ଦୀର୍ଘ ୩ ବର୍ଷ ଧରି ପରିଶ୍ରମ କରିବା ପରେ ସେ ଏହି ସଫଳତା ପାଇଛନ୍ତି ବୋଲି ମନୀଷଙ୍କ ପିତା ଓମ୍ ପ୍ରକାଶ ଶର୍ମା କହିଛନ୍ତି । ସେ ପରିବାର ସହିତ ପୂରା ଗାଁ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି କହିଛନ୍ତି ଓମ ପ୍ରକାଶ । ତାଙ୍କୁ ଖୁବଶୀଘ୍ର ନ୍ୟୁଜିଲାଣ୍ଡର କୌଣସି ଜିଲ୍ଲାରେ ଅଧିକାରୀ ଭାବେ ନିଯୁକ୍ତି ମିଳିବ । ମନୀଷ ନିଜ ଗାଁରେ ୧୦ମ ପର୍ଯ୍ୟନ୍ତ ପଢ଼ିଥିଲେ । ଏହାପରେ ସେ ଜଳନ୍ଧରର ଏକ ପ୍ରତିଷ୍ଠିତ ସ୍କୁଲରେ ଦ୍ୱାଦଶ ପାସ୍ କରିଥିଲେ । ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଆଲୋଚନା ହେଉଛି ।

## ଦୁଇଜଣ ପର୍ଣ୍ଣଷ୍ଟାରଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଲେ କଲମ୍ବିଆ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨।୮ (ଏଜେନ୍ସି): କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ସମସ୍ତଙ୍କୁ ଚକିତ କରି ପର୍ଣ୍ଣ ଅର୍ଥାତ ଅଶ୍ଳୀଳ ସିନେମାରେ କାମ କରିଥିବା ଦୁଇଜଣଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି । ସେ ଆଲେଜାନ୍ଦ୍ରା ଓମାନା ଓ ଜୁଆନ୍ ମର୍ଲୋସ ଫ୍ଲୋରିୟାନଙ୍କୁ ସମାନତା ମନ୍ତ୍ରଣାଳୟରେ ଦାୟିତ୍ୱ ଅର୍ପଣ କରିଛନ୍ତି । ଓମାନା ଓ ଫ୍ଲୋରିୟାନ ଏବେ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ନିକଟ ।।ରେ ସରକାରୀ ସହାୟତା ପହଞ୍ଚାଇବାକୁ ପ୍ରୟାସ କରିବେ । ତେ ।।ବେ ଏହି ଦୁଇ ପର୍ଣ୍ଣ ଷ୍ଟାରଙ୍କ ନିଯୁକ୍ତିକୁ ଉପରାଷ୍ଟ୍ରପତି ଫ୍ରାନ୍ସିଆ ମାର୍କେଜ ନାପସନ୍ଦ କରି ଅସନ୍ତୋଷ ଜାହିର କରିଛନ୍ତି । ଏହାଦ୍ୱାରା ସରକାରଙ୍କ ଛବି ତଥା ଭାବମୂର୍ତ୍ତି କ୍ଷୁଣ୍ଣ ।।ହେବ ବୋଲି ସେ କହିଛନ୍ତି । ତେବେ ଗୁସ୍ତାଭୋ ଏହି ନିଯୁକ୍ତିକୁ ଠିକ୍ ବୋଲି ଦର୍ଶାଇଛନ୍ତି । ପ୍ରଥମେ ଏହି ମନ୍ତ୍ରଣାଳୟର ଦାୟିତ୍ୱ ଉପରାଷ୍ଟ୍ରପତିଙ୍କ ନିକଟରେ ଥିଲା । ଓମାନା ସାମ୍ବାଦିକତା ଛାଡି ପର୍ଣ୍ଣ ଇଣ୍ଡଷ୍ଟ୍ରିରେ ସକ୍ରିୟ ଥିଲେ । ସେହିପରି ଫ୍ଲୋରିୟାନ୍ ଖର୍ଚ୍ଚ ମେଣ୍ଟାଇବାକୁ ଯାଇ ପର୍ଣ୍ଣ ଇଣ୍ଡଷ୍ଟ୍ରିରେ ଯୋଗ ଦେଇଥିଲେ ।

## ପଞ୍ଜାବ ଯୁବକଙ୍କର କମ୍ ହେଲା ବିଦେଶ ଯିବା ନିଶା

ଅମୃତସର, ୨।୮ (ଏଜେନ୍ସି): ପଞ୍ଜାବର ଯୁବକଙ୍କଠାରେ ବିଦେଶ ଯିବାର କ୍ରେଜ୍ ବା ନିଶା କମ୍ ହୋଇଛି । ଗତ କିଛି ବର୍ଷ ମଧ୍ୟରେ ଏହା ଦେଖିବାକୁ ମିଳିଛି । କାନାଡା ଓ ଅଷ୍ଟ୍ରେଲିଆ ସମେତ ଅନ୍ୟ ଦେଶଗୁଡିକରେ କଠୋର ଭିସା ନୀତି ଲାଗୁ ହେବା କାରଣରୁ ପଞ୍ଜାବରେ ପାସପୋର୍ଟ ବାହାର କରିବାର ସଂଖ୍ୟା ଯଥେଷ୍ଟ କମ୍ ହୋଇଛି । ୨୦୨୪ରେ ପ୍ରତିଦିନ ପାସପୋର୍ଟ ପାଇଁ ୨୯୦୬ ଆବେଦନ କରାଯାଇଥିଲା । କିନ୍ତୁ ୨୦୨୫ ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ପ୍ରତିଦିନ ୧୯୭୮ ପାର୍ସପୋର୍ଟ ପାଇଁ ଆବେଦନ କରାଯାଇଛି । କିନ୍ତୁ ପଞ୍ଜାବର ଆପ୍ ସରକାର ଏହାକୁ ନିଜର ସଫଳତା ବୋଲି କହୁଛନ୍ତି । କାରଣ ନିର୍ବାଚନ ପୂର୍ବରୁ ଆପ୍ 'ୱତନ ୱାପସୀ' ଅର୍ଥାତ ସ୍ୱଦେଶ ପ୍ରତ୍ୟାବର୍ତ୍ତନର ସ୍ଲୋଗାନ ଦେଉଥିଲା । କିନ୍ତୁ ଏହାର ପ୍ରକୃତ କାରଣ ଭିନ୍ନ ବୋଲି ଜଣାଯାଇଛି । ଆମେରିକା, ଅଷ୍ଟ୍ରେଲିଆ, କାନାଡା ନିଜର ଭିସା ଓ ଇମିଗ୍ରେସନ ନିୟମ କଡ଼ା କରିବା ଫଳରେ ବିଦେଶ ଯିବାକୁ ସ୍ୱପ୍ନ ଦେଖୁଥିବା ଯୁବକଙ୍କୁ ଏବେ ରାଜ୍ୟରେ ରହିବାକୁ ପଡୁଛି । ପୁଣି ସେମାନେ ଠକାମୀର ମଧ୍ୟ ଶିକାର ।।ହେଉଛନ୍ତି । ଗତ ୧୦ ବର୍ଷରେ ପାସପୋର୍ଟ ବାହାର କରିବା ସଂଖ୍ୟାରେ ଯଥେଷ୍ଟ ହ୍ରାସ ପାଇଛି ।

# ବଢ଼ିଲା ଆମେରିକା-ରୁଷ କଳି

## ସୁପରପାୱାର ମଧ୍ୟରେ ପରମାଣୁ ଯୁଦ୍ଧ ଧମକ
## ଆମେରିକା ପଠାଇଲା ପରମାଣୁ ସବମେରିନ୍
## ରୁଷ କହିଲା, ମୁକାବିଲା ପାଇଁ ଆମେ ପ୍ରସ୍ତୁତ



ୱାଶିଂଟନ/ମସ୍କୋ, ୨।୮ (ଏଜେନ୍ସି): ଦୁଇ ସୁପରପାୱାର ଆମେରିକା ଏବଂ ରୁଷ ପରମାଣୁ ଯୁଦ୍ଧ ପାଇଁ ମୁହାଁମୁହିଁ ହୋଇଛନ୍ତି । ସମୁଦ୍ରରେ ରୁଷ ସୀମା ନିକଟରେ ପରମାଣୁ ସବମେରିନ ମୁତୟନ ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବାପରେ ରୁଷ ଏହାର ମୁକାବିଲା ଲାଗି ପ୍ରସ୍ତୁତ ଥିବା କହିଛି । ବିଶ୍ୱ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବି ଜଣାଉଥିବା ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ନେଇ ସଂପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ।

ରୁଷର ପୂର୍ବତନ ରାଷ୍ଟ୍ରପତି ତଥା ରୁଷ ନିରାପତ୍ତା ପରିଷଦର ଉପାଧ୍ୟକ୍ଷ ଡିମେଟ୍ରି ମେଦଭେଦେଭ୍‌ଙ୍କ ଏକ ମନ୍ତବ୍ୟକୁ ନେଇ ଏଭଳି ଉତ୍ତେଜନା ଦେଖାଦେଇଛି । ରୁଷଠାରୁ ତେଲ ଓ ଅସ୍ତ୍ର କିଣୁଥିବା ଭାରତ ସମେତ କେତେକ ଦେଶମାନଙ୍କ ଉପରେ ୨୫ ପ୍ରତିଶତ ଶୁଳ୍କ କଟକଣା ଲଗାଇବା ଲାଗି ଟ୍ରମ୍ପଙ୍କ ଘୋଷଣା ପରେ କ୍ଷୁବ୍ଧ ହୋଇ ଧମକ ଦେଇଥିଲେ ଡିମେଟ୍ରି ମେଦଭେଦେଭ୍ । ସେ କହିଥିଲେ ଯେ ରୁଷ କିମ୍ବା ଏହାର ନେତାମାନଙ୍କ ଉପରେ ଆକ୍ରମଣ ହେଲେ ପରମାଣୁ ଆକ୍ରମଣ କରିବାକୁ ପଛାଇବ ନାହିଁ ରୁଷ । ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଡିମେଟ୍ରି ମେଦଭେଦେଭ୍‌ଙ୍କୁ ସମାଲୋଚନା କରିଥିଲେ ଟ୍ରମ୍ପ । ସେ କହିଥିଲେ ଯେ ଡିମେଟ୍ରି ମେଦଭେଦେଭ୍ ପିଲାଳିଆମି ଏବଂ ଉତ୍ତେଜନାମୂକ ମନ୍ତବ୍ୟ ଦେଉଛନ୍ତି । ତାଙ୍କର ଏଭଳି ମନ୍ତବ୍ୟର ଜବାବ ଦେବାକୁ ଯାଇ ଆମେରିକାର ଦୁଇଟି ପରମାଣୁ ସବମେରିନକୁ ରୁଷ ସୀମା ନିକଟ ସମୁଦ୍ରକୁ ପଠାଇବା ଲାଗି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ ।

ଟ୍ରମ୍ପଙ୍କ ଏଭଳି ଘୋଷଣା ପରେ ରୁଷ ପକ୍ଷରୁ କୁହାଯାଇଛି ଯେ ଆମେରିକାର ପରମାଣୁ ଧମକର ମୁକାବିଲା ଲାଗି ଆମେ ପ୍ରସ୍ତୁତ ଅଛୁ । ସମୁଦ୍ର ଯୁଦ୍ଧରେ ଆମେରିକା ତୁଳନାରେ ରୁଷର ଅଧିକ ଆଧିପତ୍ୟ ରହିଛି ବୋଲି ରୁଷର ଜଣେ ସରକାରୀ ମୁଖପାତ୍ର କହିଛନ୍ତି । ସେ କହିଛନ୍ତି ଯେ ଆମେରିକାର ଯେତେ ପରମାଣୁ ସବମେରିନ୍ ରହିଛି, ତାଠାରୁ ଢେର ଅଧିକ ସଂଖ୍ୟାରେ ରୁଷ ପାଖରେ ରହିଛି । ତେଣୁ ଆମେରିକାର ଏଭଳି ଧମକ ରୁଷ ପାଇଁ ବିଶେଷ ଗୁରୁତ୍ୱ ବହନ କରୁନାହିଁ । ତେବେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟର କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱହୀନ ମନ୍ତବ୍ୟ ନେଇ ଅଯଥାରେ ଉତ୍ତେଜନା ବଢ଼ାଉଛନ୍ତି ।

ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଲାଗି ଉଦ୍ୟମ କରି ଆସୁଛନ୍ତି । କିନ୍ତୁ ଏଥିରେ ବିଶେଷ ସଫଳତା ମିଳୁନଥିବାରୁ ସେ କ୍ଷୁବ୍ଧ ହୋଇ ରୁଷକୁ ଏକଘରିକିଆ କରିବାକୁ ଉଦ୍ୟମ ଚଳାଇଛନ୍ତି । ତେଣୁ ରୁଷ ସହିତ ସଂପର୍କ ଛିନ୍ନ କରିବା ଲାଗି ବିଭିନ୍ନ ଦେଶ ଉପରେ ଚାପ ପକାଉଛନ୍ତି । ରୁଷରୁ ତେଲ ଓ ଅସ୍ତ୍ର କିଣୁଥିବା ଦେଶମାନଙ୍କ ଉପରେ ଟ୍ରମ୍ପ ବାଣିଜ୍ୟ କଟକଣା ଘୋଷଣା କରିଛନ୍ତି । ଏହିକ୍ରମରେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଥିବାରୁ ରୁଷ କ୍ଷୁବ୍ଧ ହୋଇ ଏଭଳି ଧମକ ଦେଇଥିଲା ବୋଲି କୁହାଯାଉଛି ।

## ଜମ୍ମୁ-କଶ୍ମୀରରେ ପୁଣି ଏନ୍‌କାଉଣ୍ଟର, ୨ ଆତଙ୍କୀ ମୃତ

ଶ୍ରୀନଗର, ୨।୮ (ଏଜେନ୍ସି): ଜମ୍ମୁ- କଶ୍ମୀର କୁଲଗାମର ଅଖଲ ଜଙ୍ଗଲରେ ଶନିବାର ଦୁଇଜଣ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି । ଦୁଇଜଣଙ୍କ ମୃତଦେହ ଜବତ କରାଯାଇଛି । ଏମାନଙ୍କ ମଧ୍ୟରୁ ଜଣେ ହେଉଛି ପୁଲୱାମାର ହାରିସ ନଜିର ଦାର । ତେବେ ଦ୍ୱିତୀୟ ଆତଙ୍କୀର ପରିଚୟ ମିଳିପାରିନାହିଁ । ହାରିସ୍ ସକାଳେ ନିହତ ହୋଇଥିଲା । ସେହିପରି ଅନ୍ୟଜଣକ ଦ୍ୱିପହରରେ ମୃତ ବୋଲି ଜଣାପଡ଼ିଥିଲା । ସ୍ପେଶାଲ ଅପରେସନ ଗ୍ରୁପ୍, ଜମ୍ମୁ- କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ ମିଳିତ ଭାବେ ଏହି 'ଅପରେସନ ଅଖଲ'କୁ ସଫଳ କରାଯାଇଛନ୍ତି । ହାରିସ ସି- ବର୍ଗର ଆତଙ୍କବାଦୀ ଥିଲା । ପହଲଗାମ ଆକ୍ରମଣ ପରେ ଗୋଇନ୍ଦା ବିଭାଗ ଏପ୍ରିଲ ୨୬ ତାରିଖରେ ଆତଙ୍କବାଦୀଙ୍କର ଏକ ତାଲିକା ଜାରି କରିଥିଲା । ଏଥିରେ ଉଲ୍ଲେଖ ଥିବା ୧୪ ଜଣ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରେ ହାରିସର ନାମ ଥିଲା । ଏହି ଦୁଇ ଆତଙ୍କବାଦୀଙ୍କଠାରୁ ଏକେ-୪୭ ରାଇଫଲ, ମାଗାଜିନ, ଗ୍ରେନେଡ୍ ଓ ଗୋଳା ବାରୁଦ ଜବତ କରାଯାଇଛି । ଶୁକ୍ରବାର ରାତିରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ସର୍ଚ୍ଚ ଅପରେସନ ବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ । ଜଙ୍ଗଲରେ ଏବେ ମଧ୍ୟ କେତେଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ଓ ଦୁଇପଟୁ ଗୁଳି ବିନିମୟ ଚାଲିଛି । ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରୁ ୭ ଜଣ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହୋଇଥିବା ବେଳେ ବାକି ୭ ଜଣଙ୍କ ଖୋଜା ଜାରି ରହିଛି ।

## ଗୋଟିଏ ସପ୍ତାହ ପୂର୍ବରୁ ବନ୍ଦ ହେଲା ଅମରନାଥ ଯାତ୍ରା

ଶ୍ରୀନଗର, ୨।୮ (ଏଜେନ୍ସି): ଅମରନାଥ ଯାତ୍ରାକୁ ବନ୍ଦ କରାଯାଇଛି । ଏହି ପବିତ୍ର ଯାତ୍ରା ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବାର ଥିଲା । କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ୍ ହେବାରୁ ଏହାକୁ ଅଗଷ୍ଟ ୩ରେ ହିଁ ବନ୍ଦ କରାଯାଇଛି । ଅମରନାଥ ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇଥିଲା ଓ ଅଗଷ୍ଟ ୯ ରେ ରାଖୀ ପୂର୍ଣ୍ଣିମା ଦିନ ଶେଷ ହେବାର କାର୍ଯ୍ୟକ୍ରମ ଥିଲା । ଚଳିତବର୍ଷ ୪ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରି ସାରିଛନ୍ତି । କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ । ପ୍ରବଳ ବର୍ଷା ହେବା କାରଣରୁ ଯାତ୍ରା ମାର୍ଗ ତଥା ରାସ୍ତା ଖରାପ ହୋଇଯାଇଛି ବୋଲି କଶ୍ମୀର ଡିଭିଜନାଲ କମିସନର ବିଜୟ କୁମାର ବିଧୁଡି କହିଛନ୍ତି । ବାଲଟାଲ ଓ ପହଲଗାମ ରାସ୍ତା ଅତି ଖରାପ ହୋଇଥିବା ବେଳେ ଏହି ଦୁଇଟି ରାସ୍ତାର ମରାମତି କରାଯିବ । ଏଥିପାଇଁ ଯାତ୍ରାକୁ ଆଗୁଆ ଶେଷ କରିବାକୁ ପଡ଼ିଲା । ରାସ୍ତା ଉପରେ ମେସିନ ଓ କର୍ମୀଙ୍କ କ୍ରମାଗତ ଉପସ୍ଥିତି ଯାତ୍ରାରେ ଅନ୍ତରାୟ ସୃଷ୍ଟି କରିଥିଲା ବୋଲି ସେ କହିଛନ୍ତି । ଗତ ୨୦୨୪ର ଯାତ୍ରା ୫୨ ଦିନର ଥିଲା । ସେହିପରି ୨୦୨୩ରେ ୬୨, ୨୦୨୨ରେ ୪୩, ୨୦୧୯ ରେ ଯାତ୍ରା ୪୬ ଦିନ ପର୍ଯ୍ୟନ୍ତ ଚାଲିଥିଲା ।

## ସରକାରୀ ଘର ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ୍ ରାଜଧାନୀ ଦିଲ୍ଲୀସ୍ଥିତ ତାଙ୍କ ସରକରୀ ବାସଭବନ ଆନୁଷ୍ଠାନିକ ଭାବେ ଖାଲି କରିଛନ୍ତି । ସେ ୨୦୨୪ ନଭେମ୍ବର ୮ ରେ ଭାରତର ୫୦ତମ ପ୍ରଧାନ ବିଚାରପତି ଭାବେ ଅବସର ଗ୍ରହଣ କରିଥିଲେ । ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ବାସଭବନରେ ରହିଥିବାରୁ ବିବାଦ ସୃଷ୍ଟି ହୋଇଥିଲା । ଜଷ୍ଟିସ ଚନ୍ଦ୍ରଚୂଡ ପତ୍ନୀ କଳ୍ପନା ଓ ଦୁଇ ଝିଅ ପ୍ରିୟଙ୍କା ଏବଂ ମାହୀ କ୍ରିଷ୍ଣା ମେନନ ମାର୍ଗସ୍ଥିତ ବାସଭବନରେ ରହିଆସୁଥିଲେ । ଆମେ ଜିନିଷ ପତ୍ର ବାନ୍ଧି ସାରିଛୁ ଓ କିଛି ଜିନିଷ ପୂର୍ବରୁ ନୂଆ ଘରକୁ ସ୍ଥାନାନ୍ତର କରିଛୁ ବୋଲି ସେ କହିଛନ୍ତି । ଦୁଇ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାର ଦୁହେଁ ହ୍ୱିଲ ଚେୟାରରେ ରହୁଛନ୍ତି । ସେଥିପାଇଁ ଘର ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଥିଲେ । ନୂଆ ଘର ନମିଳିବା ପର୍ଯ୍ୟନ୍ତ ସରକାରୀ ବାସଭବନ ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଛନ୍ତି ।

## କେରଳ ନନ୍‌ଙ୍କୁ ମିଳିଲା ଜାମିନ

ରାୟପୁର, ୨।୮ (ଏଜେନ୍ସି): ଛତିଶଗଡ଼ରେ ଗିରଫ ହୋଇଥିବା କେରଳର ଦୁଇ ଜଣ ନନ୍‌ଙ୍କୁ ଜାମିନ ମିଳିଛି । ବିଲାଶପୁରର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ନନ୍‌ଙ୍କ ସମେତ ୩ଜଣଙ୍କୁ ଜାମିନ ଦେଇଛନ୍ତି । ଜବରଦସ୍ତି ଧର୍ମାନ୍ତରୀକରଣ ଓ ମାନବ ଚାଲାଣ ଅଭିଯୋଗରେ ତାଙ୍କୁ ଛତିଶଗଡ଼ ପୁଲିସ ଗିରଫ କରିଥିଲା । ଜିଆରପି ଥାନାରେ ବଜରଙ୍ଗ ଦଳ ଏହି ୩ ଜଣଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ କରିଥିଲେ । ଗତ ୯ ଦିନ ହେବ ଏହି ୩ଜଣ ମିସନାରୀ ଦୁର୍ଗ ଜେଲରେ ବନ୍ଦ ଥିଲେ । ବିଲାଶପୁରର ଏନ୍‌ଆଇଏ କୋର୍ଟ ୫୦-୫୦ ହଜାର ଟଙ୍କା ମୁଚାଲିକାରେ ଜାମିନ ଦେଇଛନ୍ତି । କେରଳର କ୍ୟାଥଲିକ ନନ୍ ପ୍ରୀତି ମେରୀ ଓ ବନ୍ଦନା ଫ୍ରାନସିସ୍‌ଙ୍କ ସମେତ ସୁକମନ ମାଣ୍ଡବୀଙ୍କୁ ଜୁଲାଇ ୨୫ରେ ଦୁର୍ଗ ରେଳ ଷ୍ଟେସନରେ ଗିରଫ କରାଯାଥିଲା ।

## ଦୁଷ୍କର୍ମ ମାମଲାରେ ପ୍ରଜ୍ୱଳ ରେବନ୍ନାଙ୍କୁ ଆଜୀବନ କାରାଦଣ୍ଡ



ମହୀଶୂର, ୨।୮ (ଏଜେନ୍ସି): ଜଣେ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ତଥା ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ତାଙ୍କୁ ୧୧.୫୦ ଲକ୍ଷ ଟଙ୍କାର ଜରିମାନା ମଧ୍ୟ କରାଯାଇଛି । ପୀଡିତାଙ୍କୁ ୧୧.୨୫ ଲକ୍ଷ ଟଙ୍କା ଦେବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି କୋର୍ଟ ରେଭନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବଳେ ଆଜି ଦଣ୍ଡାଦେଶ ଶୁଣାଇଛନ୍ତି ।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତବର୍ଷ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ । ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ । ନହେଲେ ଅଶ୍ଳୀଳ ଚିତ୍ର ଲିକ୍ କରିବାକୁ ମଧ୍ୟ ଧମକ ଦେଇଥିଲେ । ତାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା । ଜୁଲାଇ ୧୮ ରେ ଏହି ମାମଲାରେ କୋର୍ଟ ଶୁଣାଣି ପୂରା କରିଥିଲେ । ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା ।

ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି । କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଗିରଫ କରାଯାଇଥିଲା । ଦେଶ ଛାଡି ୩୫ ଦିନ ସେ ବିଦେଶରେ ରହିଥିଲେ । ସେତେବେଳେ ସେ କର୍ଣ୍ଣାଟକ ହାସନ ସିଟ୍‌ରେ ସାଂସଦ ଥିଲେ । ତାଙ୍କ ବିରୋଧରେ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି । ଦୁଷ୍କର୍ମ ଓ ଯୌନ ଉତ୍ପୀଡନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ଦେବା ନେଇ ୪ଟି ମାମଲା ରୁଜୁ କରାଯାଇଛି । ୨୦୨୪ ଏପ୍ରିଲ ୨୪ରେ ହାସନରେ ଏକ ଷ୍ଟାଡିୟମର ରନିଂ ଟ୍ରାକ ଉପରେ ଶହେରୁ ଅଧିକ ପେନ୍ ଡ୍ରାଇଭ ମିଳିଥିଲା ଓ ଏଥିରେ ପ୍ରଜ୍ୱଳଙ୍କର ୨,୯୭୦ ସେକ୍ସ କ୍ଲିପ୍ ଥିଲା । ସେବେଠାରୁ ଏହି ମାମଲା ଚର୍ଚ୍ଚା ପରିସରକୁ ଆସିଥିଲା ।

## ଜମି କିଣାବିକା ମାମଲାରେ ରବର୍ଟ ଭଦ୍ରାଙ୍କୁ ନୋଟିସ

ଗୁରୁଗ୍ରାମ, ୨।୮ (ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍‌ର ଶିକୋହପୁରରେ ଜମି କିଣା ବିକା ଓ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଦିଲ୍ଲୀର ରୋଜ ଆଭେନ୍ୟୁ କୋର୍ଟ ନୋଟିସ ଜାରି କରିଛନ୍ତି । ଆଗାମୀ ଶୁଣାଣି ପୂର୍ବରୁ ହିଁ ଅଭିଯୁକ୍ତମାନଙ୍କୁ କୋର୍ଟରେ ନିଜର ପକ୍ଷ ରଖିବାକୁ ଏହି ନୋଟିସ ଜାରି କରାଯାଇଛି । ଆଗାମୀ ଶୁଣାଣି ଅଗଷ୍ଟ ୨୮ ତାରିଖରେ ହେବ । ଶନିବାର ଏହି ମାମଲାର ଶୁଣାଣି ହେବା ପରେ ବିଚାରପତି ସୁସାନ୍ତ ଚଙ୍ଗୋତ୍ରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପକ୍ଷ ଶୁଣିବା ପରେ ଅଭିଯୁକ୍ତମାନଙ୍କ ପାଖକୁ ଏହି ନୋଟିସ ପଠାଇଛନ୍ତି । ଇଡି କିଛି ଦିନତଳେ ଭଦ୍ରାଙ୍କ ବିରୋଧରେ କୋର୍ଟରେ ଆରୋପ ପତ୍ର ଦାଏର କରିଛି । ଭଦ୍ରା ୭ କୋଟି ଟଙ୍କାରେ ଜମି କ୍ରୟ କରି ୫୮ କୋଟି ଟଙ୍କାରେ ବିକ୍ରି କରିଥିବାର ଅଭିଯୋଗ ହୋଇଥିଲା ।

## ଶିବୁ ସୋରେନ ସଂକଟାପନ୍ନ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଅଧ୍ୟକ୍ଷ ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇଛି । ତାଙ୍କୁ ରାଜଧାନୀ ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ମାସେ ପୂର୍ବରୁ ଭର୍ତ୍ତି କରାଯାଇଥିଲା । କିଡନୀ ସମ୍ପର୍କିତ ସମସ୍ୟା ପାଇଁ ତାଙ୍କୁ ଜୁନ୍ ଶେଷ ସପ୍ତାହରେ ଭର୍ତ୍ତି କରାଯାଇଥିଲା । ସେ ଏବେ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି । ୮୧ ବର୍ଷୀୟ ସୋରେନ ଏହି ହସ୍ପିଟାଲ୍‌ରେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ଆସୁଛନ୍ତି । ଗତ ଜୁନ୍ ୨୪ ତାରିଖରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପୁତ୍ର ହେମନ୍ତ ସୋରେନ ତାଙ୍କୁ ହସ୍ପିଟାଲରେ ଭେଟିଥିଲେ । ସେ ଗତ ୩୮ ବର୍ଷ ଧରି ଜେଏମ୍‌ଏମ୍‌ର ପ୍ରମୁଖ ନେତା ରହିଆସିଛନ୍ତି । ୧୯୭୭ରେ ସେ ପ୍ରଥମଥର ପାଇଁ ନିର୍ବାଚନ ଲଢ଼ିଥିଲେ ଓ ପରାସ୍ତ ହୋଇଥିଲେ । କିନ୍ତୁ ୧୯୮୦ରୁ ସେ କ୍ରମାଗତ ଭାବେ ସାଂସଦ ରହିଆସିଛନ୍ତି । ବିହାରଠାରୁ ଅଲଗା ହେବା ପରେ ସେ ୩ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୨୦୦୫, ୨୦୦୮ ଓ ୨୦୦୯ରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ମଧ୍ୟ କେବେବି କାର୍ଯ୍ୟକାଳ ପୂରା କରିନଥିଲେ ।

## ଭୋଟର ତାଲିକାରେ ମୋର, ପତ୍ନୀଙ୍କ ନାମ ନାହିଁ: ତେଜସ୍ୱୀ



ପାଟନା, ୨।୮ (ଏଜେନ୍ସି): ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିସନ ବଡ଼ ଧରଣର ବିରୋଧର ସମ୍ମୁଖୀନ ହୋଇଥିବା ବେଳେ ଆରଜେଡି ନେତା ତଥା ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଆଜି ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ ତାଙ୍କର ଓ ତାଙ୍କ ପତ୍ନୀଙ୍କ ନାମ ସଂଶୋଧିତ ଭୋଟର ତାଲିକାରେ ନାହିଁ । କିନ୍ତୁ ତାଙ୍କର ଏହି ଅଭିଯୋଗକୁ ପ୍ରମାଣ ସହିତ ଖଣ୍ଡନ କରିଛନ୍ତି ନିର୍ବାଚନ କମିସନ ।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ କହିଛନ୍ତି ଯେ ତାଙ୍କ ନାମକୁ କମିସନ ଭୋଟର ତାଲିକାରୁ କାଟି ଦେଇଛନ୍ତି । କିଭିଳି ଭାବେ ନିର୍ବାଚନ ଲଢିବି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ଯାହା ଲାଗୁଛି ତାଙ୍କୁ ଏବେ ନାଗରିକତ୍ୱ ହରାଇବାକୁ ପଡ଼ିବ ଏବଂ ସେ ବାସହୀନ ହୋଇପଡ଼ିବେ । ତାଙ୍କ ଘରକୁ ବୁଥ ଅଧିକାରୀ ଆସିଥିଲେ ଏବଂ ସେ ଫର୍ମ ପୂରଣ କରିଥିଲେ । ବୁଥ୍ ଅଧିକାରୀ ତାଙ୍କ ଠାରୁ ଫର୍ମ ନେଇଥିବାର ଫଟୋ ମଧ୍ୟ ତାଙ୍କ ପାଖରେ ରହିଛି । ତେବେ ସେ ଫର୍ମ ପୂରଣ କରିଥିବାରୁ ଏହାର ରସିଦ ଦେଇ ନାହାନ୍ତି ଅଧିକାରୀ । ତେଣୁ ଏହା ପଛରେ କିଛି ଷଡ଼ଯନ୍ତ୍ର ରହିଛି ବୋଲି ସେ ଅଭିଯୋଗ କରିଛନ୍ତି ।

ତେବେ ତାଙ୍କର ଏହି ଅଭିଯୋଗକୁ ଖାରଜ କରିଛନ୍ତି ନିର୍ବାଚନ କମିସନ । କମିସନ ପକ୍ଷରୁ କୁହାଯାଇଛି ଯେ ଦୀଘା ବିଧାନସଭା କ୍ଷେତ୍ରରେ ବୁଥ ନଂ ୨୦୪ରେ ତେଜସ୍ୱୀ ଓ ତାଙ୍କ ପତ୍ନୀ ରାଜଶ୍ରୀଙ୍କ ନାମ ରହିଛି । ପାଟନା ଜିଲ୍ଲାପାଳ ଏସ୍‌ଏନ୍ ତ୍ୟାଗରାଜନ ତାଲିକା ଜାରି କରି ତେଜସ୍ୱୀ ଓ ତାଙ୍କ ପତ୍ନୀଙ୍କ ନାମ ଥିବା ସ୍ପଷ୍ଟ କରିଛନ୍ତି । ମତଦାନ କେନ୍ଦ୍ର ସଂଖ୍ୟା ୨୦୪, ବିହାର ପଶୁ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପୁସ୍ତକାଳୟ ଭବନ, କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଛି ବୋଲି ସେ କହିଛନ୍ତି ।

## ୭ ମାସରେ ୧୭୦୦ ଭାରତୀୟଙ୍କୁ ବାହାର କରିଛି ଆମେରିକା

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ୨୦୨୫ ବର୍ଷର ପ୍ରଥମ ୭ ମାସରେ ଆମେରିକା ୧୭୦୦ ଭାରତୀୟଙ୍କୁ ନିଜ ଦେଶରୁ ବାହାର କରିଛି । ଏମାନଙ୍କ ମଧ୍ୟରେ ୧୫୬୨ ପୁରୁଷ ଓ ୧୪୧ ମହିଳା ସାମିଲ ରହିଛନ୍ତି । ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତି ବର୍ଦ୍ଧନ ସିଂ ଏହି ସୂଚନା ଦେଇଛନ୍ତି । ଡିଏମ୍‌କେ ସାଂସଦ କାନିମୋଝୀ ଏହି ପ୍ରଶ୍ନ ପଚାରିଥିଲେ । ଗତ ୫ ବର୍ଷ ମଧ୍ୟରେ ଅର୍ଥାତ ୨୦୨୦ରୁ ଏପର୍ଯ୍ୟନ୍ତ ଆମେରିକାରୁ ମୋଟ୍ ୫୫୪୧ ଭାରତୀୟଙ୍କୁ ବହିଷ୍କାର କରାଯାଇଛି ବୋଲି ସେ କହିଛନ୍ତି । ଅନ୍ୟପଟେ ଏହି ୫ ବର୍ଷ ମଧ୍ୟରେ ବ୍ରିଟେନ ୩୧୧ ଜଣ ଭାରତୀୟଙ୍କୁ ବିଦା କରିଛି । ସେହିପରି ୨୦୨୫ରେ ୧୩୧ ଭରାତୀୟଙ୍କୁ ବ୍ରିଟେନରୁ ବିଦା କରାଯାଇଛି । ଏହି ସଂଖ୍ୟାରେ ଅନ୍ତର ଆସିପାରେ ବୋଲି ସେ କହିଛନ୍ତି । କାରଣ କେତେଜଣ ଭାରତୀୟଙ୍କ ପାଖରେ ବୈଧ ଦସ୍ତାବିଜ ଥିଲେ ମଧ୍ୟ ବ୍ରିଟେନ ସେମାନଙ୍କୁ ବିଦା କରିଛି । ବିଭିନ୍ନ ଦେଶରୁ ଭାରତୀୟମାନଙ୍କୁ ଡିପୋର୍ଟ କରାଯିବା ଅବସରରେ ସେମାନଙ୍କ ସହ ଯେପରି ଅମାନବୀୟ ବ୍ୟବହାର ନ କରାଯାଏ, ସେଥିପାଇଁ ଏହି ଦେଶଗୁଡିକ ସହ ଭାରତ ସମ୍ପର୍କ ରକ୍ଷା କରିଆସୁଛି । ଉଲ୍ଲେଖଥାଉ କି ଭାରତୀୟଙ୍କ ହାତ ଓ ଗୋଡରେ ଚେନ୍ ବାନ୍ଧି ଆମେରିକା ଡିପୋର୍ଟ କରିଥିଲା ଓ ଏ ନେଇ ସେତେବେଳେ କେନ୍ଦ୍ର ସରକାର ପ୍ରବଳ ସମାଲୋଚନାର ସମ୍ମୁଖୀନ ହୋଇଥିଲେ ।

### ଗତ ୫ ବର୍ଷରେ ୫୫୪୧ଙ୍କୁ ଡିପୋର୍ଟ କରାଯାଇଛି



# ସାଗରିକା ନାଥ ଏନ୍‌ଆଇଏ ଏସ୍‌ପି

ଭୁବନେଶ୍ୱର,୨।୮ (ସମିସ): ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ସାଗରିକା ନାଥଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏର ଏସ୍‌ପି ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଆଇଏରେ ଏସ୍‌ପି ଭାବେ ସାଗରିକା ନାଥଙ୍କୁ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଭାରତୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ୨୦୨୫ ଜୁଲାଇ ୩୧ରେ ଚିଠି ଲେଖାଯାଇଛି। ତାଙ୍କୁ ଓଡ଼ିଶା ଏନଆଇଏ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି।



ଉଲ୍ଲେଖନୀୟ ଯେ ରାଜ୍ୟରେ ଟ୍ରାଫିକ ନିୟମ ପାଳନ ନେଇ ଏବଂ କଡ଼ାକଡ଼ି ନିୟମ ଲାଗୁ ନେଇ ବେଶ ଚର୍ଚ୍ଚାରେ ଥିଲେ ସାଗରିକା ନାଥ। ୩୭ ବର୍ଷୀୟା ସାଗରିକ ନାଥ ହେଉଛନ୍ତି ୨୦୧୬ ବ୍ୟାଚର ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର। କେନ୍ଦ୍ରୀୟ ଡେପୁଟେସନରେ ଯାଉଥିବା ସାଗରିକାଙ୍କୁ ଏନଆଇଏର ଏସପି ଭାବେ ନିଯୁକ୍ତ ଦିଆଯାଇଛି। ସେ ଏବେ ଖୋର୍ଦ୍ଧା ଏସପି ଭାବେ କାର୍ଯ୍ୟରତ। ଏହା ପୂର୍ବରୁ ସେ ବାଲେଶ୍ୱର ଏବଂ ସୁନ୍ଦରଗଡ଼ରେ ଏସ୍‌ପି ଭାବେ କାମ କରିଥିଲେ। ଭୁବନେଶ୍ୱର କମିସନରେଟ୍ ପୁଲିସରେ ଥିବା ବେଳେ ଚାଳକଙ୍କ ପ୍ରତି ନିଜର ଉତ୍ତମ ବ୍ୟବହାର ଓ ଟ୍ରାଫିକ୍ ନିୟକ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚର୍ଚ୍ଚାରେ ଥିଲେ ସାଗରିକା। ତାଙ୍କୁ ଏନଆଇଏ ଭୁବନେଶ୍ୱର ଏସ୍‌ପି ଅଫିସରେ ନିଯୁକ୍ତି ମିଳିପାରେ ବୋଲି କୁହାଯାଉଛି। ଏନେଇ ସାଗରିକା ନାଥ କହିଛନ୍ତି ଯେ ତାଙ୍କୁ ପ୍ରଥମେ ଦିଲ୍ଲୀରେ ଯୋଗଦେବାକୁ ପଡ଼ିବ। ପରେ ତାଙ୍କ ଏନ୍‌ଆଇଏ ଡିଜି ଯେଉଁଠି ନିଯୁକ୍ତି ଦେବେ ତାହା ସେ ଗ୍ରହଣ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସାଗରିକାଙ୍କ ମୂଳ ଘର ହେଉଛି ଢେଙ୍କାନାଳ ଜିଲ୍ଲାରେ। ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲକୋରେ ଡିଜିଏମ୍ ଥିଲେ। ଦାଦା ସୁଶାନ୍ତ ନାଥ ମଧ ଓଡ଼ିଶା କ୍ୟାଡର୍ ଆଇପିଏସ୍। ସେ କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ବିଶାଖାପାଟଣାରେ ଯୁକ୍ତଦୁଇ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିଗ୍ରି ହାସଲ କରିଥିଲେ। ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୁଲିସ ସେବାରେ ଯୋଗଦେଇଥିଲେ ସାଗରିକା।

## ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ

# ଡେପୁଟେସନ୍‌ରେ ମାଲମାଲ

- ଅଧ୍ୟାପକଙ୍କୁ କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ
- ହାଜିରା ଦେଇ ଦରମା ନେଉଛନ୍ତି ୩୩ ଅଧ୍ୟାପକ
- ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ଥଇଥାନ ପାଇଁ ପ୍ରତିଯୋଗିତା!

ଭୁବନେଶ୍ୱର,୨।୮ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ନାହାନ୍ତି ପର୍ଯ୍ୟାପ୍ତ ଅଧ୍ୟାପକ। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨ ପ୍ରତିଶତରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି। ସେହିପରି ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ ୫୦ ପ୍ରତିଶତରୁ ଅଧିକ ପଦ ଖାଲି ରହିଛି। ଅଧ୍ୟାପକ ଅଭାବରୁ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଗୁଣାତ୍ମକ ମାନ ହ୍ରାସ ପାଉଛି। ଏସବୁ ପଦରେ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ମଧ ନେଉନାହାନ୍ତି। ଅପରପକ୍ଷରେ ନିଯୁକ୍ତ ଅଧ୍ୟାପକଙ୍କ ମଧ୍ୟରୁ ବହୁ ଅଧ୍ୟାପକଙ୍କୁ ଡେପୁଟେସନ୍‌ରେ ବିଭାଗକୁ ବଦଳି କରାଯାଉଛି। ଶିକ୍ଷାଦାନ ବଦଳରେ ସେମାନଙ୍କୁ କିରାଣୀ କାର୍ଯ୍ୟ କରାଯାଉଛି। ଯାହା ଗୁଣାତ୍ମକ ଶିକ୍ଷାଦାନ ନେଇ ସରକାରଙ୍କ ପ୍ରତିବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ରାଜଧାନୀର ପ୍ରତିଷ୍ଠିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସର୍ବାଧିକ ୪ଜଣ ଅଧ୍ୟାପକ ଡେପୁଟେସନ୍‌ରେ ଅଛନ୍ତି। ମାନବଶାସ୍ତ୍ର (ଆନ୍ଥ୍ରୋପଲୋଜି) ବିଭାଗର ସମ୍ପ୍ରିତି ପଣ୍ଡା, ରସାୟନ ବିଜ୍ଞାନ ଅଧ୍ୟାପକ ସରୋଜ ପ୍ରଧାନ, କମ୍ପ୍ୟୁଟର୍ ସାଇନ୍ସ ବିଭାଗର ଅଧ୍ୟାପକ ପାଣ୍ଡବ ପ୍ରଧାନ ଓ ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବେହେରା ଡେପୁଟେସନ୍‌ରେ ଯାଇ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନୁରୂପ ଭାବେ କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡ. ସ୍ମରଣିକା ଦାସ ଓ ଗଣିତ ଅଧ୍ୟାପିକା ପ୍ରଭାତ ମଞ୍ଜରୀ ମହାନ୍ତି, ରାଜଧାନୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ହୃଷୀକେଶ ନାୟକ ଏବଂ ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଅଧ୍ୟାପିକା ରୁପସା ମହାପାତ୍ର ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୮ଜଣ ଅଧ୍ୟାପକ/ଅଧ୍ୟାପିକା ଡେପୁଟେସନ୍‌ରେ ଥିବା ବେଳେ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଏମାନଙ୍କ ମଧ୍ୟରୁ ଅନେକଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବା ବେଳେ କେବଳ ହାଜିରା ଦେଇ ଫେରୁଛନ୍ତି। ଆଉ କିଛି ଅଧ୍ୟାପକ କିରାଣୀ କାମ କରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି, ୮ହଜାର ଗ୍ରେଡ୍-ପେ' ପାଉଥିବା ପ୍ରାୟ ୩୩ଜଣ ଅଧ୍ୟାପକ ଶିକ୍ଷାଦାନ ନକରି ମୋଟା ଅଙ୍କର ଦରମା ନେଉଛନ୍ତି। ଏସବୁ କାହା ସ୍ୱାର୍ଥରେ ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ ସେମାନେ ଅଭିଯୋଗ କରିଛନ୍ତି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଭାଗରେ ଏତେ ଅଧିକାରୀ ବସିବା ପାଇଁ ଜାଗା ମଧ ନାହିଁ। ଗୋଟିଏ ପ୍ରକୋଷ୍ଠରେ ୪ରୁ ୬ଜଣ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ଆରମ୍ଭ ହୋଇଥିବା ଏହି ଡେପୁଟେସନ୍ ପରମ୍ପରା ଆଗକୁ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

# ପିଏମ୍ କିଷାନ ଟଙ୍କା ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

- ଦେଶର ୯.୭ କୋଟି ଚାଷୀଙ୍କୁ ମିଳିଲା ୨୧ ହଜାର କୋଟି
- ଓଡ଼ିଶାର ୩୪ ଲକ୍ଷ ଚାଷୀ ପାଇଲେ ୬୯୭ କୋଟି

ଭୁବନେଶ୍ୱର/ବାରଣାସୀ, ୨।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କିଶାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାର ୨୦ତମ କିସ୍ତି ଜାରି କରିଛନ୍ତି। ସେ ଉତ୍ତରପ୍ରଦେଶ ବାରାଣସୀରୁ ଦେଶର ୯.୭ କୋଟି ଚାଷୀଙ୍କ ଆକାଉଣ୍ଟକୁ ୨୦.୮୪ କୋଟି ଟଙ୍କା ଟ୍ରାନ୍ସଫର୍ କରିଛନ୍ତି। ଏଥିରେ ଓଡ଼ିଶାର ୩୪ଲକ୍ଷ ଚାଷୀଙ୍କୁ ୬୯୭ କୋଟି ଟଙ୍କା ମିଳିଛି। ଏହି ଉପଲକ୍ଷେ କୃଷି ବିଭାଗ ସିଫାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଆମ ସରକାର ଚାଷୀ ଭାଇଭଉଣୀଙ୍କ ସରକାର। ବର୍ଷକ ଭିତରେ ଆମ ସରକାର ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀ ଭାଇମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ମିଳୁଛି।



ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ୩୪ଲକ୍ଷ ୮୫ ହଜାର ୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଇଛି। ଏହି ଅର୍ଥରାଶିରେ ଚାଷୀମାନେ ବିହନ, ସାର କିଣିବେ। ସରକାର କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସଦାସର୍ବଦା ପ୍ରୟାସ କରୁଛନ୍ତି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ବର୍ଗର ଚାଷୀ ସୁବିଧା ପାଇପାରୁଛନ୍ତି। ସହରାଞ୍ଚଳର ଚାଷୀମାନେ ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ 'ପିଏମ -କିଷାନ ଦିବସ' ଭାବେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମଧ୍ୟାହ୍ନ ଭୋଜନରେ ଝିଟିପିଟି

## ୭୦ ଛାତ୍ରଛାତ୍ରୀ ଅସୁସ୍ଥ

ଟିଟିଲାଗଡ଼,୨।୮ (ସମିସ): ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଯିବାରୁ ୭୦ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍‌ର ତେତେଲଖୁଣ୍ଟି ଗାଁ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା



ଘଟିଛି। ସେମାନଙ୍କୁ ଟିଟିଲାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ଶନିବାର ତେତେଲଖୁଣ୍ଟି ଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ପ୍ରାୟ ୭୦ରୁ ୭୫ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟାସାରିବା ପରେ ଖାଦ୍ୟରେ ଝିଟିପିଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ସମୟ ମଧ୍ୟରେ ଅନେକ ଛାତ୍ରଛାତ୍ରୀ ଖାଦ୍ୟ ଖାଇ ସାରିଥିଲେ। ପରେ କିଛି ଛାତ୍ରଛାତ୍ରୀଙ୍କ ପେଟ ବଥା ହେବା ସହ ମୁଣ୍ଡ ବୁଲାଇଥିଲା। ସେଥିମଧ୍ୟରୁ କିଛି ଛାତ୍ରଛାତ୍ରୀ ବାନ୍ତି କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଟିଟିଲାଗଡ଼ ହସପିଟାଲରେ ଭର୍ତ୍ତି କରାଇଥିଲେ। ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରାଯାଇଥିଲା।

ଅପରପକ୍ଷେ, ସ୍କୁଲର ଶିକ୍ଷକ ଓ ପାଚିକାଙ୍କ ଅବହେଳା ଯୋଗୁଁ ଏଭଳି ଛାତ୍ରଛାତ୍ରୀ କଷ୍ଟ ପାଇଥିବା ଅଭିଭାବକ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ଛାତ୍ରଛାତ୍ରୀ ଅନେକ ସମୟରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିଏମଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟିଟିଲାଗଡ ହସପିଟାଲ ଆସିଲେଣି ଓ ସମସ୍ତଙ୍କ ଅବସ୍ଥା ଠିକ୍ ଅଛି ଓ ତାଙ୍କ ଚିକିତ୍ସା ଚାଲିଛି।

# ଶିମିଳିପାଳରୁ ୫ ଶିକାରୀ ଗିରଫ

ବାରିପଦା, ୨।୮ (ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜାଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୫ଜଣ ଶିକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ, କାହ୍ନୁ ଜାମଦା ସିଂ(୩୦), ପ୍ରଦୀପ ସିଂ(୩୧), ସୋମନାଥ ସିଂ(୩୫), ଗୌର ସିଂ(୨୪) ଓ ଦେବେନ୍ଦ୍ର ସିଂ(୨୦)। କ୍ୟାମେରା ସହାୟତାରେ ଏହି ୫ଜଣ ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୩ଟି ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

# ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗ



- ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ
- ଶୋକବ୍ୟକ୍ତ କଲେ ବିଶିଷ୍ଟ ବ୍ୟକ୍ତିବିଶେଷ

ଭୁବନେଶ୍ୱର, ୨।୮ (ସମିସ): ଓଡ଼ିଆ ସିନେ ଜଗତର ପ୍ରଖ୍ୟାତ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମା' କନକ ମହାପାତ୍ରଙ୍କ ଆଜି ପରଲୋକ ହୋଇଯାଇଛି। ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ଶ୍ରୀ ମହାପାତ୍ରଙ୍କ ବାସଭବନରେ ପହଞ୍ଚି କନକଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏଭଳି ଦୁଃଖଦ ସମୟରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ସମେତ ବହୁ କଳାକାର, ରାଜନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ମଧ କନକଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଗର୍ଜିଲା ପୁଲିସ୍ ବନ୍ଧୁକ

# ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଧାନ୍ତ ସୁନୀଲ ଗୁରୁତର

- ସୁନୀଲ ନାମରେ ରହିଛି ୨୦ରୁ ଅଧିକ ମାମଲା
- ଘଟଣାସ୍ଥଳରୁ ସୁନୀଲର ସହଯୋଗୀ ଫେରାର୍
- ମାଉଜର୍, ମାଗାଜିନ, ୩ଟି ଅଫୁଟା ଗୁଳି ଜବତ

ବ୍ରହ୍ମପୁରର/ରଙ୍ଗେଇଲୁଣ୍ଡା,୨।୮ (ସମିସ): ହତ୍ୟା, ଲୁଟ, ଦାଦାବଟି ଆଦାୟ ଓ ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଅଧିକ ସଙ୍ଗୀନ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଦ୍ଧାନ୍ତ ଅପରାଧୀ ସୁନୀଲ ନାହକ ଓରଫ୍ ମଲ୍ଲକୁ ଶନିବାର ବ୍ରହ୍ମପୁର ପୁଲିସ୍ ଏନକାଉଣ୍ଟର୍ କରିଛି। ସୁନୀଲର ବାମ ଗୋଡ଼ରେ ଗୋଟିଏ ଗୁଳି ବାଜିଛି। ତାକୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ୍ ତା' ପାଖରୁ ନଗଦ ୨୧ହଜାର ଟଙ୍କା, ଗୋଟିଏ ମାଉଜର, ୩ଟି ଗୁଳି ଏବଂ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିଛି। ତେବେ



ଘଟଣାସ୍ଥଳରୁ ସୁନୀଲର ସହଯୋଗୀମାନେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ଗତ କିଛି ମାସ ଧରି ଗୋପାଳପୁର, ନିମଖଣ୍ଡି, ଗୋଳନ୍ଥରା ଓ ବ୍ରହ୍ମପୁର ସହରରେ ଏକାଧିକ ଛିନତାଇ ଓ ଲୁଟ ଭଳି ଘଟଣା ଘଟିଥିବା ବେଳେ ଏକାଧିକ ଘଟଣାରେ ବନ୍ଧୁକ ବ୍ୟବହାର ହୋଇଛି। ଅଭିଯୋଗ ଆଧାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ବଛାବଛା ପୁଲିସ ଅଧିକାରୀଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଗଠିତ ଟିମ୍‌ରେ ସଦର ଏସ୍‌ଡିପିଓ ଏସଏସ ପରିଡ଼ା, ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ, ଇନ୍ସପେକ୍ଟର୍ କୃଷ୍ଣ ସାହା, ସବ୍‌ଇନ୍ସପେକ୍ଟର୍ ସିଲୁ ଧଳ, ଅଭିଷେକ ପାଣ୍ଡବ, ଗଗନ ବେହେରା, ଜ୍ଞାନ ବେହେରା ଓ ଏଏସ୍‌ଆଇ ଆର.ସି. ଚୌଧୁରୀଙ୍କ ସମେତ ମୋଟ ୧୨ଜଣ ଅଧିକାରୀ ରହିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତଦନ୍ତ ବେଳେ ନିକଟରେ ଘଟିଥିବା ବିଭିନ୍ନ ଲୁଟ୍ ଘଟଣାରେ ସୁନୀଲର ହାତ ଥିବା ପୁଲିସ୍



ଜାଣିବାକୁ ପାଇଥଲା। ସୁନୀଲ ଓ ତା'ର ସହଯୋଗୀ ପିତାତଳି ନିକଟରେ ଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ପହଞ୍ଚି ସୁନୀଲକୁ କାବୁ କରିବାକୁ ଚେଷ୍ଟା କରିଥିଲା। ଏହା ଦେଖି ସୁନୀଲ ପୁଲିସ୍ ଉପରକୁ ଗୁଳି କରିଥିଲା। ଗୋଟିଏ ଗୁଳି ପୁଲିସ୍ ଗାଡ଼ିରେ ବାଜିଥିବା ବେଳେ ପୁଲିସ୍ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ପୁଲିସ୍ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ସୁନୀଲର ବାମ ଗୋଡ଼ରେ ଗୁଳି ବାଜିଥିଲା। ପରେ ପୁଲିସ୍ ଆହତ ସୁନୀଲକୁ କାବୁ କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଏହା ଦେଖି ସୁନୀଲର ସହଯୋଗୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୁନୀଲ ନାମରେ ପୂର୍ବରୁ ଦୁଇଟି ହତ୍ୟା, ୬ଟି ଲୁଟ, ଦାଦାବଟି ଆଦାୟ, ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଉର୍ଦ୍ଧ୍ୱ ସଙ୍ଗୀନ ମାମଲା ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ରହିଥିବା ଜଣାପଡ଼ିଛି। ୬ବର୍ଷ ତଳେ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ହୋଇଥିବା ୧୨ଟି ଲୁଟ୍ ଘଟଣା ଏବଂ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ୯ଜଣିଆ ଏକ ଅପରାଧୀ ଗ୍ୟାଙ୍ଗକୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କବିସୂର୍ଯ୍ୟନଗର ଆଇ.ବି ରୋଡ୍‌ର ସୁନୀଲ ମହାନ୍ତି ଓରଫ୍ ସୁନୀଲ ନାହକ ଓରଫ୍ ମଲ୍ଲ ସାମିଲ ଥିଲା। ଗିରଫ ବେଳେ ତା'ଠାରୁ ବହୁ ଗୁଳିଗୋଳା ଓ ମାରଣାସ୍ତ୍ର ଜବତ ହୋଇଥିଲା।

# ଟ୍ରକ୍‌କୁ ପଛରୁ ପିଟିଲା ଟ୍ରାଭେଲର୍; ୭ ଯବାନ ଗୁରୁତର

ଅନୁଗୋଳ,୨।୮ (ସମିସ): ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ମୁଣ୍ଡାସାହିଠାରେ ଏକ ଦୁର୍ଘଟଣା ଘଟି ୧୦ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ୨ୟ ବାଟାଲିୟନର ୧୪ଜଣ ଯବାନଙ୍କୁ ନେଇ ଏକ ଟ୍ରାଭେଲର ଗାଡ଼ି ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା।



ମୁଣ୍ଡାସାହିଠାରେ ଜାତୀୟ ରାଜପଥ ଉପରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଟ୍ରାଭେଲର୍ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ଯବାନମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୁରୁତର ୭ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସାମାନ୍ୟ ଆହତ ହୋଇଥିବା ୩ ଜଣଙ୍କ ସମେତ ୫ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ମୋହନା, ୨।୮ (ସମିସ): ଶୌଚ ପାଇଁ ଯାଇ ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣା ଘଟିଛି, ଗଜପତି ଜିଲ୍ଲା ଅଡ଼ବା ଥାନା ବିରିକୋଟ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗଣ୍ଡା ଗ୍ରାମରେ। ଶନିବାର ସନ୍ଧ୍ୟାରେ ଗ୍ରାମର ଅଜୟ ନାୟକଙ୍କ ନାବାଳକ ପୁଅ ଆଦିତ୍ୟ ନାୟକ(୧୨) ଏବଂ ଆକାଶ ନାୟକଙ୍କ ପୁଅ ଆୟେଜା ନାୟକ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ୨ ନାବାଳକଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ପରିବାରବର୍ଗ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେବାବେଳେ ପରିବାରବର୍ଗ କିନ୍ତୁ ମୃତଦେହ ନେଇ ନିଜ ଗ୍ରାମକୁ ଚାଲିଯାଇଥିଲେ। ଏନେଇ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରେ ଘଟଣା ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

## ମହାନଦୀ ଜଳ ବିବାଦ

# ସମାଧାନ ପାଇଁ ଟ୍ରିପଲ୍ ଇଞ୍ଜିନ ସରକାରର ଆନ୍ତରିକତା ନାହିଁ: ବିଜେଡି

- ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ସ୍ପଷ୍ଟ ହେଉ
- ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ

ଭୁବନେଶ୍ୱର,୨।୮ (ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆପୋସ ଆଲୋଚନାକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଦେଇଥିବା ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ଅଣ-ମୌସୁମୀ ସମୟରେ ଆବଶ୍ୟକ ପରିମାଣର ଜଳ ଓଡ଼ିଶାକୁ ମିଳିବା ନିହାତି ଆବଶ୍ୟକ। ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ ବୋଲି ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପର ମୁଣ୍ଡରେ ଅନେକଗୁଡ଼ିଏ ବ୍ୟାରେଜ ନିର୍ମାଣ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ସରକାରଙ୍କ ଦ୍ୱାରା ପ୍ରତିବାଦ କରାଯାଇଥିଲା। ହେଲେ ସେତେବେଳର ଛତିଶଗଡ଼ର ରମଣ ସିଂଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏହାକୁ କର୍ଣ୍ଣପାତ କରିନଥିଲେ। ପରେ ୨୦୧୬ ମସିହାରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଓ ଉଭୟ ରାଜ୍ୟର ବରିଷ୍ଠ ପଦାଧିକାରୀଙ୍କ



ଉପସ୍ଥିତିରେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନମିଳିବାରୁ, ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇନଥିଲା। ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବୁନାଲ ଗଠନ ହୋଇଥିଲା। ସେବେଠାରୁ ଏହି ମାମଲା ଟ୍ରିବୁନାଲରେ ବିଚାରାଧୀନ ରହିଛି।

ଶ୍ରୀ ମିଶ୍ର ଆହୁରି କହିଥିଲେ, ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ହେବ ବୋଲି ପୁଣିଥରେ ଏହାର ଆଲୋଚନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତ ୨୪ତାରିଖରେ ଏହି ପ୍ରସ୍ତାବିତ ଆପୋଷ ଆଲୋଚନାରେ କେଉଁ କେଉଁ ବିନ୍ଦୁରେ ଏହି ବିବାଦର ସମାଧାନ ପାଇଁ ଆଲୋଚନା କରାଯାଉଛି, ତାହା ରାଜ୍ୟର ସ୍ୱାର୍ଥର ପରିପନ୍ଥୀ ନୁହେଁ ତ ବୋଲି ପ୍ରଶ୍ନ କରିଥିଲେ। ଅପରପକ୍ଷେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୁଲାଇ ୨୫ ତାରିଖରେ ଆପୋଷ ଆଲୋଚନା ପାଇଁ ଲେଖାଯାଇଥିବା ଚିଠିର ଉତ୍ତର ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ଏହି ଚିଠିରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ ଲେଖିଛନ୍ତି। କିନ୍ତୁ, ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ସେ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର। ଏହାଛଡ଼ା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର କହିଥିଲେ।

# ବିଲ ମଝିରେ ନିଜ ଦେହରେ ନିଆଁ ଲଗାଇଦେଲେ

## ମହିଳା ମୃତ; ପୁରୁଷ ଗୁରୁତର

ଶୁକ୍ଳି/ଖୁଣ୍ଟିଂ,୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ୍ ଖୁଣ୍ଟିଂ ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଖୁଣ୍ଟିଂ ମହାବିଦ୍ୟାଳୟ ସମ୍ମୁଖ ଏକ ବିଲ ମଧ୍ୟରେ ଜଣେ ମହିଳା ଓ ପୁରୁଷ ନିଜ ଉପରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏଥିରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁରୁଷଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ସ୍ଥାନୀୟ ପାତାସାହିର ଭାରତୀ ପାତ୍ର। ଗୁରୁତର ହୋଇଥିବା ରାଇରଙ୍ଗପୁରର ହରିଶଙ୍କର ଆଚାର୍ଯ୍ୟଙ୍କୁ ଚିକିତ୍ସା ପାଇଁ କେନ୍ଦୁଝରର ସ୍ଥାନାନ୍ତର କରାଯାଇଛି। ହରିଶଙ୍କର ବିବାହିତ ଓ ଖୁଣ୍ଟିଂ ପଣସି ଗ୍ରାମରେ ତାଙ୍କ ଶ୍ୱଶୁର ଘର। ମୃତ ମହିଳାଙ୍କ ଶଶୁର ଘର ଯାଜପୁର ଅଞ୍ଚଳରେ। ସେ ଭଲ ପାଇ ସେତେବେଳେ ବିବାହ କରିଥିଲେ। ତାଙ୍କ ଝିଅକୁ ଧରି ସେ ବାପଘର ଖୁଣ୍ଟିଂରେ ଦୀର୍ଘ ଦିନ ଧରି ରହୁଥିଲେ। ହେଲେ, କେଉଁ କାରଣରୁ ଦୁହେଁ ଆତ୍ମାହୁତି ପାଇଁ ନିଷ୍ପତ୍ତି ନେଲେ ତାହାର କାରଣ ଜଣାପଡ଼ିନାହିଁ। ପରକୀୟା ପ୍ରୀତି ପାଇଁ ଏଭଳି ପରିସ୍ଥିତି ଘଟିଥିବା ଆଲୋଚନା ହେଉଛି। ରରୁଆଁ ପୁଲିସର ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ସୂଚନାନୁସାରେ, ଶନିବାର ସକାଳ ସାଢ଼େ ୮ଟା ବେଳେ ଏକ ବିଲ ମଝିରେ ଉଭୟ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଭୟ ଜଳିଯାଉଥିବା ଦେଖି ନିକଟରେ ଥିବା ମହିଳାଙ୍କ ଭାଇ ଓ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଶୁକ୍ଳି ମେଡିକାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଭାରତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ହୁତୁହୁତୁ ହୋଇ ଜଳିଗଲା ଶାଢ଼ି ଦୋକାନ

ଉଦଳା, ୨।୮ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଏକ ଲୁଗା ଦୋକାନରେ ନିଆଁ ଲାଗିଯିବାରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଶାଢ଼ି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଦଳା ସହରର ରଥ ଛକ ନିକଟରେ ଥିବା ନ୍ୟୁ-ଶାଢ଼ିମହଲ ଦୋକାନରେ ଗତକାଲି ରାତିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ହେଲେ ସଟର୍ ଭିତରୁ ଧୂଆଁ ବାହାରିବାରୁ ରାତି ଜଗୁଆଳି ଏହା ଦେଖି ତୁରନ୍ତ ଦୋକାନ ମାଲିକଙ୍କୁ ଫୋନ ଯୋଗେ ଜଣାଇଥିଲା। ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଉଦଳା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୩ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଦୋକାନରେ ଥିବା ବହୁ ମୂଲ୍ୟବାନ ଶାଢ଼ି, ପାଟଶାଢ଼ି ସମେତ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ୭୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରା ଶାଢ଼ି, ପୋଷାକ ସମେତ ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।

# ବନ୍ୟା ଓ ଲଗାଣ ବର୍ଷାରେ ବାସଗୃହ ହରାଇଥିବା ପରିବାରକୁ ଥଇଥାନ ଦାବି



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨।୮ (ସମିସ): ଚଳିତ ବର୍ଷ ବନ୍ୟା ଓ ଲଗାଣ ବର୍ଷା କାରଣରୁ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳର ପେଣ୍ଠପାଳ ପଞ୍ଚାୟତ କୂଳସାହି ଗ୍ରାମରେ ବନ୍ୟା ଓ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଲୋକଙ୍କ କରୁଣ ଚିତ୍ର ଦେଖିବାକୁ ମିଳିଛି। କୂଳସାହି ଗ୍ରାମର ଡଲି ଅପା ଭାବେ ପରିଚିତ ଆଶା ଦିଦି ଜଣେ କର୍ମ ତତ୍ପର ମହିଳା ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇଆସିଛନ୍ତି। ଗାଁରେ ଯିଏବି ମାତୃତ୍ୱ ଲାଭ କରିବ ସେଠାରେ ଡଲି ଅପା ରାତିଦିନ ଖାତିର ନ କରି ରୋଗୀଙ୍କ ସହିତ ଉପସ୍ଥିତ ରହିଥା'ନ୍ତି। କିନ୍ତୁ ଲଗାଣ ବର୍ଷା ଓ ବନ୍ୟା କାରଣରୁ ତାଙ୍କ ଚାଳଛପର ଘରର କାନ୍ଥ ଗଳି ପଡିଛି। ଅନ୍ୟର ଦୁଃଖରେ ସହଭାଗୀ ହୋଇଆସୁଥିବା ଡଲି ଅପାଙ୍କ ରହିବାକୁ ଘର ନାହିଁ। ସେହିଭଳି କୂଳସାହି ଗ୍ରାମର ଶାନ୍ତନୁ ମଲିକ, ବୁଲା ମଲିକ, ତପନ ମଲିକଙ୍କ ଘର ଭାଙ୍ଗିଛି। କୂଳସାହି ଗ୍ରାମର ବିଧବା ମହିଳା କବି ମଲିକଙ୍କ ଦୁଃଖ ନ କହିବା ଭଲ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ ମିଳିବାରୁ ନିଜେ ମାଟି ଘର ତିଆରି କରି ରହୁଥିଲେ। କିନ୍ତୁ ବନ୍ୟା ଓ ଲଗାଣ ବର୍ଷା କାରଣରୁ ତାଙ୍କ ଘର କାନ୍ଥ ପଡ଼ିଯାଇଛି। ଏହି ଅସହାୟ ମହିଳାଙ୍କ ପାଖରେ ପ୍ରଶାସନ ପହଞ୍ଚି ନାହିଁ। ସେହି ଗ୍ରାମର ବଟକୃଷ୍ଣ ମଲିକ, ଶରତ ମଲିକଙ୍କ ବ୍ୟତୀତ ଆହୁରି ଦୁଇଜଣଙ୍କ ଘର କାନ୍ଥ ପଡିଯାଇଥିବା ଖବର ମିଳିଛି। ପ୍ରଶାସନିକ ଅଧିକାରୀ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଧୋୟାଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଘଟି ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ଥଇଥାନ କରିବାକୁ ସାଧାରଣରେ ଦାବି ହୋଇଛି।

### ମାସେ ଧରି ବାହ୍ୟଜଗତରୁ ବିଚ୍ଛିନ୍ନ ସିଂହଗାଁ ପଞ୍ଚାୟତ

# ପରିଦର୍ଶନ କଲେ ବିଧାୟକ ଓ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨।୮ (ସମିସ)

ଚଳିତବର୍ଷ ବ୍ରାହ୍ମଣୀ ଓ କାଣୀନଦୀରେ ଦୁଇଥର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ଗରିବ ଖଟିଖିଆ ଓ ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇଛି। ଚଳିତ ବନ୍ୟାରେ ଦୀର୍ଘ ୧ ମାସ ଧରି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ସବୁଠୁ ଅଧିକ କ୍ଷତିଗସ୍ତ ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତକୁ ଆଜି ଅପରାହ୍ଣରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ପ୍ରିଦର୍ଶନୀ ତରାଇ ବନ୍ୟା ଘେରରେ ଥିବା ନୂଆପାଟଣା, ସିଂହଗାଁର ବିଭିନ୍ନ ପଡା ପରିଦର୍ଶନ କରି ବନ୍ୟା ସ୍ଥିତି ଓ ଲୋକଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ବିଧାୟକ ଓ ଜିଲ୍ଲାପାଳଙ୍କ ସହିତ ବ୍ଲକ୍ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ପିଇଓ ସର୍ବେଶ୍ୱର ବରାଳ, ପେଣ୍ଠପାଳ ପୂର୍ବତନ ସରପଞ୍ଚ କୈଳାସ ସେଠୀ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ତରଡ଼ିପାଳ ସରପଞ୍ଚ ଦେବେନ୍ଦ୍ର ନାୟକ ଓ ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ପ୍ରମୁଖ ପଞ୍ଚାୟତ ପ୍ରତିନିଧି ସାମିଲ ଥିଲେ। ଏ ଅବସରରେ ବିଧାୟକ ଗଣେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ତାରିଣୀ ମନ୍ଦିର ନିକଟରେ ଏକ ବନ୍ୟା ସ୍ଥିତି ସମୀକ୍ଷା ଓ ଜନଅଭିଯୋଗ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ୟା ବିପନ୍ନ ଲୋକଙ୍କ ବିଭିନ୍ନ ସମସ୍ୟା ସହିତ କଣ୍ଡିଆନାଳ ସେତୁ, ରାଉଳିଆ ସେତୁ ଓ ଜଳ ନିଷ୍କାସନ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବନ୍ୟାଞ୍ଚଳ ଲୋକଙ୍କ ଗମନାଗମନ ପାଇଁ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଘାଟ ତୁରନ୍ତ ମରାମତି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ବିପନ୍ନ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସଭାରେ ପୂର୍ବତନ ସରପଞ୍ଚ କନକବାଳା ମଲିକ, ବ୍ରହ୍ମାନନ୍ଦ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ନାୟକ, ଉମେଶ ମହାନ୍ତି, ଅଭୟ ସାମଲ ଓ ଦୀପକ ନାୟକ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭାବ ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଫେରିବା ବାଟରେ ବାରହା ଆକ୍ରମଣରେ ଆଙ୍ଗୁଠି ହରାଇଥିବା କୃଷ୍ଣଦାସପୁର ଗ୍ରାମର ପ୍ରଦୀପ ଦାସଙ୍କୁ ଜିଲ୍ଲାପାଳ ଓ ବିଧାୟକ ଭେଟିଥିଲେ। ବିଧାୟକଙ୍କ ସହିତ ପୂର୍ବତନ ସରପଞ୍ଚ କାଙ୍ଗାଳୀ ସେଠୀ, ବରିଷ୍ଠ ନେତା କେଦାର ବିଶ୍ୱାଳ, ଯୁବନେତା ଜ୍ୟୋତିରଞ୍ଜନ ପ୍ରଧାନ, ଅଭିଷେକ ବିଶ୍ୱାଳ, ନିରଞ୍ଜନ ସୁନ୍ଦରାୟ, ସସ୍ମିତ ଶ୍ରୀଚନ୍ଦନ, ଅଭିମନ୍ୟୁ ମଲ୍ଲିକ, ରଂଜିତ ରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ହୋଇ ବନ୍ୟାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଟ୍ରେନ୍‌ରେ ଚଢ଼ିବାକୁ ଗଲାବେଳେ ଚାଲିଗଲା ଜୀବନ

ପାରାଦୀପ, ୨।୮ (ସମିସ) : ଆଜି ସାନ୍ଧ୍ୟ ୬ଟାରେ ପାରାଦୀପ ରେଲୱେ ଷ୍ଟେସନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଟ୍ରେନ୍‌ରେ ଚଢିବାକୁ ଗଲାବେଳେ ଅସୁସ୍ଥ ହୋଇପଡ଼ିଥିଲେ ଜଣେ ବ୍ୟକ୍ତି। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ବୋଲି ଡାକ୍ତର କହିଛନ୍ତି। ବରଗଡ ଜିଲ୍ଲା ଝରବନ୍ଧ ଥାନା ଅଧୀନ ଡୁମୁରିଚଡା ଗ୍ରାମର ପ୍ରଦ୍ୟୁମ୍ନ କେଉଟ (୪୩) ପାରାଦୀପରେ ରହୁଥିବା ଭିଣୋଇ ବୀରେନ୍ଦ୍ର ନାୟକଙ୍କ ପାଖକୁ ପାରାଦୀପ ବନ୍ଦର ବୁଲିବାକୁ ଆସିଥିଲେ। ସପ୍ତାହେ ରହି ବୁଲାବୁଲି କରିବା ପରେ ଆଜି ସନ୍ଧ୍ୟା ୬ଟାରେ ଟ୍ରେନ ଯୋଗେ ବରଗଡ ଯିବାକୁ ପାରାଦୀପ ଷ୍ଟେସନରେ ଟିକେଟ କାଟି ଟ୍ରେନ ନିକଟକୁ ଯିବାବେଳେ ସିଡିରୁ ଓହ୍ଲାଇବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏ ନେଇ ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜିଲ୍ଲାପାଳଙ୍କ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ପରିଦର୍ଶନ

ପଟ୍ଟାମୁଣ୍ଡାଇ,୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଫେରିବା ପରେ ଅଚାନକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ବିଭିନ୍ନ ୱାର୍ଡ ବୁଲି ଚିକିତ୍ସା ବ୍ୟବସ୍ଥା ତଦାରଖ କରିବା ସହିତ ରୋଗୀ ସେବା ଉପରେ ରୋଗୀଙ୍କୁ ପଚାରି ବୁଝିଥିଲେ। ହସ୍‌ପିଟାଲ ପରିସର



ବୁଲି ଦେଖିବା ସହିତ ଔଷଧ ବିତରଣ କେନ୍ଦ୍ର, ପରୀକ୍ଷାଗାର ସମେତ ଆଉଟଡୋର, ଇନଡୋର ମଧ୍ୟ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲାପାଳ ରୋଗୀ ସେବା, ମାଗଣା ଔଷଧ ବଣ୍ଟନ, ଇନଡୋର, ଆଉଟଡୋର ରୋଗୀ ଚିକିତ୍ସା, ପରିଷ୍କାର, ପରିଚ୍ଛନ୍ନତା ଓ ପିଇବା ପାଣି ଯୋଗାଣ ଉପରେ ସମୀକ୍ଷା କରି ଉତ୍ତମ ପରିବେଶ ବଜାୟ ରଖି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ସବଡିଭିଜନ ମେଡିକାଲ ଅଫିସର ଡା ନିରାକାର ପରିଡା ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ସାମିଲ ଥିଲେ।

## ବନ୍ୟାଞ୍ଚଳକୁ ସହାୟତା ନିମନ୍ତେ କଂଗ୍ରେସର ଦାବିପତ୍ର



ଆଳି, ୨।୮ (ସମିସ): ଆଳି ବ୍ଲକ୍ ବନ୍ୟାଞ୍ଚଳରେ ତୁରନ୍ତ ରିଲିଫ୍, ସ୍ୱାସ୍ଥ୍ୟସେବା, ପାନୀୟଜଳ, ଗୋଖାଦ୍ୟ ଓ ଚାଷୀଙ୍କୁ ସମ୍ପୂର୍ଣ୍ଣ ଋଣ ଛାଡ଼ ଓ ଚାଷ ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଆଳି କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ତଥା ରାଜ୍ୟ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଳି ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଆଳି ବ୍ଲକ୍‌ର ପାଳିନି, ଦେସାହି, କେତୁଆପାଳ, ଗୋବିନ୍ଦପୁର, ପେତପଡା, ଜୁଆଣିଆ, ଡିମିରପାଳ, ଏରଡଙ୍ଗ, ଫସିଧା, ଅରଗଳ, ପଦିନିପାଳ, ଦଶିପୁର, କୋଳଡିହ, ମାଣିକପାଟଣା, ନରେନ୍ଦ୍ରପୁର, ଏକମାଣିଆ, ଦେମାଳ ଆଦି ପ୍ରାୟ ୧୭ଟି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏବେ ସୁଦ୍ଧା ଅନେକ ଜଳବନ୍ଦୀ ହୋଇରହିଛି। ଆଜି ସୁଦ୍ଧା ସେମାନଙ୍କ ପାଖରେ ପ୍ରଶାସନ ପକ୍ଷରୁ ଶୁଖିଲା କିମ୍ବା ରନ୍ଧାଖାଦ୍ୟ ଯୋଗାଇ ଦେବାର କୌଣସି ବ୍ୟବସ୍ଥା ହୋଇନାହିଁ। ଲୋକେ ଜ୍ୱର, ଝାଡ଼ାବାନ୍ତି ଓ ପ୍ରସବ ଆଦି ଅବସ୍ଥାରେ ଥାଇ ଘରୁ ବାହାରି ଚିକିତ୍ସା ପାଇବାରେ ବହୁ କଷ୍ଟ ଭୋଗୁଛନ୍ତି। ନଳକୂପ ଓ ପାଇପ ଜଳଯୋଗାଣ ବ୍ୟବସ୍ଥା ପାଣିରେ ବୁଡ଼ି ରହିଥିବାରୁ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବନ୍ୟା ଯୋଗୁଁ ଫସଲ ନଷ୍ଟ ହୋଇଛି। ବନ୍ୟାଞ୍ଚଳର ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଅଞ୍ଚଳର ଲୋକଙ୍କୁ ବର୍ତ୍ତମାନ ଓ ବନ୍ୟା ପରବର୍ତ୍ତୀ ସମୟରେ ଉପରୋକ୍ତ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଆଳି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨।୮ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହନସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସମସ୍ତ ସିଡିପିଓ ଯୋଗ ଦେଇଥିଲେ। ବୈଠକରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଅଧିକାର, ଶିଶୁ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓ, ଲିଙ୍ଗ ଅନୁପାତ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଶିଶୁଙ୍କ କ୍ଷେତ୍ରରେ ଜିଲ୍ଲାର ଆଶାନୁରୂପ ସଫଳତା ନ ଥିବାରୁ ବିଭାଗୀୟ ଅଧିକାରୀ ଏ ସଂକ୍ରାନ୍ତରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ହେଲ୍‌ପ ଲାଇନରେ ଆସୁଥିବା ଅଭିଯୋଗକୁ ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଏ ସଂକ୍ରାନ୍ତରେ ଅଧିକାରୀଙ୍କୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶିଶୁ ଶ୍ରମିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚଢ଼ଉକୁ ଜୋରଦାର କରିବା, ବାଲ୍ୟ ବିବାହ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ, ଲିଙ୍ଗ ଅନୁପାତ ହ୍ରାସ ଇତ୍ୟାଦି ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

## ବନ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ



ରାଜନଗର,୨।୮ (ସମିସ): ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ବିଭିନ୍ନ ବନ୍ୟାଞ୍ଚଳରେ ପହଞ୍ଚି ବିପନ୍ନ ଲୋକଙ୍କୁ ଭେଟିଛନ୍ତି। ବ୍ରାହ୍ମଣୀରେ ଆସିଥିବା ପ୍ରଥମ ବନ୍ୟା ଓ ପୁଣି ଦ୍ୱିତୀୟ ବନ୍ୟା ଆସିବା ଦ୍ୱାରା ଲୋକେ ପାଣି ଘେରରେ ଥିବାବେଳେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଶୁଖିଲା ଖାଦ୍ୟ, ପିଇବା ପାଣି, ଗାଈଗୋରୁଙ୍କ ପାଇଁ ଖାଦ୍ୟ, ଚାଷୀଙ୍କ ପାଇଁ କୃଷି ଋଣ ଛାଡ, ସହିତ ସାର ବିହନ ଲୋକଙ୍କ ପାଖରେ କିପରି ପହଞ୍ଚିବ, ସେ ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ତଥା ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ ରାଉତ, ଯୁବ ନେତା ପ୍ରଦୀପ ପ୍ରଧାନ, ସତ୍ୟପ୍ରିୟ ସାମଲ, ବରିଷ୍ଠ ନେତା ଦାମୋଦର ବିଶ୍ୱାଳ, ପୃଥୀରାଜ ପାତ୍ର, ଆଶିଷ ଲେଙ୍କା, ବାସୁଦେବ ଜେନା, ସୁରେନ୍ଦ୍ର ସାହୁ, ମନୋରଞ୍ଜନ ଦାସ, ସୁଶୀଲ ପ୍ରଧାନ, କପିଳ ସ୍ୱାଇଁ, ଶରତ ସ୍ୱାଇଁ, ରଞ୍ଜିତ ସାହୁ, ସୁଶାନ୍ତ ରାଉତ, ପ୍ରଶାନ୍ତ ନାୟକ, ସ୍ମୃତିରଞ୍ଜନ ପାଢୀ, ପ୍ରଭାତ ପ୍ରଧାନ, ରମାକାନ୍ତ ଜେନା, ଦଳିତ ନେତା ସର୍ବେଶ୍ୱର ସେଠୀ ପ୍ରମୁଖ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଭେଟିଛନ୍ତି। ବନ୍ୟା ପାଣିରେ ପ୍ରାଣ ହରାଇଥିବା ପାଳପାଟଣା ଗ୍ରାମର ଦୀନବନ୍ଧୁ ଧଳଙ୍କ ଅସହାୟ ପରିବାରକୁ ଭେଟିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## ୪୦ ପରିବାରକୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ଶୁଖିଲା ଖାଦ୍ୟ ବଣ୍ଟନ



ଗୋବିନ୍ଦପୁର, ୨।୮ (ସମିସ): ଆଳି ଧୋୟାଞ୍ଚଳର ଲୋକେ ପ୍ରାୟ ୨୦ରୁ ଅଧିକ ଦିନ ଧରି ବନ୍ୟା ପାଣି ଘେରରେ ରହିଛନ୍ତି। କେତେକ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହି ହୀନସ୍ତା ଭୋଗୁଥିବା ଦେଖିବାକୁ ମିଳିଛି। ଅଧିକ ଦୁର୍ଦ୍ଦିନରେ ଅଛନ୍ତି ପେତପଡ଼ା ଗ୍ରାମବାସୀ। ପ୍ରଶାସନ ପକ୍ଷରୁ କୌଣସି ସହାୟତା ପହଞ୍ଚିପାରିନି। ଆଜି ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା ପେତପଡ଼ା ବିପନ୍ନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହିତ ୪୦ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ପଞ୍ଚାୟତ ବିଜେଡିର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀଙ୍କୁ ପିଏମ କିଷାନ ସମ୍ମାନ ନିଧି ସହାୟତା ରାଶି ପ୍ରଦାନ




କେନ୍ଦ୍ରାପଡ଼ା,୨।୮ (ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଏମ କିଶାନ ସମ୍ମାନ ନିଧି ଅନ୍ତର୍ଗତ ଚାଷୀଙ୍କୁ ସହାୟତା ରାଶି ହସ୍ତାନ୍ତର କାର୍ଯ୍ୟକ୍ରମରେ ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ୯ କୋଟି ୭୦ ଲକ୍ଷରୁ ଅଧିକ ଚାଷୀ ଭାଇ ଭଉଣୀଙ୍କୁ ତାଙ୍କ ଜମା ଖାତାରେ ୨୦ତମ କିସ୍ତି ମାଧ୍ୟମରେ ୨୦,୫୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀଙ୍କ ଜମାଖାତାକୁ ୨୦୦୦ ଟଙ୍କା ପ୍ରଦାନ କରାଯାଇଛି।

## ଦେଶୀ ଓ ବିଦେଶୀ ମଦ ଜବତ; ୧ ଗିରଫ



ଡେରାବିଶ,୨।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଇନ୍ଦାଲୋ ପଞ୍ଚାୟତର ଫାଣ୍ଡିବର ଛକ ନିକଟରୁ ଆଜି ଅପରାହ୍ନରେ ଜଣେ ବ୍ୟକ୍ତି ଚୋରାରେ ମଦବିକ୍ରି କରୁଥିବାବେଳେ ଚାନ୍ଦୋଳ ପୁଲିସ୍ ମଦ ଜବତ କରାଯିବା ସହ ବିକ୍ରେତାଙ୍କୁ ଗିରଫ କରିଛି। ଚାନ୍ଦୋଳ ଫାଣ୍ଡିର କେତେକ କର୍ମଚାରୀ ଲୁଣାନଦୀ ସେପଟ ହରିଅଙ୍କ ଓ ଇନ୍ଦାଲୋ ପଞ୍ଚାୟତରେ ପାଟ୍ରୋଲିଂ କରୁଥିବା ସମୟରେ ଫାଣ୍ଡିବର ନିକଟସ୍ଥ ଏକ ଚାଳିଆ ଘରେ ଜଣେ ବ୍ୟକ୍ତି ବ୍ୟାଗ୍‌ରେ ମଦ ବିକ୍ରୟ କରୁଥିବା ଦେଖିଥିଲେ। ପୁଲିସ କର୍ମଚାରୀ ଚଢ଼ଉ କରିବାରୁ କୋଠାସାହି ଗ୍ରାମର ଗଣେଶ୍ୱର ବେହେରା (୫୦)ଙ୍କ ନିକଟରୁ ଏକ ବ୍ୟାଗରେ ୫ ବୋତଲ ବିୟର, ୨୭ ବୋତଲ ଆସ୍କାଫର୍ଟି, ୧୦ ବୋତଲ ହୁସ୍କି ଓ ୬ ବୋତଲ ରମ୍ ମୋଟ ୧୧ ଲିଟର ୫୩୦ ମିଲିଲିଟର ଚୋରା ମଦ ଜବତ କରିଥିଲେ। ମଦ ବିକ୍ରେତା ଶ୍ରୀ ବେହେରାଙ୍କୁ ଫାଣ୍ଡିକୁ ଆଣିଥିଲେ।

# ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା








ମାର୍ଶାଘାଇ,୨।୮ (ସମିସ)

ଓଡ଼ିଶା ଶିକ୍ଷକ ସଂଘ ଓଷ୍ଟା, ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ମିଳିତ ଭାବେ ୫ ଦଫା ଦାବିନେଇ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବ୍ଲକ୍ ଓଷ୍ଟା ସଂଘ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶିକ୍ଷକ ନେତା ଭ୍ରମର ରାଉତ, ଶିକ୍ଷକ ମହାସଂଘ ନେତା ନବଘନ ମହାରଣା, ବ୍ଲକ୍ ଓଷ୍ଟା ସମ୍ପାଦକ ପ୍ରସନ୍ନ ପରିଡ଼ା, ବ୍ଲକ ଯୁଗ୍ମସମ୍ପାଦକ ରଞ୍ଜନ ସ୍ୱାଇଁ, ଶାନ୍ତନୁ ବିଶ୍ୱାଳ, ଉମାକାନ୍ତ ଦାସ, ଧୀରପ୍ରସାଦ ପରିଜା, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ, ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଶିକ୍ଷକ ଓ କର୍ମଚାରୀଙ୍କ ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଶିକ୍ଷକଙ୍କ ଗ୍ରେଡେସନ ଅସଙ୍ଗତି ଦୂରୀକରଣ କରାଯିବାକୁ ଦାବି କରାଯାଇଛି। ଧାରଣାରତ ଶିକ୍ଷକ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ ବେଉରାଙ୍କୁ ଦାବିପତ୍ର ପ୍ରଦାନ କରି ଧାରଣା ପ୍ରତ୍ୟାହୃତ କରିଥିଲେ।

**ଆଳି:** ଆଳି ବ୍ଲକ୍‌ର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଳି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ୫ ଦଫା ଦାବି ପୂରଣ ନିମନ୍ତେ ଏକଦିବସୀୟ ଧାରଣା ଦିଆଯାଇଥିଲା। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡପେରେ ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ବ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଆଦି ଦାବି ନେଇ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

**ରାଜକନିକା:** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଆଜି ସମସ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫ ଦଫା ଦାବି ପୂରଣ ନିମନ୍ତେ ଏହି ଧାରଣା ଦିଆଯାଇଥିଲା। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ବ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଆଦି ଦାବି କରାଯାଇଥିଲା।





**ରାଜନଗର:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ( ଓଷ୍ଟା) ଆହ୍ୱାନକ୍ରମେ ଆଜି ରାଜନଗର ବ୍ଲକ୍ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ୫ ଦଫା ଦାବି ନେଇ ଦିନିକିଆ ଧାରଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିଲା। ରାଜନଗର ବ୍ଲକ୍ ସମନ୍ୱୟ ସମିତି ସଭାପତି ଚିତ୍ତରଞ୍ଜନ ସାହୁ, ଆବାହକ ସମୀରଣ ମଣ୍ଡଳଙ୍କ ନେତୃତତ୍ୱରେ ରାଜନଗର ଓଷ୍ଟା ସଙ୍ଘ ସଭାପତି ମାନସ ରଞ୍ଜନ ମିଶ୍ର, ଶିକ୍ଷକ ନେତା ମହେଶ୍ୱର ରାଉତ, ସର୍ବେଶ୍ୱର ମହାନ୍ତି, ସୁବ୍ରଜ ବରାଳ, ତିତକାନ୍ତ ନାୟକ, ସୁଶାନ୍ତ ପ୍ରଧାନ, ଏସକେ ହେମତୁଲ୍ଲା, ବିଚିତ୍ର ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

**ଡେରାବିଶ:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଓ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଠାକୁରହାଟସ୍ଥ ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ଓ କର୍ମଚାରୀ ସଂଘ କର୍ମକର୍ତ୍ତା ଧାରଣାରେ ବସିଥିଲେ। ଡେରାବିଶ ବ୍ଲକ ଓଷ୍ଟା ସଂଘ ସଭାପତି ପୀତବାସ ପଣ୍ଡା, ସମ୍ପାଦକ ଗଗନ ବିହାରୀ ସୂତାର ଓ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟାର ପୂର୍ବତନ ସଭାପତି ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟସଦସ୍ୟା ଓ ବ୍ଲକ ଅନ୍ତର୍ଗତ ସ୍କୁଲ, କଲେଜର ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଏହି ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିସହିତ ଅପରାହ୍ନରେ ସେମାନଙ୍କର ଏକ ଦାବିପତ୍ର ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସମ୍ପାଦକ ତପନ କୁମାର ସିଂ, ବ୍ଲକ ଓଷ୍ଟାର ପୂର୍ବତନ ଉପସଭାପତି ଗଜେନ୍ଦ୍ର ମହାନ୍ତି, ସଭ୍ୟ କରୁଣାକର ସ୍ୱାଇଁ, ଭାଗୀରଥି ମହାନ୍ତି, ରଘୁନାଥ ଦାଶ, ନିତ୍ୟାନନ୍ଦ ପାଣି, ଈଶ୍ୱର ପୃଷ୍ଟି, ପୁଷ୍ପଲତା ପଣ୍ଡା, ମହେଶ୍ୱେତା ବେହେରା, ଶକ୍ତିଶେଖର ରାଉତ, ସତ୍ୟବ୍ରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାପକାମୁଡ଼ା ସମ୍ପର୍କିତ ସଚେତନତା



କିଶୋରନଗର, ୨।୮ (ସମିସ): କିଶୋରନଗର ବ୍ଲକ ସଭାଗୃହରେ ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ସହଯୋଗରେ ସାପକାମୁଡ଼ା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡେପୁଟି କଲେକ୍ଟର ଶୁଭେନ୍ଦୁ ଜେନା ଯୋଗଦେଇ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସାପକାମୁଡ଼ାରୁ କିପରି ନିଜକୁ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସଚେତନ କରିଥିଲେ। ବିଡିଓ ସୁବ୍ରତ କୁମାର ବେହେରା, ଏବିଡିଓ ଦିଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁଙ୍କ ସମେତ ରାଜସ୍ୱ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଏଫ୍‌ଏମ୍‌ୟୁରେ ସ୍ଥାପନ ହେବ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ୍

## ଇମାମି ପେପର ମିଲ୍ସ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ବାଲେଶ୍ୱର,୨।୮ (ସମିସ)

ସ୍ଥାପନ ହେବ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ। ସେଥିରୁ ସ୍ଥାନୀୟ ଗ୍ରାମ୍ୟ ଏବଂ ଛାତ୍ରୀମାନଙ୍କୁ ଯଥାର୍ଥ ଦରରେ ଗୁଣବତ୍ତାପୂର୍ଣ୍ଣ ସାନିଟାରୀ ପ୍ୟାଡ୍ ଉପଲବ୍ଧ କରାଯିବ। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏ ନେଇ ଆଜି ଇମାମି ପେପର ମିଲ୍ସ ଲିମିଟେଡ୍ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ରରେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଏକ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ୍ ଆରମ୍ଭ କରାଯିବା ନେଇ ସ୍ଥିରୀକୃତ ହୋଇଛି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବିଶ୍ୱବିଦ୍ୟାଳୟ ଓ ଇମାମି ପେପର ମିଲ୍ସ ଲିମିଟେଡର ଅଧିକାରୀମାନଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଏଥି ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ, ଇମାମି ପେପର ମିଲ୍ସ ଲିମିଟେଡର ଅଧିକାରୀମାନଙ୍କୁ ଏହି ଅଭିନବ ପଦକ୍ଷେପ ଗ୍ରହଣ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଚୟନ କରାଯାଇଥିବା ନେଇ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରକଳ୍ପ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ଷମ ହେବା ନେଇ ଖୁସିବ୍ୟକ୍ତ କରିଥିଲେ। ଇମାମି ପକ୍ଷରୁ ବରିଷ୍ଠ ଅଧକ୍ଷ ଆଶିଷ ଅବିନାଶ ଗୁପ୍ତା, ଡ. ୟୁସୁଫ ଅଲି ସୋଲଙ୍କି(ଜିଏମ୍-ମାନବ ସମ୍ବଳ) ଓ ଏଜିଏମ୍ ଏମ୍. କେ. ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ହୋଇ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପର ସମନ୍ୱୟକ ଭାବେ ବିଶ୍ୱବିଦ୍ୟାଳୟ ଟିବିଆଇ ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାରହୀ ଓ ଟିବିଆଇରର ସିଓଓ ସୁନେନ୍ଦୁ ନାୟକ ନିୟୋଜିତ ରହିଛନ୍ତି। ଏହି ପ୍ରୟାସ ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି ରୂପେ ଗ୍ରହଣ କରାଯାଉଛି। ଏଥିରେ ସ୍ଥାନୀୟ ଗ୍ରାମ୍ୟ ଓ ଛାତ୍ରୀମାନଙ୍କୁ ଯଥାର୍ଥ ଦରରେ ଗୁଣବତ୍ତାପୂର୍ଣ୍ଣ ସାନିଟାରୀ ପ୍ୟାଡ୍ ଉପଲବ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କୁ ବ୍ୟବସାୟିକ ଓ ସାମାଜିକ ଦାୟିତ୍ୱ ନେଇ ପ୍ରାୟୋଗିକ ଅନୁଭବ ମିଳିବାର ଆଶାପୋଷଣ କରାଯାଇଛି। ଏହା ମହିଳା ଓ ଛାତ୍ରୀମାନଙ୍କୁ ସ୍ୱଚ୍ଛତା ସମ୍ପର୍କିତ ଆବଶ୍ୟକୀୟ ଉତ୍ପାଦରେ ସହଜ ପ୍ରବେଶ ଦେଇ ସଶକ୍ତ କରିବା ସହିତ ଗଢ଼ି ଉଠୁଥିବା ପିଢ଼ିକୁ ଦୀର୍ଘକାଳୀନ ଓ ସକାରାତ୍ମକ ପରିବର୍ତ୍ତନ ଆଣିବା ଦକ୍ଷତା ଦେବାକୁ ଲକ୍ଷ୍ୟ ରଖିଛି ବୋଲି ଡକ୍ଟର ୟୁସୁଫ ଅଲି ସୋଲାଙ୍କି ମତବ୍ୟକ୍ତ କରିଥିଲେ। ପ୍ରକଳ୍ପ କାର୍ଯ୍ୟକ୍ଷମ ନେଇ ଅନ୍ୟାନ୍ୟ ବିଷୟଗୁଡ଼ିକର ପର୍ଯ୍ୟବେକ୍ଷଣ ଅତିଶୀଘ୍ର ଶେଷ ହେବ ବୋଲି ପ୍ରଫେସର ପଙ୍କଜ କୁମାର ପାରହୀ ସୂଚୀତ କରିଥିଲେ।



**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

# ହତ୍ୟା ଅଭିଯୋଗ ଆଣିଲେ ବାପା

ଗଁଡିଆ, ୨।୮ (ସମିସ): ଗଁଡିଆ ଥାନା ସୁରପ୍ରତାପ ରାଜକିଶୋରପୁର ଗ୍ରାମର ଶତ୍ରୁଘ୍ନ ନାଥଙ୍କ ଝିଅ ତଥା କଟକ ସଦର ଥାନା ଅନ୍ତର୍ଗତ ଅରଡିଆ ଗ୍ରାମର ଧୀରେନ୍ଦ୍ର ନାଥ (୩୫)ଙ୍କ ସ୍ତ୍ରୀ ମନ୍ଦାକିନୀ ନାଥ (୨୬)ଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ଧୀରେନ୍ଦ୍ରଙ୍କର ଅନେକ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରହିଛି। ଏ ନେଇ ମନ୍ଦାକିନୀଙ୍କ ସହ ଅନେକ ସମୟରେ ତାଙ୍କର ଝଗଡ଼ା ହୁଏ। ମନ୍ଦାକିନୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରି ଶୁକ୍ରବାର ଧୀରେନ୍ଦ୍ର ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଶତ୍ରୁଘ୍ନ ଶୁକ୍ରବାର ରାତିରେ ଗଁଡିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଧୀରେନ୍ଦ୍ର ୬ ବର୍ଷ ମନ୍ଦାକିନୀଙ୍କୁ ପ୍ରେମ ବିବାହ କରିଥିଲେ। କିଛିବର୍ଷ ଉଭୟଙ୍କ ମଧ୍ୟରେ ଭଲରେ ଦିନ କଟୁଥଲା। ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଧୀରେନ୍ଦ୍ର ଏକ ଜିମ ସେଣ୍ଟର କରି ସେଠାରେ ଜିମ୍ ପରିଚାଳନା କରୁଥିଲେ। ସେମାନଙ୍କର ଏକ ୪ ବର୍ଷର ପୁଅ ଏବଂ ୮ ମାସର ଝିଅ ଅଛି। କିନ୍ତୁ ମନ୍ଦାକିନୀଙ୍କୁ ବିବାହ କରିବା ପୂର୍ବରୁ ଧୀରେନ୍ଦ୍ରଙ୍କର ଆହୁରି ୩/୪ ଜଣଙ୍କୁ ମଧ୍ୟ ବିବାହ କରିଥିବା ମନ୍ଦାକିନୀ ଜାଣିବାକୁ ପାଇଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଶୁକ୍ରବାର ରାତିରେ ଧୀରେନ୍ଦ୍ର ମନ୍ଦାକିନୀଙ୍କୁ ହତ୍ୟା କରିଥିବା ଶତ୍ରୁଘ୍ନ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଗଁଡିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପଟେ ଧୀରେନ୍ଦ୍ର ଫେରାର ହୋଇଯାଇଛନ୍ତି।

# ଛତୁଆ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା




ଗଁଡିଆ, ୨।୮ (ସମିସ): ଗଁଡିଆ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରକଳ୍ପ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ବିଭାଗ ଦ୍ୱାରା ପ୍ରସ୍ତୁତ ହେଉଥିବା ଛତୁଆ ଖାଇ କୋମଳମତି ଶିଶୁ, ଗର୍ଭବତୀ, ପ୍ରସୂତିମାନେ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ପ୍ରସ୍ତୁତକାରୀ ସଂସ୍ଥା ପୁଷ୍ଟିକର ଛତୁଆ ନାଁରେ ଅଖାଦ୍ୟ ଦେଉଥିବା ଅଭିଯୋଗ ହୋଇଥିଲେ ମଧ୍ୟ ସଂସ୍ଥା ଏଥିପ୍ରତି ଆଦୌ ନଜର ଦେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି।

ଗଁଡିଆ ବ୍ଲକରେ ମା’ ଭାରତମାତା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରୁଛି। ତେବେ ଏହି ଗୋଷ୍ଠୀ ନିଜ ମନମାନିରେ ଛତୁଆ ପ୍ରସ୍ତୁତ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଛତୁଆରେ ଆବଶ୍ୟକତା ଅନୁଯାୟୀ ବାଦାମ, ବୁଟ ପଡୁ ନ ଥିବାରୁ ମାନ ଠିକ ରହୁନାହିଁ। ଏମିତିକି ଛତୁଆରୁ ଚୋକଡ଼ ବାହାରୁଥିବା ଦେଖାଯାଉଛି। ସରକାରୀ ଗାଇଡ୍‌ଲାଇନ ଅନୁସାରେ ପ୍ରତି କୁଇଣ୍ଟାଲ ଭଜା ଗହମରେ ୨୦ ଶୋଲା ବୁଟ, ୧୫ କେଜି ବାଦାମ ମିଶ୍ରଣ କରାଯିବା କଥା। ହେଲେ ତାହା ନ କରି ନାମକୁ ମାତ୍ର ମିଶ୍ରଣ କରୁଥିବାରୁ ଛତୁଆର ମାନ ଠିକ ରହୁନାହିଁ। ପ୍ରତି ମାସରେ ୨୭୦ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ୫୬୨୩ରୁ ଅଧିକ ଶିଶୁ ଓ ୧୮୯୪ରୁ ଅଧିକ ଗର୍ଭବତୀ ପ୍ରସୂତିଙ୍କୁ ଏହି ଛତୁଆ ପ୍ରଦାନ କରାଯାଉଛି। ମାତ୍ର ମାନ ଠିକ ରହୁ ନ ଥିବାରୁ ଏହା କୋମଳମତି ଶିଶୁ ଓ ଗର୍ବବତୀ, ପ୍ରସୁତିଙ୍କ ପାଇଁ ଅଖାଦ୍ୟ ପାଲଟିଛି। ହିତାଧିକାରୀ ବାଧହୋଇ ଏହି ଛତୁଆକୁ ମାତ୍ର ୨୦ ଟଙ୍କାରେ ଗୋଖାଦ୍ୟ ପାଇଁ ବିକ୍ରି କରୁଥିବା ମଧ୍ୟ ଜଣାପଡ଼ିଛି। ପୋଷଣ ଓ ପୁଷ୍ଟିଯୁକ୍ତ ଛତୁଆ ନାମରେ ପ୍ରସ୍ତୁତୀକାରି ସଂସ୍ଥା ଏଭଳି ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଛି। ଛତୁଆ ପ୍ରସ୍ତୁତି ସମୟରେ ସିଡିପିଓ, ସୁପରଭାଇଜର, ବ୍ଲକ ମିଶନ ଶକ୍ତି ସଂଯୋଜକ ତଦାରଖ କରିବା ନିୟମ ଥିଲେ ମଧ୍ୟ ଏଠାରେ ତାହା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।

# ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା

**ସ୍ଥିତି ସୁଧାରିବା ପାଇଁ ଦାବି**



ଢେଙ୍କାନାଳ, ୨।୮ (ସମିସ): ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବୋରପଦା ଖମାରଠାରେ ଗୋଟିଏ ସରକାରୀ ବିଦ୍ୟାଳୟ ଓ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ଏକାଠି ରହିଛି। ବିଦ୍ୟାଳୟ ଗତ ୩ ବର୍ଷ ହେଲା ବନ୍ଦ ହୋଇଯାଇଛି। ଏବେ ପିଲାମାନଙ୍କୁ ୨ କିଲୋମିଟର ଯିବାକୁ ପଡୁଛି। ପାହାଡ଼ ପର୍ବତ ଘେରା ଏହି ଅଞ୍ଚଳରେ ପ୍ରବଳ ହାତୀ ଭୟ ରହିଛି। ଅନ୍ୟପଟେ ରାତି ପାହିଲେ ଆଦିବାସୀ ଲୋକମାନଙ୍କର ପେଟ ଚିନ୍ତା। କାହା ପିଲା ସ୍କୁଲ ଗଲା କି ନାହିଁ ତାହାର ତଦାରଖ କରିପାରନ୍ତି ନାହିଁ। ସ୍ଥାନୀୟ ଅଭିଭାବକଙ୍କ କହିବା ଅନୁସାରେ ଅଙ୍ଗନବାଡ଼ି କେନ୍ଦ୍ରରେ କୁନି ପିଲାମାନେ ଆସନ୍ତି। କିନ୍ତୁ ଏଠାରେ ବ୍ୟବସ୍ଥା ଠିକ ନାହିଁ। କାହାର ଉତ୍ତରଦାୟିତ୍ୱ ନାହିଁ। ଆପ୍ ସରକାର ଦ୍ୱାରା ଦିଲ୍ଲୀ ଓ ପଞ୍ଜାବର ସରକାରୀ ସ୍କୁଲଗୁଡ଼ିକର କାୟା ପରିବର୍ତ୍ତନ ହୋଇଛି। ବାତାନୁକୂଳିତ ଶ୍ରେଣୀଗୃହ, ବିଶ୍ୱସ୍ତରୀୟ ଖେଳପଡ଼ିଆ, ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବିଦେଶରେ ପ୍ରଶିକ୍ଷଣ, ସରକାରୀ ସ୍କୁଲରେ ବସସେବା ଓ ଅନେକ ସ୍କୁଲରେ ସ୍ୱିମିଙ୍ଗ୍‌ପୁଲ୍ ବ୍ୟବସ୍ଥା କରାଯାଇଛି। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କେବଳ ଶିକ୍ଷାଦାନ ଦାୟିତ୍ୱ ଦିଆଯାଇଛି। ସ୍କୁଲ ଚଳାଇବା ପାଇଁ ଅନ୍ୟ ପ୍ରଶାସନିକ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଓଡ଼ିଶାରେ ସେହି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଆମ ଆଦମୀ ପାର୍ଟିର ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ନଗର ସଭାପତି ଦେବାଶିଷ ନନ୍ଦ ଓ ସଦସ୍ୟ ବିଜୟ କୁମାର ଦାସ ଏହି ଅଞ୍ଚଳର ୩ ସରକାରୀ ବିଦ୍ୟାଳୟ ଓ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି।

# ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର,୨।୮ (ସମିସ): ବାଲେଶ୍ୱର ସଦର ଥାନା ମହାବୀର ନଗରସ୍ଥିତ ଓଡ଼ିଶା ପଲ୍ଲୀଟେକନିକ କଲେଜ ହଷ୍ଟେଲରେ ରହୁଥିବା ଜଣେ ଡିପ୍ଲୋମା ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଖବର ପାଇ ସଦର ପୁଲିସ ହଷ୍ଟେଲରେ ପହିଁଚି ତାଙ୍କ ପରିବାର ବର୍ଗଙ୍କ ସମ୍ମୁଖରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ମୃତ ଛାତ୍ର ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ମିହିର ମଲ୍ଲିକ। ସେ ଡିପ୍ଲୋମା ତୃତୀୟ ବର୍ଷର ଛାତ୍ର ଥିଲେ। ସଦର ଥାନା ଅର୍ନ୍ତଗତ କୁରୁଡାସ୍ଥିତ ମହାବୀର ନଗରରେ ଏହି କଲେଜ ଏକ ହଷ୍ଟେଲରେ ରହୁଥିଲେ। ଆଜି ସେ କଲେଜକୁ ଯାଇନଥିଲେ। ହେଲେ ତାଙ୍କର ସମସ୍ତ ସହପାଠୀ କଲେଜକୁ ଯିବା ପରେ ସେ ବେକରେ ରଶି ଲଗାଇ ଫ୍ୟାନରେ ଝୁଲିପଡିଥିଲେ। ତେବେ କଲେଜ କର୍ତ୍ତୃପକ୍ଷ ସେ କହିଁକି ହଷ୍ଟେଲରୁ କଲେଜ ଯାଇ ନାହିଁ ଖୋଜ ଖବର କରିବା ପରେ ସେ ରହୁଥିବା ରୁମରେ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଏ ନେଇ ସଦର ପୁଲିସକୁ ଖବର ଦେବା ସହ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଖବର ଦିଆଯାଇଥିଲା। ପୁଲିସ ଘଟଣାର ତଦନ୍ତ ଚଳାଇଛି।

**ଅରୁଣ ଦେଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**

# ଖଟିଖିଆ ଓ ଶୋଷିତ ବର୍ଗର ନେତା ଥିଲେ ଅରୁଣ ଦେ’





ବାଲେଶ୍ୱର,୨।୮ (ସମିସ): ଖଟିଖିଆ ଓ ଶୋଷିତବର୍ଗର ପ୍ରକୃତ ନେତା ଥିଲେ ଅରୁଣ ଦେ’। ଦାର୍ଶନିକ କାର୍ଲ ମାର୍କ୍ସଙ୍କ ସମାଜବାଦ ନୀତିକୁ ସେ କିଭଳି ଲୋକଙ୍କ ପାଖରେ ପହଞ୍ଚାଇ ସେଇ ଲୋକଙ୍କୁ ସମାନ ଅଧିକାର ଦେଇପାରିବେ ଓ ସେଥିପାଇଁ ସାଲିସ ବିହୀନ ଆନ୍ଦୋଳନ କରିବା ପାଇଁ ଅରୁଣ ଦେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଅରୁଣ ଦେ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀରେ ଉଦବୋଧନ ଦେଇ କେରା ବିଶ୍ୱ ବିଦ୍ୟାଳୟର ପ୍ରଫେସର ବିଷ୍ଣୁ ମହାପାତ୍ର ଏ କଥା ଉଲ୍ଲେଖ କରିଛନ୍ତି। ସମ୍ମାନିତ ବକ୍ତା ତଥା ‘ମା’ ଘରର ଅଧକ୍ଷା ଋତୁପର୍ଣ୍ଣା ମହାନ୍ତି ସ୍ୱର୍ଗତ ଅରୁଣ ଦେ ସଂଗ୍ରାମୀ ଜୀବନ ଓ ନିଷ୍ପେସିତ ମହିଳାଙ୍କ ଦୁଃଖ ବୁଝିଥିଲେ। ତେଣୁ ସେ ବାଲେଶ୍ୱର ଜିଲ୍ଲାରେ ‘ମା’ଘର ସଂଗଠନ କୁ ଅନେକ ସାହାଯ୍ୟ କରିଥିଲେ ବୋଲି କହିଥିଲେ। ବରିଷ୍ଠ ଶ୍ରମିକ ନେତା ପ୍ରଫୁଲ୍ଲ ସାମଲ ମଧ୍ୟ ଅରୁଣ ଦେ ଓ ନିଜର ସଂଗ୍ରାମୀ ଜୀବନ ଓ ବିଧାନସଭାରେ ତାଙ୍କର ପ୍ରଶ୍ନ ବାଣରେ ଶାସକ ଦଳ କିଭଳି ଜର୍ଜରିତ ହେଉଥିଲା ସେ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ପରିଷଦର ଅଧକ୍ଷା ବାସନ୍ତୀ ଦେ ଚକ୍ରବର୍ତ୍ତୀ ପୌରହିତ୍ୟ କରିଥିବାବେଳେ ରଞ୍ଜନ ବାଗ ମଞ୍ଚ ପରିଚଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିମୁଳିଆ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା ଓ ସୁଦର୍ଶନ ଜେନା, ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁକାନ୍ତ ନାୟକ, ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଅରୁଣ ଦେଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଦିବଂଗତ ଶିଳ୍ପପତି ହିମାଂଶୁ ଦାସଙ୍କୁ ମରଣୋତ୍ତର ‘ଅରୁଣ ଦେ’ସ୍ମୃତି ସମ୍ମାନ ତାଙ୍କ ନାତିଙ୍କୁ ପ୍ରଦାନ କରାଯାଇଥିଲା। ନୃତ୍ୟାଙ୍ଗନା ତଥା ସମାଜସେବୀ ଅନୁସୂୟା ନାୟକ, କବି ନିରଞ୍ଜନ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଶ୍ରୀଦେବ, ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିନୋଦ ଜୀ, ଅଭିଜିତ ଦାସ, ଭୋଲା ନାଥ ବେହେରା, କୈଳାଶ ସେଠୀ, ମନୋଜ ରାଉତ, ସନ୍ଧ୍ୟାରାଣୀ ଦାସ, ରାଜଲକ୍ଷ୍ମୀ ଚାଟାର୍ଜି ଓ ଧୀରେନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସକାଳେ ଅରୁଣ ଦେ’ଙ୍କ ମଲ୍ଲୀକାଶପୁର ବାସଭବନ ଏବଂ ଓଟି ରୋଡରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବାଲେଶ୍ୱର,୨।୮ (ସମିସ): ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳଙ୍କ ଅଡିଟୋରିୟମଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଶୁଭେଚ୍ଛା ଜଣେଇବା ସହ ସ୍ୱାଧୀନତା ଦିବସ ଦିନ ହେବାକୁ ଥିବା ସମସ୍ତ କାର୍ଯ୍ୟସୂଚୀ ଏବଂ ଏହାର ପ୍ରାକ ପ୍ରସ୍ତୁତି ସମ୍ପର୍କୀୟ ସମସ୍ତ କାର୍ଯ୍ୟ ଖସଡା ଉପରେ ଆଲୋଚନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଅନୁଯାୟୀ, ସ୍ୱାଧୀନତା ଦିବସ ପାଳନ ଅବସରରେ ସକାଳ ୪ଟାରେ ସହରାଞ୍ଚଳରେ ରାମଧୂନ ପ୍ରଚାର ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହେବ। ଏହାଛଡା ସକାଳ ୭ଟାରୁ ୭ଟା୩୦ମିନିଟ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ। ଏହାପରେ ସକାଳ ୮ଟା ୪୫ମିନିଟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ୯ଟା୧୫ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାବ୍ୟତିତ ଆନୁଷ୍ଠାନିକ ସମ୍ମିଳିତ ପରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ୟାରେଡରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ଏବଂ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଛି। ଏହି ଅବସରରେ ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ଭଳି ଜାତୀୟସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ଛାତ୍ରଛାତ୍ରୀ, କ୍ରୀଡା କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଥିବା କ୍ରୀଡ଼ାବିତ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ବୈଠକରେ ଜିଲ୍ଲାପରିଷଦର ସଭାପତି ନାରାୟଣ ପ୍ରଧାନ, ପୌରପାଳିକା ଅଧକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଭାରତୀୟ ପ୍ରଶାସନ ସେବା (ପ୍ରବେସନର) ଶାମଲ ଭଗତଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସମାଜସେବୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଖରିଫ ଧାନ ବିକ୍ରି ପଞ୍ଜୀକରଣ**

# ଘୋଷଣାରେ ଅଟକିଛି ସ୍ୱ-ଘୋଷଣାପତ୍ର ନିୟମ

ବାଲେଶ୍ୱର,୨।୮ (ସମିସ)

ଚଳିତବର୍ଷ ୨୦୨୫-୨୬ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଚାଲୁଥିବାବେଳେ ଏବେ ବି ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର ୨୪ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାରେ ଗତବର୍ଷ ୧ ଲକ୍ଷ ୨ ହଜାର ୪୪୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ଜିଲ୍ଲାରେ ଆହୁରି ୭୫ ହଜାରରୁ ଅଧିକ ଚାଷୀ ପଞ୍ଜକରଣ କରିନାହାନ୍ତି। ଚାଷୀ ପଞ୍ଜୀକରଣର ନୂଆ ନିୟମ ପାଇଁ ଆର୍ ଆଇ ଅଫିସ ଏବଂ ସମବାୟ ସମିତିରେ ଚାଷୀଙ୍କ ଭିଡ ଜମୁଛି। କାରଣ ବିଭିନ୍ନ ସମୟରେ ଭିନ୍ନ ନିର୍ଦ୍ଦେଶାବଳୀ ପାଇଁ ଚାଷୀମାନେ ପଞ୍ଜୀକରଣ ପାଇଁ ହଇରାଣ ନିମନ୍ତେ ସମସ୍ୟା ଭୋଗୁଥିବା ଜଣାପଡିଛି। ପ୍ରଥମେ ଲିଗାଲ ହେୟାର(ଆଇନଗତ ଉତ୍ତରାଧିକାରୀ) ପରେ ପରିବର୍ତ୍ତିତ ହୋଇ ଆର୍ ଆଇଙ୍କ ସହମତି ପତ୍ର ଏବଂ ବର୍ତ୍ତମାନ ଏହାକୁ ଯୋଗାଣମନ୍ତ୍ର ଅଧିକ ସରଳୀକୃତ କରି ଚାଷୀଙ୍କୁ କେବଳ ସ୍ୱଘୋଷଣାପତ୍ର ଫର୍ମ ଦେବାକୁ ପଡିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ସମବାୟ ସମିତି ମାନଙ୍କରେ ସ୍ୱ-ଘୋଷଣାପତ୍ର ଫର୍ମ ଉପଲବ୍ଧ ହୋଇନାହିଁ। ଏବେବି ପଞ୍ଜୀକରଣ ପାଇଁ ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ପଡୁଛି। ଚାଷ ସମୟରେ ଚାଷୀ ଆର୍‌ଆଇଙ୍କ ପାଖକୁ ଧାଇଁବା ଓ ଅନୁମତିପତ୍ର ସଂଗ୍ରହ କରି ପଞ୍ଜୀକରଣ କରିବା ଚାଷ କାମରେ ବାଧା ସୃଷ୍ଟି କରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଚାଷୀ ପଞ୍ଜୀକରଣର ଜଟିଳ ବ୍ୟବସ୍ଥାକୁ ସରଳ କରିବାକୁ ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ନାହିଁ। କେବଳ ସ୍ୱ -ଘୋଷଣାପତ୍ର(ସେଲ୍ଫ ଡିକ୍ଲାରେସନ୍ ଫର୍ମ) ଦେଇ ପଞ୍ଜୀକରଣ ହେବ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ବିଭାଗୀୟ ଚିଠି ହୋଇ ନ ଥିବାରୁ ଯେଉଁଭଳି ସମସ୍ୟା ଲାଗି ରହିଥିଲା ସେମିତି ରହିଛି। ଆଗରୁ ଧାନ ବିକିବା ବେଳେ ଚାଷୀ ଆଖି ସ୍କାନ୍ ଦେଉଥିଲେ। ଏବେ ନିୟମ ପରିବର୍ତ୍ତନ ପରେ ଆବେଦନ ଏବଂ ଧାନ ବିକିବା ବେଳେ ଦୁଇଥର ଆଖି ସ୍କାନ୍ ଦେବା, ବ୍ୟାଙ୍କ ଡିବିଟି ଏବଂ ଲିଗାଲ ହେୟାର ସାର୍ଟିଫିକେଟ ପାଇଁ ସମସ୍ୟା ସୃଷ୍ଟି ହେଉଛି। ‘ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣକୁ ରାଜ୍ୟ ସରକାର ସରଳୀକରଣ କରିଛନ୍ତି। ବର୍ତ୍ତମାନ ମୃତ ଜମି ମାଲିକଙ୍କ ମୃତ୍ୟୁ ପ୍ରମାଣ ପତ୍ର ନଥିଲେ ମଧ୍ୟ ତାଙ୍କର ଉତ୍ତରାଧିକାରୀ ସେଲ୍ଫ ଡିକ୍ଲାରେସନ ଫର୍ମରେ ଦସ୍ତଖତ କରି ପଞ୍ଜୀକରଣ କରିପାରିବେ। ନକଲି ଚାଷୀଙ୍କୁ ଧରିବା ପାଇଁ ଏଥର ଇ-କେୱାଇସି କରାଯାଉଛି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ମନ୍ତ୍ରୀ ସରଳୀକୃତ ନୂତନ ଗାଇଡଲାଇନ ଘୋଷଣା କରିବା ସତ୍ତ୍ୱେ ସରକାରୀ ଅଧିକାରୀ ତଥା ସମବାୟ ସମିତିକୁ କୌଣସି ଚିଠି କିମ୍ବା ସମ୍ପୂର୍ଣ୍ଣ ଲିଖିତ ବିବରଣୀ ନ ମିଳିବାରୁ କିଛି ସମବାୟ ସମିତିରେ ନୂତନ ଗାଇଡ଼ଲାଇନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏ ବାବଦରେ ମୁଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସହିତ ଯୋଗାଣ ମନ୍ତ୍ରୀଙ୍କୁ ଅବଗତ କରିଛି। ଦିନେ ଦୁଇଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ଯୁବନେତା ଅନିଲ କୁମାର ମହାନ୍ତି କହିଛନ୍ତି। ସେହିପରି ଏ ବାବଦରେ ସିଏସ୍‌ଓ ସ୍ମିତା ନାୟକଙ୍କୁ ପଚାରିବାରୁ କହିଛନ୍ତି, ସ୍ୱଘୋଷଣାପତ୍ର ବ୍ୟବସ୍ଥା ନେଇ ଆମ ପାଖକୁ ବିଭାଗରୁ କିଛି ଚିଠି ଆସିନାହିଁ। ସେଥିପାଇଁ ଆମେ ଏହାକୁ କାର୍ଯ୍ୟକାରୀ କରିନୁ। ଏବେ ଚାଷୀମାନେ ପ୍ରଥମେ ଇ-କେୱାଇସି କରିବା ପରେ ବଂଶଗତ ସାର୍ଟିଫିକେଟ ଆଣି ପଞ୍ଜୀକରଣ କରୁଛନ୍ତି। ଏବେ ସୁଦ୍ଧା ୨୪ ହଜାର ଚାଷୀ ପଞ୍ଜୀକୃତ କରିସାରିଛନ୍ତି।

# ରାଷ୍ଟ୍ରୀୟ ପତ୍ରିକା ‘ନବ ସଂକଳ୍ପ’ ଉନ୍ମୋଚିତ



ବାଲେଶ୍ୱର,୨।୮ (ସମିସ): ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ରାଷ୍ଟ୍ରୀୟ ସମ୍ପାଦିକା ସୋନାଲ ମୋଦିଙ୍କ ଲିଖିତ ରାଷ୍ଟ୍ରୀୟ ପତ୍ରିକା ‘ନବ ସଂକଳ୍ପ’ ଉନ୍ମୋଚିତ ହୋଇଯାଇଛି। ହୋଟେଲ ଲକି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧକ୍ଷା ଅଞ୍ଜୁ ସାରାଓଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାରା ଭାରତରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମର ସୂଚନା ଉକ୍ତ ପତ୍ରିକାରେ ଉଲ୍ଲେଖ କରାଯାଇଛି। ଏଭଳି ପତ୍ରିକା ସୋନାଲ ମୋଦିଙ୍କ ଦ୍ୱାରା ଲେଖାଯାଇଥିବାରୁ ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ସାରାଓଗି ତାଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ସମ୍ପାଦିକା ନିଶା ମୋଦି, କୋଷାଧ୍ୟକ୍ଷା ଗୀତା ସୋମାନି, ରାଜ୍ୟ ସଭାନେତ୍ରୀ ବବିତା ଅଗ୍ରୱାଲ, କୋଷାଧ୍ୟକ୍ଷା ନନ୍ଦିତା ଅଗ୍ରୱାଲ, ରାଷ୍ଟ୍ରୀୟ ସହ ସମ୍ପାଦିକା ଅଲକା ଅଗ୍ରୱାଲ, ରାଷ୍ଟ୍ରୀୟ କାର୍ଯ୍ୟାଳୟ ସମ୍ପାଦିକା ଦର୍ଶନା ସାରାଓଗି, ଜିଲ୍ଲା ସଭାନେତ୍ରୀ ମନୀଷା ମୋଦି, ସମ୍ପାଦିକା କବିତା ବାହେତି, କୋଷାଧ୍ୟକ୍ଷା ରଶ୍ମି ଗୁପ୍ତା ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କେତେ ଦିନର



କବିତା ବାରିକ

ବଡ଼ ବିଚିତ୍ର ଏ ଜୀବନ। କେତେ ଅନୁଭୂତି, କେତେ ଘଟଣା ! କେତେ ସ୍ୱପ୍ନ ଆଉ କେତେ କେତେ ହତାଶା! କେତେବେଳେ ସ୍ୱପ୍ନ ଭାଙ୍ଗିଯାଏ ତ, କେତେବେଳେ ସ୍ୱପ୍ନ ବାସ୍ତବତାର ଦୋଳିରେ ବସି ଗୁମୁରୁଥାଏ। ତାରି ଭିତରେ ଅପରାହ୍ନର ଛାଇ ଆଉ ଗଛରୁ ପାଚିଲା, ଫଳ ଚିପ୍‌କି ପଡ଼ିଲା ଭଳି ଜୀବନ ବି କଞ୍ଚା ହେଉ କି ପାଚିଲା, କଢ଼ି ହେଉ କି ଫୁଲ ଗଳି ପଡ଼େ।

ସମସ୍ତେ କହୁଛନ୍ତି ବାପାଙ୍କର ବୟସ ହୋଇଥିଲା। ଗଲେ। ଅଶୀ ଉପରେ ହୋଇଥିଲା। ବହୁତ ଦେଖିଲେ, ବହୁତ ପାଇଲେ। ବହୁତ ଭୋଗିଲେ ବି। ଯାଉଛନ୍ତି ମାନେ କଷ୍ଟରୁ ମୁକ୍ତି। ତାଙ୍କ ସହିତ ଅନ୍ୟମାନେ ବି ଶାନ୍ତି ନେଉଥିଲେ। ବାପାଙ୍କ କୋକେଇ ସଜ ହେଉଛି। ଆଉ ଟିକିଏ ପରେ ଶବ ବନ୍ଧା ଯାଇ ହରିବୋଲ ଶୁଭିବ। ଆଗରେ ବଡ଼ଭାଇ କାନ୍ଧ ଦେବେ। ଝୁଣା ଧୂଆଁ, ଖଇ, କଉଡ଼ି ଭିତରେ ରାମ ନାମ ସତ୍ୟ ହେ, ବୋଲାଯିବ। ତାରି ଭିତରେ ଆଉ ଗୋଟିଏ ଦିଗକୁ ବି ସଜଡ଼ା ଚାଲିଛି। ଗଙ୍ଗା କୂଳିଆମାନେ ଶବ ଦାହ ପରେ ଆସି ଖାଇବେ।

ମାନସୀ ଏଇ ଅଦ୍ଭୁତ ପରମ୍ପରା, ରୀତି ଦେଖି ଆଶ୍ଚର୍ଯ୍ୟ ହେଉଛି। ମୃତ୍ୟୁ ଆଉ ଭୋଜ ଏ ଦୁଇଟି ସହେତି ପରସ୍ପରର ଛାଇ। ତାକୁ ଗାଢ଼ କରିଦିଏ ଆଖିର ଲୁହ। ପୁଣି କି ବିଚିତ୍ର କଥା ଦେଖିତ। କ୍ରିୟାକର୍ମ, ଦଶାହଘାଟ ଭିତରେ ଆୟୋଜିତ ହେବ ଭୋଜି। ପୁରୋହିତଙ୍କୁ ଦାନ, ଦକ୍ଷିଣା। ମରଣ ସହିତ ଗୋଟାଏ ପରେ ଗୋଟାଏ ରୀତି, ନୀତି ଯୋଡ଼ି ହୋଇଯାଇଛି। ଆମର ସଂସ୍କାରରେ, ପରମ୍ପରାରେ। ଏସବୁ ହେଲା ନିହାତି ଆବଶ୍ୟକ କି ନୁହେଁ ସେ କଥା ତ ଜଣାନାହିଁ ମାନସୀକୁ, ହେଲେ ସବୁକଥା ହେଲା ସେ ଗ୍ରହଣ କରିପାରୁ ନାହିଁ।

ଦେଖୁଦେଖୁ ସବୁ କର୍ମ ସରିଗଲା। ମେଳ ହେଲେ କି ଭାଙ୍ଗିଗଲା। ଘରଟା ଖାଁ ଖାଁ ମାଡ଼ି ଗୋଡ଼ାଇଲା। ଜଣକର ଅବର୍ତ୍ତମାନରେ ଏମିତି ଖାଲି ଲାଗେ ଘର? ବାପା କ୍ରମଶଃ ସ୍ମୃତି ହେବାରେ ଲାଗିଲେ। ତାରି ଭିତରେ ମାନସୀର ବାହାଘର ପାଇଁ ଏବେ ସମସ୍ତେ ତତ୍ପର ହୋଇ ଉଠିଲେ। ଆଗରୁ ଠିକଣା ହୋଇଥିବା ବାହାଘର ବାପାଙ୍କ ତେର ଦିନରେ ସାରିବା ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା। ନ ହେଲେ ବର୍ଷେ ଗଲାପରେ। ମାନସୀ ରାଜି ହୋଇ ନ ଥିଲା। ପୁଣି ଯେତେବେଳେ ବର୍ଷ ପୂରିବା ଉପରେ ସେ ପ୍ରସଙ୍ଗ ଉଠିବାରୁ ମାନସୀ ବଜ୍ର ଘୋଷଣା କଲା, ସେ ବାହା ହେବ ନାହିଁ ମାନେ ଜୀବନସାରା ଅବିବାହିତ ରହିବ। ମାଆ, ବଡ଼ଭଉଣୀ, ପିଉସୀ, ଭାଇ, ଘରର ଅନ୍ୟାନ୍ୟ ପୁରବିମାନେ ଯେତେ ବୁଝାଇଲେ ସେ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ ରହିଲା।



କଥା ଶେଷ ଅସ୍ତ୍ର ପ୍ରୟୋଗ କଲେ କାଲିକୁ କିଏ ଦେଖିଛି ମାଆ? ବୁଢ଼ାକାଳେ ପାଖରେ କେହି ନ ଥିଲେ, ନିଃସଙ୍ଗତା ଖାଇଯିବ। ଦେହପା, ଭଲମନ୍ଦ ଅଛି।

ବିବାହ, ଘରସଂସାର, ପୁଅଝିଅ ଏଇମାନେ ଯଦି ବୁଢ଼ା କାଳେ ସାହାରା, ତାହାଲେ ଅଜୟ ଅଙ୍କଲ କାହିଁକି ଆଜି ଏତେ ନିଃସଙ୍ଗ? ବାନ୍ଧବୀ ମଞ୍ଜୁର ବାପା ଅଜୟ ଅଙ୍କଲ। ମଉସା ମାଉସୀଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ। ବଡ଼ପୁଅ ପଢ଼ା ପରେ ଚାଲିଗଲା ଆମେରିକା। ସେଠି ସେ ନିଜ ପସନ୍ଦର ଝିଅ ବାଛି ବାହା ହେଲା। ବୋହୂ ଭାରତ ଆସିବାକୁ ରାଜି ନୁହେଁ। ମଉସାମାଉସୀ ବି ପୁଅର ବାହାଘରକୁ ଯାଇ ପାରିଲେନି। ମେସେଜରେ ଆଶୀର୍ବାଦ ପଠାଇଲା। ଭିଡିଓ କଲରେ ବାହାଘର, କଥାବାର୍ତ୍ତା। ମଞ୍ଜୁ ବି ବାହା ହୋଇ ମୁମ୍ବାଇରେ ଥିଲା। ଦୁଇବର୍ଷ ହେଲା ତା' ସ୍ୱାମୀ ଲଣ୍ଡନର କେଉଁ ଏକ କମ୍ପାନୀରେ ଜଏନ୍ କଲା ପରେ ସେ ଚାଲିଗଲା ଲଣ୍ଡନ। ମଉସା ମାଉସୀ ପଡ଼ି ରହିଲେ ତାଙ୍କ କଟକ ଘରେ, ପୁରୁଣା ବୁନିୟାଦିକୁ ଧରି। ଦୁଃଖେସୁଖେ ଦିନ ଗଡ଼ି ଚାଲିଲା। ଦୁଇଟା ପକ୍ଷୀ ଦିନେ ନୀଡ଼ ବାନ୍ଧିଥିଲେ। ସେ ନୀଡ଼କୁ ଦୁଇଟି ଶାବକ ଆସିଲେ। ବଡ଼ ହେଲେ। ଡେଣା ଗୁଜରିଲା। ଶକ୍ତ ହେଲେ। ଉଡ଼ି ଶିଖିଲେ। ଚାଲିଗଲେ ଦୂର ଆକାଶକୁ। ସାତ ସମୁଦ୍ର, ତେର ନଈ। ବସା ଖାଲି ହୋଇଗଲା। ପୁଣି ସମୟ କଡ଼ ଲେଉଟାଇଲା। ମା' ପକ୍ଷୀର ମୃତ୍ୟୁ ହେଲା।

ମାନସୀ ବାପାଙ୍କ ମୃତ୍ୟୁପରେ ଅଜୟ ଅଙ୍କଲଙ୍କ ଦେହ ଖରାପ ଶୁଣି ଯାଇଥିଲା ଦେଖିବାକୁ। ଶୋଇଥିଲେ ମଉସା। ବିରାଟ ପୁରୁଣା କାଳିଆ ଦୋ ମହଲା ଘର। ଫୁଲ ଫୁଲର ପରେ ବି ବଡ଼ କରିବା। ମାଳି ଓ ରାନ୍ଧୁଣୀ ଏ ଦି' ଜଣ ମଉସାଙ୍କ ଶେଷ ଜୀବନର ସାହାରା। ତାଙ୍କ ପରେ ପିଲାମାନେ ଏ ଘର ବିକିବେ କି ଦାନ କରିଦେବେ ଜଣା ନାହିଁ। ମରି ପଡ଼ିଥିଲେ ପାଣି ଦେବାକୁ କେହି ଆସିପାରିବେନି। କେମିତି ଏକ ନିଃସଙ୍ଗତା ଭିତରେ ଅଜୟ ଅଙ୍କଲ୍ ଡିପ୍ରେସନ୍‌ରେ ଚାଲିଯାଇଥିଲେ।

ସେଠୁ ଫେରିଲା ପରେ ମାନସୀର ମନ ଭାଙ୍ଗି ଯାଇଥିଲା। କାହିଁକି ମଣିଷ ସଂସାର କରେ? କେତେ ଦିନର ଏ ଜୀବନ? ପୁଅଝିଅ, ପ୍ରାଚୁର୍ଯ୍ୟ, ଘରଦ୍ୱାର ସବୁ ଅଛି। ଅଥଚ ନ ଥିଲା ଭଳି। ବିବାହ କରିବି କ'ଣ ନିଃସଙ୍ଗତା ଆସୁନି? ପୁଅଝିଅ ଥାଇ ବି କ'ଣ ପ୍ରଶ୍ନ ଉଠୁନି, କେଉଁ ଅବସ୍ଥାରେ ମରଣ ଆସିବ ଆଉ ପାଖରେ କିଏ ଥିବ? ମାନସୀ ବାପାଙ୍କର ମୃତ୍ୟୁକୁ ଅତି ପାଖରୁ ଦେଖିଥିଲା। ତା' ସହ ଦେଖିଥିଲା ବାପାଙ୍କର ବାର୍ଦ୍ଧକ୍ୟ ଆଉ ରୋଗଶଯ୍ୟାରେ ବାଇଁ ଦିନ ପଡ଼ିରହିବା। ପୁଣି ଦେଖିଲା ବିବାହ କରି, ପୁଅଝିଅଙ୍କର ଭରପୂର ସଂସାର ଭିତରେ ଅଜୟ ଅଙ୍କଲଙ୍କ ନିଃସଙ୍ଗତା। ମନେ ପକାଇଥିଲା ଗୌତମ ବୁଦ୍ଧଙ୍କୁ। ଏଇ ମୃତ୍ୟୁ, ରୋଗ, ବାର୍ଦ୍ଧକ୍ୟ, ଦେଖି ସେ ଦିନେ ସଂସାର ତ୍ୟାଗି ହୋଇଥିଲେ। ସ୍ତ୍ରୀ, ଛୋଟ ପୁଅଙ୍କୁ ଛାଡ଼ି ନିର୍ବାଣ ପାଇଁ ଘର ଛାଡ଼ିଥିଲେ। କଥା ଯେତେବେଳେ ତାକୁ ବାହା ନ ହେଲେ, ଶେଷ ଜୀବନରେ, ବୁଢ଼ା କାଳେ ଦେହପା, ଭଲମନ୍ଦ, ନିଃସଙ୍ଗତା ଖାଇଯିବ କଥା ଉଠାଇଲେ, କେବଳ ନୀରବରେ ହସି ଦେଇଥିଲା ମାନସୀ। ନିଃସଙ୍ଗତା ଏକ ଭାବନା। ଏକ ଗଭୀର ଅନୁଭୂତି। ଭିଡ଼ ଭିତରେ ବି ମଣିଷ ନିଃସଙ୍ଗ ଆଉ ରହିଲା କାଲି କଥା। କାଲିକୁ କିଏ ଦେଖିଛି? ବର୍ତ୍ତମାନ ତ ହେଲା ସବୁଠାରୁ ବଡ଼ ସତ୍ୟ। କାଲି ଆସିବ କି ନାହିଁ କିଏ କହି ପାରିବ? କେତେଦିନ ପାଇଁ ଆମେ ସଂସାରକୁ ଆସିଛୁ? କେବେ ନାଟକ ସରିଯିବ। ବାହୁଡ଼ିବା ବେଳ ଆସିଯିବ ସେ କଥା କିଏ କହିପାରିବ?


ମାନସୀ କିନ୍ତୁ ସେହି ନିଃସଙ୍ଗତାକୁ ସାଥୀ କରି ନେବ। ନିଜର ଚିନ୍ତାଧାରା, ଭାବପ୍ରବଣତାକୁ କାହିଁକି କାହା ଉପରେ ଲଦି ଦେବ? ଏକଥା ବୁଝାଇବା ବି କ'ଣ ଦରକାର? ■

ମୁସକାନ ମେନସନ୍
ଡି-୧, ବମିଖାଲ
କେନାଲ ରୋଡ୍, ରସୁଲଗଡ଼,
ଭୁବନେଶ୍ୱର - ୭୫୧୦୧୦

## ପୁସ୍ତକ ପରିଚୟ

### ରାଜଭୂମି

ସମ୍ପାଦକ
ପବିତ୍ର ବ୍ରହ୍ମପୁତ୍ର ନାୟକ



ସାହିତ୍ୟ ପତ୍ରିକା 'ରାଜଭୂମି'ର ରଥଯାତ୍ରା ବିଶେଷାଙ୍କ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ସମ୍ପାଦନାରେ ପ୍ରକାଶ ପାଇଛି। ଏହି ସଂଖ୍ୟାରେ ପ୍ରକାଶିତ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ 'ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀର ପ୍ରାଚୀନତା', ଶରତ ଚନ୍ଦ୍ର ମହାପାତ୍ରଙ୍କ 'କେରଡ଼ାର ନାରଗେଶ୍ୱର ଶ୍ରୀଜଗନ୍ନାଥ', ସୁଷମା ପରିଜାଙ୍କ 'ତାଳଚେରର ମା' ହିଙ୍ଗୁଳା' ଆଦି ଆଲେଖ୍ୟଗୁଡ଼ିକ ମନରେ ଭକ୍ତି ଭାବନା ଜାଗ୍ରତ କରେ। ସେହିପରି ଶିବପ୍ରିୟା ମିଶ୍ରଙ୍କ 'ପଦ୍ମପୁରର ଗୁରୁ ପଦ୍ମ ସମ୍ଭବ ଓ ମହାକାଳି ଭକଭୂତି' ପ୍ରବନ୍ଧରେ ଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମସ୍ଥାନ ସଂପର୍କରେ ଅନେକ ଅଜଣା ତଥ୍ୟ ରହିଛି। ଗଳ୍ପ ବିଭାଗରେ ପାଠାମ୍ବର ଡଗାଙ୍କ 'ଗୋଟେ ବହି', ସୁଚରିତା ବେହେରାଙ୍କ 'ନୀଳ ପ୍ରକ୍', ରାଜେଶ କୁମାର ତ୍ରିପାଠୀଙ୍କ 'ବାହାଘର ଇଚ୍ଛା', ଶୁଭେନ୍ଦୁ କୁମାର ମହାପାତ୍ରଙ୍କ 'କନିଆଁ ସ୍ୱପ୍ନ', ଡ. ହୃଷିକେଶ ମହାରଣାଙ୍କ 'ଅଦିତୀ' ଆଦି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା ଓ ମାନବୀୟ ଆବେଗ ଚମତ୍କାର ଭାବେ ଫୁଟି ଉଠିଛି। କବିତା ବିଭାଗରେ ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ଭାବର ଠାକୁର ତୁମେ ଭାବର ସାଗର', ଡକ୍ଟର ମମତାରାଣୀ ନାୟକଙ୍କ 'ସ୍ମୃତି କିଛି ରହିଯାଏ ଅଣଦେଖା', ଙ୍ଗ ଅଶୋକ କୁମାର ପଟ୍ଟନାୟକଙ୍କ 'ବର୍ଷା', ସର୍ବାଣୀ ଦାସଙ୍କ 'ପ୍ରେମ ଆମ ଅମଳିନ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ସ୍ୱାସ୍ଥ୍ୟ, ଫିଚର, ରିପୋର୍ଟ, ସାକ୍ଷାତକାର, ତେରେଛା ନଜର ଆଦି ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି। ■

ରାଜନଗର, କେନ୍ଦ୍ରାପଡ଼ା-୨୫
ମୂଲ୍ୟ: ୭୦ ଟଙ୍କା

### ଧିଷଣା

ସମ୍ପାଦିକା
ଡକ୍ଟର ଶର୍ମିଷ୍ଠା ମହାପାତ୍ର



ସମୀକ୍ଷା, ସମାଲୋଚନା ଓ ଗବେଷଣାଧର୍ମୀ ତ୍ରୟମାସିକ ପତ୍ରିକା 'ଧିଷଣା'ର ଏକାଦଶ ବର୍ଷ ୧ମ ଓ ୨ୟ ୨୦୨୫ ସଂଖ୍ୟା ଆମର ହସ୍ତଗତ ହୋଇଛି। ଡକ୍ଟର ଶର୍ମିଷ୍ଠା ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'ଧିଷଣା' ଏହି ସଂଖ୍ୟାରେ ଡକ୍ଟର ସୁବ୍ରତ କୁମାର ପୃଷ୍ଟିଙ୍କ 'ଭାରତୀୟ ଲିପିର ମୌଳିକ ରୂପ: କଳିଙ୍ଗ ବ୍ରାହ୍ମୀ', ଡକ୍ଟର ଅଶୋକ କୁମାର ପଣ୍ଡାଙ୍କ 'ମାନକ ଓଡ଼ିଆ ଭାଷା', ଡକ୍ଟର ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇଙ୍କ 'ଓଡ଼ିଶାର ଜନଜାତି ଅଭିଧାନ- ଏକ ଅଧ୍ୟୟନ', ଡକ୍ଟର ବାସନ୍ତୀ ମହାନ୍ତିଙ୍କ 'ଓଡ଼ିଶାର ଜେଳା ସଂସ୍କୃତି: ଏକ ଅନ୍ୱେଷଣ', ଡକ୍ଟର ସଂଜୟ କୁମାର ବାଗଙ୍କ 'ମାଣବସା, ଲକ୍ଷ୍ମୀ ପୁରାଣ ଓ ଶ୍ରିୟା ପ୍ରସଙ୍ଗ: ଏକ ଆଲୋଚନା', ଡକ୍ଟର ଅରବିନ୍ଦ ଦାସଙ୍କ 'ଊନବିଂଶ ଶତାବ୍ଦୀର ଓଡ଼ିଶାକୁ ମିଶନାରୀମାନଙ୍କ ଅବଦାନ', ଡକ୍ଟର ଶରତ ଚନ୍ଦ୍ର ଜେନାଙ୍କ 'ସାହିତ୍ୟ ଗବେଷଣା' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚାଙ୍ଗ ଓ ଗବେଷଣାଧର୍ମୀ ହୋଇଛି। ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଓ ନାଟ୍ୟକାର ବିପିନ୍ ମହାପାତ୍ରଙ୍କ ସାରସ୍ୱତ ସାକ୍ଷାତକାରରେ ଉଭୟ ସ୍ରଷ୍ଟାଙ୍କ ଜୀବନ ଓ ସାହିତ୍ୟ ସଂପର୍କରେ ପାଠକମାନେ ଅନେକ କଥା ଜାଣି ପାରିବେ। ପୁସ୍ତକ ସମୀକ୍ଷା, ଜୀବନୀ ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନନଧର୍ମୀ ଓ ଉଚ୍ଚକୋଟୀର ହୋଇଛି। ସମାଲୋଚନା ଓ ଗବେଷଣାଧର୍ମୀ ଏହି ପତ୍ରିକାର ଲେଖାଗୁଡ଼ିକ ଉଚ୍ଚତର ଗବେଷଣା ନିମନ୍ତେ ସହାୟକ ହେବ ବୋଲି ଆଶା କରାଯାଏ। ■

୩୦୮, ଲକ୍ଷ୍ମୀ ସାଗର,
ଭୁବନେଶ୍ୱର - ୭୫୧୦୦୬
ମୂଲ୍ୟ: ୭୦ ଟଙ୍କା


## ଛାଇ

ଡକ୍ଟର ଶ୍ରୀହରି ଧଳ



ଛାଇ ବି ତମପରି
ସବୁଦିନେ।
ପଛେ ପଛେ ଚାଲେ,
ହାଡ଼େ ହାଡ଼େ ଜଗେ।
କାଳେ
ମୁଁ ଛାଇ ହୋଇଯିବି କି-
ଆଉ କା' ଦେହରେ?
କେମିତି ବୁଝାନ୍ତି-
ତମେ ତ ମୋ-
ଏକାନ୍ତ ଛାଇ।
ଘରେ, ରାସ୍ତାରେ,
ରେସ୍ତୋରାଁରେ।

ତମେ ତ-
ଚିର ବିଶ୍ୱାସର
ପୋଷାକୀଟିଏ।
ସବୁବେଳେ-
ଝଲସୁଥାଏ-
ବିଶ୍ୱସ୍ତ ଛାଇଟେ ହୋଇ
ମନ ଦର୍ପଣ-
ଭିତରେ। ■



ଡାଉଁଡରା, କପାସି
ଚିଟାଳୋ, ଯାଜପୁର
ମୋ: ୮୧୧୭୦୮୧୯୦୭

## ଫେରିବାର ବେଳ

ସୂର୍ଯ୍ୟସ୍ନାତ ତ୍ରିପାଠୀ



ଅନେକ କଥା ଅଧା ରହିଗଲା
ଏଯାଏଁ...

ଅଧାଗପ
ଅଧାଗୀତ
ଅଧା ଲେଖା ମୋର ଛୁଟି
ଦରଖାସ୍ତ, ଅଧା ଜହ୍ନ ଆଖିଁ କରୁଣ,
ଅଧା ନିଦ, ଅଧା ଅଧା ଆମ ଯାତ୍ରା
ଲକ୍ଷ୍ୟହୀନ; ଅଧା ଖୋଲା ଧୂଳି ଆକାଶର
ଆଖି, ଅଧା ସୂର୍ଯ୍ୟ ପତ୍ରଗହଳରେ,
ନିରିଡ଼ି ନ ଆସି ଅଧା ବାଟେ
ଜମାଟ ବାନ୍ଧିଛି ଲୁହ, ମୋ ରକ୍ତ -
କଳାରଙ୍ଗର ବରଫ।

ଅଧା ଅଙ୍କା ପୁଣି
ନିଃସଙ୍ଗ ରାସ୍ତାରେ ଦୁଇଜଣ
କ୍ଲାନ୍ତ ପାଦଚିହ୍ନ ଓ ତୁମ ହାତ ଅଙ୍କା
ଗୋଟେ ଛୋଟି- ଅଧା ଗଢ଼ା
ଆମ ଦୁଃଖକଷ୍ଟ ସତେ
ସମୟ କାନ୍ଥରେ...

ଏବେ କିନ୍ତୁ ଏସବୁକୁ ପଛ କରି
ଫେରିବାର ବେଳ।

ଏବେ, ଲେଉଟିଯିବାକୁ ହେବ ଆମକୁ
ଧୂଳିଧୂଆଁ ଜର୍ଜରିତ ଗୋଟେ ଛୋଟ ସହରକୁ -
ଯେଉଁଠି ଅଛି ଜୀବନ, ଜଞ୍ଜାଳ ଓ ଜହର ।
ଯେଉଁଠି ଅଛି, ଅବା ନାହିଁ
ତୁମ ମନଲାଖି ତୋଫା ଜହ୍ନରାତି,
ଫୁଲ, ଫଗୁଣ, ଛିଟ ପ୍ରଜାପତି,
ସମୁଦ୍ର ଓ ନୀଳ ନିରବତା କିଛି।

ଓ ଯେଉଁଠି,
ଆମ ଅପେକ୍ଷାରେ
ଅଧା ଗଢ଼ା ଅଛି ଏକ ଘର...
ଶୀତଳଜ୍ୟୋତ୍ସ୍ନାରେ ଗଢ଼ା ଚଟାଣ ଯାହାର,
କାନ୍ଥସବୁ ଓଦା ପବନର, ଛାତ ସାରା
ତାରାଫୁଲ ଭର୍ତ୍ତି ଓ ଦରଜାରେ,
ଦରଜାରେ ନିମନ୍ତ୍ରଣ ଆସନ୍ତାକାଲିର...

ଏବେ ଫେରିବାର ବେଳ ।

ଯଦିଓ, ଫେରିଯିବା ଏକ ଭ୍ରମ,
ଓ ଅଣଲେଉଟା ଏ ଜୀବନ ବାଟରେ
ସବୁ ଯାତ୍ରା ମୃତ୍ୟୁମୁହାଣକୁ

ତଥାପି,
ତଥାପି...

ୱେଟିଂ ଲିଷ୍ଟରେ କାଲିର ଟିକେଟ୍ ।
ଆଜି, ସମୟର ନାଡ଼ି ପରଖୁଛେ
ଆମେ ଦୁହେଁ, କ୍ଳାନ୍ତ, ଅନିଶ୍ଚିତ...
କାଚକାନ୍ଥ ସାରା ରକ୍ତଛିଟା,
ଘର ସାରା ମୃତଦେହ ପ୍ରଜାପତିଙ୍କର ।
ସମୟର ଧୀର ଆଞ୍ଚ, ଆକାଶରେ
ଦରପୋଡ଼ା ଜହ୍ନ ।

ଆମ ଅସହାୟତାକୁ ଦେଖି,
ପାହିବ ପାହିବ କହି
ଏ ଆତଙ୍କର ରାତି ପାହୁନାହିଁ...
ବରଫ ହେଇଯା' ବୋଲି
ହୃଦୟକୁ କେହି କହୁନାହିଁ... ■

ସିଦ୍ଧେଶ୍ୱରପୁର, କଟକ

# "ମୁଁ ନଲେଖିଲେ ବି ମୋ ସାହିତ୍ୟର କିଛି କ୍ଷତି ହେବ ନାହିଁ"



ମୁଁ କାହିଁକି ଲେଖେ



ହରପ୍ରସାଦ ଦାସ

ଯାହା ଭାବେ ତାହା ଲେଖେ, କିନ୍ତୁ ଲେଖେ କାହିଁକି? ଭାବକୁ ଭାବନାରେ ଛାଡ଼ିଦେଲେ ହୁଅନ୍ତା ନାହିଁ? ଅସଂଖ୍ୟ ଭାବନା ମନରେ ଆସି ପୁଣି ଆପେ ଲିଭିଯାନ୍ତି। ଗୋଟେ କୋଉ ଭାବ, ଦୃଶ୍ୟ ବା ବୋଧ ରହିଯାଏ, ଲିଭେନି। ମୁଁ ମନେ ମନେ ଲଢ଼େ ତାଙ୍କ ସାଙ୍ଗରେ, ହେଃ ଏଇଟା ଅତି ସାଧାରଣ, ହେଃ ଏଇଟା ଅତି ଭାବପ୍ରବଣ, ଏମିତି କେତେ ଭାବରେ ତାଙ୍କୁ ଛଳାଏ, ଛୋଟ କରେ ଓ ସାଧାରଣ ଜୀବନର ଅଭ୍ୟସ୍ତ ପ୍ରାତ୍ୟହିକତାକୁ ଫେରେ। ଏମିତି ସ୍ତର ବାନ୍ଧି ପଡ଼ିରହନ୍ତି ଅସଂଖ୍ୟ ପରିତ୍ୟକ୍ତ ଭାବନା। ପିଲାଦିନରୁ, ଅତି ଅଳ୍ପ ବୟସରୁ ଏମିତି ହେଇଚାଲେ। ସାହିତ୍ୟ ବହିର ଲେଖକମାନେ ଠିଆ ହୁଅନ୍ତି ପାହାଡ଼ ଭଳି ଅନ୍ଧାରରେ, ଆକାର ଅନୁମାନ କରିହୁଏନି କିନ୍ତୁ ବଡ଼ କ'ଣ ଗୋଟେ ଅଛି ସାହିତ୍ୟରେ, ଏ ପ୍ରତ୍ୟୟ ବୋଧେ ଭିତରେ ଭିତରେ ବଢୁଥାଏ। ବୋଧହୁଏ ପଞ୍ଚମ ଶ୍ରେଣୀରେ ପଢ଼ିଲାବେଳେ ମୋ' ବାପାଙ୍କ ସହକର୍ମୀ ଜଣେ ଶିକ୍ଷକ ଘରୋଇ ଭାବରେ ବି.ଏ. ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥାନ୍ତି। ତାଙ୍କ ଖଟ ଉପରେ ବହିଗଦା ଓ ଅଳ୍ପଟିକିଏ ଜାଗାରେ ସେ ଶୁଅନ୍ତି, କାଳେ ଗୋଡ଼ ବାଜିଯିବ ବୋଲି ପାଦ ଉପରେ ଗାମୁଛା ପକାନ୍ତି। ସେଇଠି ଦେଖିଲି 'ଗଳ୍ପସ୍ୱଳ୍ପ' ବୋଲି ବହି ଖଣ୍ଡିଏ। ମାଗି ଆଣିଲି। ମୁଁ ସେତେବେଳକୁ ବହି ପଢ଼ି ପାରୁଥିଲି। ବାପା ନଥିବାବେଳେ ତାଙ୍କ ଆରାମ ଚଉକିରେ ମୁଁ ଓ ମୋର ପ୍ରିୟ ଗୋଟିଏ କଳା କୁକୁର ଛୁଆ ପଢ଼ିବା ଆରମ୍ଭ କଲୁ। ନଅ-ଦଶ ବର୍ଷ ବୟସରେ ଲୟ ସ୍ଥିର ରଖି ଫକୀରମୋହନଙ୍କ ଗଳ୍ପ ପଢ଼ିବା ସହଜ ନ ଥିଲା। ପୃଷ୍ଠାଏ ପଢ଼ିଲେ ଆଖି ଲାଗିଯାଏ, କାଲୁ ମତେ ଉଠେଇ ଦିଏ ଓ ମୋ ମୁହଁକୁ ଚାହିଁ ରହେ। ମୁଁ ପୃଷ୍ଠା ଲେଉଟାଏ। ହଠାତ୍ ଆସିଗଲା 'ରାଣ୍ଡିପୁଅ ଅନନ୍ତା'। ମୁଁ କୁଜା ହେଇ ପଡ଼ିଥିଲି, ସିଧା ହେଇଗଲି। କାଲୁ ସତର୍କ ହେଇଗଲା ଯେ କ'ଣ ଗୋଟେ ଘଟୁଚି। ହଁ ଘଟୁଥିଲା ମୋ' ଭିତରେ ସେ ଗଳ୍ପର ଶେଷ ଦୃଶ୍ୟ। ଭାଷାରେ ଯେତିକି ବୁଝୁଥିଲି, ତା'ଠାରୁ ଅଧିକ ବୁଝୁଥିଲି ଭିତରେ କୋଉଠି ଗୋଟେ। ସେ ବୋଧେ ସେଇ ଲେଖକୀୟ ଶୂନ୍ୟସ୍ଥାନ ଯେଉଁଠିକି ଅନନ୍ତା ଟାଣି ଆଣିବ ଅଧରାତିର ଅଥୟ ମାଦଳ, ଲଗାଣବର୍ଷାରେ ଧାନବିଲ, ଶୀତର ଜଙ୍ଗଲ, ବଣନିଆଁ, ଜଡ଼ାତେଲର ଜୁଡ଼ା, ସର୍ଦ୍ଦାର ବାଡ଼ିର ବନ୍ଧାହାତୀ, ବାଉଁଶ ବୁଦାର ସାପ, କୁମୁଦର ଭଙ୍ଗାଦାନ୍ତ ଓ ପଙ୍କ ଉଝଳା, ସମସ୍ତଙ୍କୁ ଗୋଟିଏ ଲେଖାଏଁ ସମ୍ଭାବ୍ୟ କଥକତାର ଅଂଶ କରି। ଯାହା ଭାବ ତାହା କହିହେବ, ଲେଖି ହେବ। ମୟୂରଭଞ୍ଜରୁ କଳାହାଣ୍ଡି ଥିଲା ସତେ ଯେମିତି ଗୋଟେ ଦେଶାନ୍ତରୀର ଅସ୍ତିତ୍ୱ ସନ୍ଧାନ, ଟିକିଏ କଥକତାର ଅଠାରେ ଛିଣ୍ଡା କାଗଜ ଯୋଡ଼ି ସଂସାରକୁ କିଶୋର ଆଖିର ଗୁଡ଼ି କରି, ଉଡ଼େଇ ଦେବାର ଖୋଲା ଆକାଶ। କଳାହାଣ୍ଡିର ଜୁନାଗଡ଼ ହାଇସ୍କୁଲ ଥିଲା ସେଇ ଖୋଲା ଆକାଶରେ ଗୁଡ଼ି ଉଡ଼େଇବାର ଦିନ। ଫୁଟବଲ ଖେଳରେ ସେଣ୍ଟର ଫରୱାର୍ଡ, ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ଅଙ୍କ ଓ ବିଜ୍ଞାନରେ ବି। କିନ୍ତୁ ସାହିତ୍ୟରେ ସବୁବେଳେ ଅନ୍ୟମନସ୍କ, ସବୁବେଳେ କୁଣ୍ଠିତ, ଅଧାପନ୍ତରିଆ, କୋଉଥିରେ ବି ସନ୍ତୁଷ୍ଟ ନୁହଁ। ଲେଖକୀୟ ଶୂନ୍ୟସ୍ଥାନ ଭରି ଭରି କୁଆଡ଼େ ଧସି ଯାଉଥାଏ, ସତେ ଯେମିତି ସବୁ ପୁରୁଣା ଭାବ ପଚି ଶଢ଼ି ସ୍ଥାନ ଭରୁଥାନ୍ତି ଓ ମାଟିରେ ବଦଳୁଥାନ୍ତି। ଲେଖକର ମାଟି ଯେଉଁଠି ଧାନ କି ବାଲୁଙ୍ଗା କୋଉଟା ଗୋଟେ ଉପୁଜିବ, ସେ ମାଟି ବଞ୍ଜର ହେବ ନାହିଁ। କଳାହାଣ୍ଡିରେ ହିନ୍ଦୀ ସହିତ ସମ୍ପର୍କ ହେଲା। ସ୍କୁଲରେ ହିନ୍ଦୀ ପଢ଼ା ହେଲା। ଆସିଗଲେ ହିନ୍ଦୀର ବହୁ ରଚନା ଆଗକୁ। ଆସିଗଲେ ରବୀନ୍ଦ୍ରନାଥ ଇଂରାଜୀରେ। ପୂରା 'ଗାର୍ଡ଼ନର' ବହି ମୁଖସ୍ଥ ହେଇଗଲା। ହିନ୍ଦୀ ଓ ଇଂରାଜୀ ସହିତ ଓଡ଼ିଆ ଲୟ ମିଶେଇ ଗୋଟେ ବିଚିତ୍ର ଲୟ ମତେ ବ୍ୟତିବ୍ୟସ୍ତ କଲା। ସେତେବେଳକୁ ଦଶମ ଶ୍ରେଣୀ। ସାରାଦିନ ପାଠ ପାଇଁ ସତର୍କ, ସାରାରାତି ସେଇ ଲୟ ପଛରେ ଅନିଦ୍ରା। ବାଟ ମିଳୁନଥାଏ। କ'ଣ ଗୋଟେ କରିବାର ଥାଏ ଯାହା ମୁଁ କରିପାରୁନଥାଏ। ଦିନେ ସଂସ୍କୃତ କ୍ଲାସରେ ପଣ୍ଡିତ ମହାଶୟ ପଢ଼େଇଲେ ମହାଭାରତର ଯକ୍ଷ ପ୍ରଶ୍ନ। ଯକ୍ଷ ପଚାରିଲା ସବୁଠୁ ଗୂଢ଼ ପ୍ରଶ୍ନ : କଃ ବାର୍ତ୍ତାଃ, ଖବର କ'ଣ? ଯୁଧିଷ୍ଠିର ଉତ୍ତର ଦେଲେ : ପୃଥିବୀ ଏକ ହାଣ୍ଡି, ଆକାଶ ତା'ର ଘୋଡ଼ଣି, ସୂର୍ଯ୍ୟ ଅଗ୍ନି, ଦିବା ରାତ୍ରି ଇନ୍ଧନ, ମାସ ଓ ଋତୁ ରୂପକ ଚଟୁ ଚଳେଇ କାଳ ମଣିଷମାନଙ୍କୁ ରାନ୍ଧୁଚି, ଏଇ ଖବର!

ପିଲାଟିଏ ପାଠର ପରାକ୍ରମ ଦେଖି ସ୍ତମ୍ଭୀଭୂତ ହେବା କିଛି ନୂଆ ନୁହେଁ, କିନ୍ତୁ ସ୍ତମ୍ଭୀଭୂତ ହେବାର ଏଇ ମୁହୂର୍ତ୍ତ ନିଷ୍ପତ୍ତି କରେ ତା'ର ପ୍ରାଣ ସ୍ପନ୍ଦନ କେଉଁଠି। ମୋର ପ୍ରାଣସ୍ପନ୍ଦନ ଥିଲା କବିତାରେ ଯେଉଁ କଥକତା, ନାଟକୀୟତା, ସମ୍ବେଦନା ଓ ସ୍ପର୍ଶ କାତରତା ମୋର ଭୂମି ନିର୍ମାଣ କରିଥିଲେ ସେସବୁ ହଠାତ ଗୋଟିଏ କାବ୍ୟଦୃଷ୍ଟିରେ ପରିଣତ ହୋଇଗଲେ। ମତେ କବିତା ଦିଶିଲା। ସେଥିଲେ ମିଶିଲା ଆସି ସ୍ମୃତିରେ ଉଜାଗର ଦୀପଶିଖା ସହିତ କୁଣ୍ଡଳୀ ମାରି ଉପରକୁ ଉଠୁଥିବା କବିତାର ଛନ୍ଦ ଓ ଧ୍ୱନି। ବୋଉ ଠାକୁରଙ୍କ ସଞ୍ଜ ଆଳତି କଲା ବେଳେ କାନି ଧରି ମୁଁ ଶୁଣେ ସବୁବେଳେ ଦଶାବତାର, ମନେବି ଥିଲା, ବୋଲିବି ପାରେ ଅତି ଅଳ୍ପ ବୟସରୁ। ଯା' ବାଦେ ସବୁ ଉପର ଓଳି ବୋଉ ରାମାୟଣ ପଢ଼େ, ସୀତାଙ୍କ ବନଗମନ, ବଲ୍କଲଧାରଣ, ଅଗ୍ନିପରୀକ୍ଷା ଭଳି ଅଧ୍ୟାୟରେ ସମସ୍ତେ କାନ୍ଦନ୍ତି, ତା' ବି କୋଉଠି ନା କୋଉଠି ରହିଯାଏ। ଘରେ ମନା ଥାଏ ମହାଭାରତ। ଭାଗବତର ଦଶମ ସ୍କନ୍ଦ ପଢ଼ା ହୁଏ ଘରେ, ବାପା ଜନ୍ମାଷ୍ଟମୀ ସକାଳୁ ନନ୍ଦୋତ୍ସବ ଯାଏଁ ନିର୍ଜଳା ଉପାସ କରନ୍ତି। ଯୋଉଠି ଥିଲେବି ନନ୍ଦୋତ୍ସବ ସକାଳେ ଦହିହାଣ୍ଡି ଭାଙ୍ଗିବା ପାଇଁ ପୈତୃକ ଗାଁ ଗଜରାଜପୁର ଯା'ନ୍ତି। ଆମ ବଂଶର ଆରାଧ ଗୋପାଳଜୀ। ମୁଁ ଗୋଟିଏ ବାସ୍ତୁହରା ଜମିଦାର ବଂଶର ଜଣେ ଦାୟାଦ। ମୋଗଲ କାଳରୁ ମକଦ୍ଦମୀ ସହିତ ଆରମ୍ଭ ଜମିଦାରୀ ୧୮୭୮ ବନ୍ଦୋବସ୍ତରେ ସ୍ଥିର ହେଲା ସିନା ଦେବୀ ନଦୀ ବନ୍ଧ ଦେଇ ଧୀରେ ସୁସ୍ଥେ ହସ୍ତୀ ଆରୋହଣ କରି ସୂର୍ଯ୍ୟାସ୍ତ ପୂର୍ବରୁ କଟକ ପହଞ୍ଚିବା ସମ୍ଭବ ହେଲାନାହିଁ। ଜମିଦାରୀ ଗଲା।

ମନ୍ଦିର ଦେବୋତ୍ତର ବିଭାଗକୁ ଗଲା। ଖଞ୍ଜା ଉଜୁଡ଼ି ଗଲା। କେବଳ ତ୍ରିଷ୍ଟି ହୋଇ ରହିଚି ଆମ ବଂଶ। ମୋ ଜେଜେ ବାଇଶି ପାହାଚରେ ଇହଲୀଳା ସାଙ୍ଗ କରିଥିବାର ସ୍ମୃତିକଥା ଅଛି। ଅଛନ୍ତି ଗୋପାଳଜୀଙ୍କ ନଟଗୋପାଳ ମୂର୍ତ୍ତି ପାଖରେ କିଶୋରୀମୋହନ। ମୋ ଜେଜେଙ୍କ ନାଁ ଆସିଥିଲା ଏଇ ଠାକୁରଙ୍କ ନାଁରୁ। ଏସବୁ ବି ଆସି ମିଶିଗଲେ କେତେବେଳେ ମୋ ଭିତରେ ପ୍ରସ୍ତୁତ ହେଉଥିବା ଲେଖକୀୟ ଭୂମିରେ। ଆଭିଜାତ୍ୟ ସହିତ ଅଭାବ, ଦନ୍ତକଥା ସହିତ ବାସ୍ତବତା, ମକଦ୍ଦମୀ ସହିତ ଜନ୍ମାଷ୍ଟମୀ, ଅଧ୍ୟାତ୍ମ ସହିତ ପୌରାଣିକତା, କଥକତା ସହିତ କବିତା, ସଂସ୍କୃତ ସହିତ ଜନଜାତୀୟ କଳ୍ପନା, ପ୍ରକୃତି ସହିତ ବସ୍ତୁପ୍ରବଣତା, ଏମିତି କେତେକଣ। ରେଭେନ୍ସା କଲେଜରେ ଯୋଗଦେଲା ବେଳକୁ ଆଖି ସାମ୍ନାରେ ଥିଲା ଗୋଟେ ନୂଆ ପୃଥିବୀ। ବିଟଲ୍ସ ଜାଜ, ସ୍ଥିତିବାଦ ଓ ଉପନିବେଶମୁକ୍ତି ଗୋଟେ ନୂଆ ଭାଷା ଆଣି ଠିଆ କରାଇଥିଲେ। ନୂଆ କବିତାର ନୂଆ ବହନକାରୀ ସାମର୍ଥ୍ୟର ପରୀକ୍ଷା ପ୍ରସାରିତ ହୋଇଚାଲିଥିଲା। ଇଲିଅଟ୍ 'ୱେଷ୍ଟଲାଣ୍ଡ' ପାଇଁ ନୋବେଲ ପାଇବା ସହିତ ଆଧୁନିକ କବିତାର ରୋମାଣ୍ଟିକ ଓ ପ୍ରଗତିବାଦୀ ଭାଷ୍ୟ ବଦଳିଯାଇଥିଲା, ଏବେ କାବ୍ୟକଳା ଥିଲା କାବ୍ୟବୋଧର ବିଚ୍ଛୁରଣ ଓ ପୁନରେକୀକରଣ। ଇଏ ଆମ କାବ୍ୟଧାରା ନଥିଲା କିନ୍ତୁ ସଂକ୍ରମିତ ହୋଇ ରହିଥିଲା ବିଶ୍ୱ କବିତା। ଆମର ବଡ଼ କବିମାନେ ସେଇ ମାର୍ଗ ଦେଖେଇଲେ। ନିୟମିତ କବିତା ଲେଖା ଆରମ୍ଭ ହେଲା ସେଇ ରୀତିରେ। କିନ୍ତୁ ଲେଖକ ଭଳି ଲାଗିଲା ନାହିଁ। ମୋର ଜୀବନ ଯେଉଁ ଲେଖକୀୟ ଭୂମି ନିର୍ମାଣ କରିଥିଲା, ତା'ର ବ୍ୟବହାର ହେଲା ନାହିଁ। କେବେ ଦିନେ ଏ ପ୍ରଶ୍ନ ବି ଆସି ଠିଆ ହେଲା ଯେ ମୁଁ ଯଦି ମୋର ଲେଖକୀୟ ଉପାଦାନକୁ ଅଣଦେଖା କରି ବିଦେଶାଗତ ମଡେଲର ଆଧାରରେ କବିତା ଲେଖୁଚି, ସେ ମୋର ନୁହେଁ। ମୁଁ ସୃଜନରେ ବି ସ୍ୱାଧୀନ ନୁହେଁ। ସେତେବେଳକୁ ମୋର ଗଳ୍ପ ଓ କବିତା ସଂକଳନ ବାହାରିଲାଣି, ଯୁବଲେଖକର ସ୍ୱୀକୃତି ବି ମିଳିଲାଣି, କିନ୍ତୁ ମୁଁ ଲେଖୁଚି କାହିଁକି? ଲେଖକୀୟ ଭୂମି ଯଦି ମୋର ନୁହେଁ, ମୁଁ ଯାହା କହିବାକୁ ଚାହୁଁଚି ଯଦି କହିପାରୁନାହିଁ, ତେବେ ମୁଁ ଲେଖିବି କାହିଁକି? ମୁଁ ୧୯୮୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ପ୍ରାୟ ଲେଖିଲି ନାହିଁ। କେବଳ ପଢ଼ିଲି, ଜାଣିବାକୁ ଚାହିଁଲି ମୋ ଭାଷାରେ କ'ଣ ଅଛି ଯାହା ଆଉ କୋଉଠି ନାହିଁ। ପଢ଼ିଲି ସାରଳା ମହାଭାରତ, ଭାଗବତ, ରୀତିକାବ୍ୟ, ଗୀତିକବିତା, କବିସୂର୍ଯ୍ୟ, ଭୀମ ଭୋଇ, ରାଧାନାଥ, ଶାସ୍ତ୍ର, ସଂଗୀତ, ପୁରାଣ, ବେଦ, ବେଦାନ୍ତ ଯାହା ପାଇଲି। ପଢ଼ିଲି ପାଶ୍ଚାତ୍ୟ କବିଗଣଙ୍କୁ, ତାଙ୍କର ଶାସ୍ତ୍ରକୁ, ତାଙ୍କର ଦର୍ଶନ ଓ ବିଚାରକୁ। ଫ୍ରେଞ୍ଚ, ସ୍ପାନିସ, ଜର୍ମାନ ଓ ପର୍ତ୍ତୁଗୀଜ ଭାଷା ଓ ସାହିତ୍ୟ ସହିତ ସାମାନ୍ୟ ପରିଚୟ ହେଲା କିନ୍ତୁ ଇଂରାଜୀ ଅନୁବାଦରେ ସବୁ ଜଣା କବିଙ୍କୁ ପଢ଼ିଗଲି। ଶେଷରେ ଏଇ ନିଷ୍କର୍ଷରେ ପହଞ୍ଚିଲି ଯେ ନୂଆ ଭାରତୀୟ କବିତା ଆମେ ଦୃଢ଼ତାର ସହିତ ଲେଖିପାରିନେ। ଓଡ଼ିଆ କବିତା କଥା କ'ଣ କହିବି, ଓଡ଼ିଆ ମୋ ଦୃଷ୍ଟିରେ ବିଶ୍ୱର ଶ୍ରେଷ୍ଠ ଭାଷା, ଏଭଳି କିଛି ନାହିଁ ଯାହା ଏ ଭାଷାରେ ଉଚ୍ଚାରିତ ହୁଏ ନାହିଁ ବା ଯାହା ପାଇଁ ଶବ୍ଦର ଅଭାବ ପଡ଼େ।

୧୯୯୦ ମସିହାରେ ମୁଁ ପୁଣି କବିତା ଲେଖିବା ଆରମ୍ଭ କଲି, ସେତେବେଳକୁ ମୁଁ ଜାଣିଯାଇଥିଲି ଯେ ପଶ୍ଚିମାଙ୍କ ଆଶାଭଙ୍ଗର କବିତା ମୋର ନୁହେଁ, ମୋର ଲେଖକୀୟ ଭୂମିର ଉପଜ ନୁହେଁ। ମୋ କବିତା ଅପରିଚୟର ନୁହେଁ କି ଆତ୍ମନିର୍ବାସନର ନୁହେଁ। ଯଦି ଇଲିଅଟ୍‌ଙ୍କ ନଷ୍ଟଭୂମିକୁ ଉପନିଷଦର ଶାନ୍ତିପାଠ ଅର୍ଥମୟ କରିପାରେ, ତେବେ ମୁଁ କାହିଁକି ନଷ୍ଟଭୂମିରୁ ପ୍ରେରଣା ନେବି? ମୋ ଉପରେ ମୋର ପିତୃପୁରୁଷଙ୍କର ଅମାପ ଋଣ। ସେଥିରୁ ଟିକିଏ ତ ପରିଶୋଧ କରିପାରିବି ମୋ ରଚନାରେ? ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ୨୦୧୩ ମସିହାରେ ଭାରତୀୟ ଜ୍ଞାନପୀଠର ମୂର୍ତ୍ତିଦେବୀ ପୁରସ୍କାର ଗ୍ରହଣ କରି ମୁଁ କହିଥିଲି, ଓଡ଼ିଆ ଭାଷାର ମୋ ଭଳି ଜଣେ ନଗଣ୍ୟ କବିଠାରୁ କିଛି ଆଶା ରଖନ୍ତୁ ନାହିଁ, ମୋ ପିତୃପୁରୁଷ ଛାଡ଼ିଯାଇଥିବା ବିପୁଳ ସମ୍ପନ୍ନତାକୁ ମୁଁ ଅଯୋଗ୍ୟ, ଭୋଗ କରିଚି ସାରାଜୀବନ ବଢ଼େଇନି କାଣିଚାଏ, ମୁଁ ନଲେଖିଲେ ବି ଓଡ଼ିଆ ସାହିତ୍ୟର କିଛି କ୍ଷତି ହେବନାହିଁ। ମୁଁ ଲେଖୁଚି, ଲେଖି ଚାଲିବି କେବଳ ସେମାନଙ୍କୁ ଜଣାଇବା ପାଇଁ ଯେ ମୁଁ ତାଙ୍କରି ସଞ୍ଚିତ ବିପୁଳତାକୁ ବ୍ୟୟ କରିଚାଲିଚି, ଶୁଝି ପାରିନି ସେଥିରୁ କାଣିଚାଏ!

ଏବେ ମୁଁ କହିପାରିବି ମୁଁ କାହିଁକି ଲେଖେ। ■

ମୋ: ୯୪୩୭୦୩୯୮୫୮

## ଅବଶିଷ୍ଟାଂଶ

### ଆଖିବୁଜିଲେ ବଳଙ୍ଗା...

ସୁରାକ ପାଉନାହିଁ। ନାବାଳିକାର ପରିବାର ସଦସ୍ୟ, ସାଙ୍ଗସାଥୀ ଏବଂ ଅନ୍ୟ କେତେକ ସନ୍ଦିଗ୍ଧ ଯୁବକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ନାବାଳିକାକୁ କିଏ ଓ କାହିଁକି ପୋଡ଼ି ମାରିବାକୁ ଉଦ୍ୟମ କଲା, ସେ ସଂପର୍କରେ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦିଷ୍ଟ ତଥ୍ୟ ମିଳିନାହିଁ। ଆମ ହାତରେ କିଛି ପ୍ରମାଣ ଲାଗିଛି, ଖୁବ୍‌ଶିଘ୍ର ଘଟଣା ଉପରୁ ପରଦା ହଟିବ ବୋଲି ତଦନ୍ତକାରୀ ସଂସ୍ଥା ବାରମ୍ବାର ଗଣମାଧ୍ୟମକୁ କହୁଥିଲେ ହେଁ ଏଯାଏ ତଦନ୍ତ ଅନ୍ଧାର ଭିତରେ ରହିଯାଇଛି। ଦିଗହରା ତଦନ୍ତ ଭିତରେ ଅପରାଧୀମାନେ ଅଦୃଶ୍ୟ ହୋଇଯାଇଥିବାବେଳେ ଆଜି ଡାକ୍ତରଖାନାରେ ପୀଡ଼ିତାଜଣକ ଆଖି ବୁଜିଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଗକୁ ତଦନ୍ତର ଦିଗ କୁଆଡ଼କୁ ଯିବ, ପୀଡ଼ିତା ପରିବାରକୁ ପୁଲିସ ଏବଂ ସରକାର କିଭଳି ଭାବେ ନ୍ୟାୟ ପ୍ରଦାନ କରିବେ, ତାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ଏଯାଏ ଅପରାଧୀଙ୍କୁ ଧରି ନ ପାରିବା, ଏତେଦିନ ପରେ ବି ଘଟଣା ଉପରୁ ପରଦା ନ ଉଠାଇ ପାରିବା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ୭ ଦିନ ଭିତରେ ବଳଙ୍ଗା ପୀଡ଼ିତାର ପରିବାରକୁ ନ୍ୟାୟ ନ ମିଳିଲେ, ପ୍ରକୃତ ଅପରାଧୀ ଧରା ନ ପଡ଼ିଲେ, ପ୍ରଶାସନିକ ବିଫଳତା ପାଇଁ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ଏମ୍‌ସରେ ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ଭେଟି ବିଜୁ ଜନତା ଦଳର ସଂସଦୀୟ ମଣ୍ଡଳୀ ସମବେଦନା ଜଣାଇଛନ୍ତି।

ଏହି ଦୁଃଖଦ ଘଟଣା ନେଇ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ। ରାଜ୍ୟ ସରକାର ତାଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଥିଲେ। ଦିଲ୍ଲୀ ଏମ୍ସରେ ବିଶେଷଜ୍ଞ ଡାକ୍ତରମାନେ ଅହୋରାତ୍ର ଚେଷ୍ଟା କରିଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କୁ ବଞ୍ଚାଇ ରଖିବା ସମ୍ଭବ ହୋଇପାରିଲା ନାହିଁ। ଏହି ଘଟଣାରେ ଜଡ଼ିତ ଅପରାଧୀମାନଙ୍କୁ ଦୃଢ଼ ଦଣ୍ଡ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

### ଅନ୍ଧାରରେ ତଦନ୍ତ...

ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତିଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହେବା ସହ ସାହିପଡ଼ିଶା ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ବଳଙ୍ଗା ଥାନାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବରିଷ୍ଠ ପୁଲିସ ଅଧିକାରୀ ଓ ତଦନ୍ତ ଅଧିକାରୀଙ୍କ ସହ ତଦନ୍ତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୁଲିସ ନୂତନ ଜ୍ଞାନ କୌଶଳ ବ୍ୟବହାର କରି ରାଜ୍ୟ ସାଇଣ୍ଟିଫିକ୍ ଟିମ୍ ଓ ରାଜ୍ୟ ଫରେନ୍‌ସିକ ଲ୍ୟାବ୍‌ର ୧୦ ଜଣିଆ ଟିମ୍ ମଧ୍ୟ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ୨୧ ତାରିଖରେ ଏହି ଘଟଣାକୁ ନେଇ ଜାତୀୟସ୍ତରେ ବେଶ୍ ଚର୍ଚ୍ଚା ହୋଇଥିଲା। କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ସୁପ୍ରିମକୋର୍ଟ। ବଳଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଥିଲେ।

୨୪ ତାରିଖରେ ବଳଙ୍ଗା ନାବାଳିକା ପୋଡ଼ି ମାମଲା ନେଇ କ୍ରାଇମବ୍ରାଞ୍ଚର ୪ ଜଣିଆ ଦଳ ଦିଲ୍ଲୀ ଏମ୍‌ସରେ ପୀଡ଼ିତାର ବୟାନ ରେକର୍ଡ କରିଥିଲେ। ସ୍ୱତନ୍ତ୍ର ଟିମ୍‌ରେ କ୍ରାଇମ୍‌ବ୍ରାଞ୍ଚର ଦୁଇଜଣ ଅଧିକାରୀଙ୍କ ସହ ଜଣେ ମାଜିଷ୍ଟ୍ରେଟ ଏବଂ ଜଣେ ଭିଡିଓଗ୍ରାଫର ରହିଥିଲେ। ୨୫ ତାରିଖରେ ନିମାପଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ପୀଡ଼ିତାଙ୍କ ସାଙ୍ଗ, ପିଉସୀ, ଦାଦା ଓ ଖୁଡ଼ୀଙ୍କର ବୟାନ ରେକର୍ଡ କାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବିଧିବଦ୍ଧ ଭାବେ ଏହି ୪ ଜଣଙ୍କର ନିଜସ୍ୱ ମତକୁ ଲିପିବଦ୍ଧ କରାଯାଇଥିଲା। ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କ ବାପାଙ୍କର ମଧ୍ୟ ବୟାନ ରେକର୍ଡ ହୋଇଥିଲା। ୨୭ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ପାଇଁ ଅସ୍ତ୍ରୋପଚାର କରାଯାଇଥିଲା। ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ପଚରାଉଚରା କରିଛି ପୁଲିସ। ୩୦ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ବୟାନ ରେକର୍ଡ କରାଯାଇଥିଲା। ଭୁବନେଶ୍ୱର ଏମ୍ସରେ ଥରେ ଏହିପରି ୪ ଥର ବୟାନ ରେକର୍ଡ କରିଥିଲା ପୁଲିସ। ଆଉ ଶେଷରେ ଆଜି ପୀଡ଼ିତା ଆଖି ବୁଜିଦେବା ପରେ ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ନାହିଁ ବୋଲି କହି ସବୁ ଦୋଷ ପୀଡ଼ିତା ମୁଣ୍ଡରେ ଥୋପି ଦେଇଛି ପୁଲିସ। ଆଜି ପୀଡ଼ିତାଙ୍କ ମୃତ୍ୟୁ ଘୋଷଣା ପରେ ଓଡ଼ିଶା ପୁଲିସ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇ କୁହାଯାଇଛି, ଆଜି ପର୍ଯ୍ୟନ୍ତ ହୋଇଥିବା ତଦନ୍ତରେ କାହାରି ସମ୍ପୃକ୍ତି ଥିବା ଜଣାପଡ଼ି ନାହିଁ। ଗତ ୩୦ ତାରିଖରେ ପୁରୀ ଏସ୍‌ପି ପିନାକ ମିଶ୍ର କହିଥିଲେ, ଏହି ମାମଲାରେ ପୁଲିସକୁ ଗୁଡ଼ାଏ ତଥ୍ୟ ହସ୍ତଗତ ହୋଇଛି। ବହୁତ ଲୋକଙ୍କୁ ପଚରାଉଚରା କରାଯାଇଛି। ଯେହେତୁ ଏଥିରେ ପୀଡ଼ିତା ଜଣେ ନାବାଳିକା ତେଣୁ ପୁଲିସ ବେଶ୍ ସନ୍ତର୍ପଣରେ କାମ କରୁଛି। ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। କ'ଣ ପାଇଁ ହେଲା କିଏ ନିଆଁ ଲଗାଇଲା ସେ ସମ୍ପର୍କରେ ଏବେ କହିପାରିବି ନାହିଁ ବୋଲି ସୂଚନା ଦେଇଥିଲେ। ହେଲେ ପ୍ରଶ୍ନଉଠୁଛି ପୁଲିସ କେଉଁସବୁ ତଥ୍ୟ ହାସଲ କରିଥିଲା। ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସେହି ତଥ୍ୟ କ'ଣ ପର୍ଯ୍ୟାପ୍ତ ନ ଥିଲା?

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନାବାଳିକା ଦେହରେ ନିଆଁ ଲଗାଯିବା ପରେ ପ୍ରଥମେ ତାକୁ ଠାବ କରିଥିଲେ ଦୁଃଖିଶ୍ୟାମ ସେନାପତି। ନାବାଳିକା ତାଙ୍କୁ କ'ଣ କହିଥିଲେ ଏବଂ ସେ ଓ ତାଙ୍କ ପତ୍ନୀ ପୀଡ଼ିତାଙ୍କୁ କ'ଣ ସାହାଯ୍ୟ କରିଥିଲେ ତାହା ତଦନ୍ତରେ କହିଥିଲେ। କିନ୍ତୁ ତାଙ୍କ ବୟାନକୁ ନେଇ ମଧ୍ୟ ଅନେକ ନାନା ପ୍ରକାର ଚର୍ଚ୍ଚା ହୋଇଥିଲା। ସେହିପରି ଘଟଣାସ୍ଥଳରୁ ପୁଲିସ ଜବତ କରିଥିବା କିଛି ସାମଗ୍ରୀ ଯେପରି କି ଚୁଡ଼ି, ମୁଦି ପୀଡ଼ିତାଙ୍କର ନୁହେଁ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା। ପ୍ରଶ୍ନ ଉଠିଥିଲା ଯଦି ପୀଡ଼ିତାଙ୍କର ନୁହେଁ, ତେବେ ସେଠାରୁ ମିଳିଲା କେମିତି? ପୋଡ଼ି ଘଟଣା ଏମିତି ଅନେକ ପ୍ରଶ୍ନବାଚୀ ଭିତରେ ରହିଯାଇଥିବା ବେଳେ ଆଜି ଆଖି ବୁଝିଛନ୍ତି ନାବାଳିକା।

### ସଂଶୟ ବଢ଼ାଇଲା...

ଏହି ବୃହତ୍ତର ସ୍ୱାର୍ଥ ସହ କୌଣସି ପ୍ରକାରରେ ସାଲିସ କରାଯାଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ପ୍ରଥମତଃ ବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆମର ଆଲୋଚନା ଜାରି ରହିଛି ବୋଲି ରାଜ୍ୟ ସରକାର କହୁଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଚିଠିର ଉତ୍ତରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଧାଡ଼ିକିଆ ଉତ୍ତର ଆଦୌ ସନ୍ତୋଷ ଜନକ ନୁହେଁ। ଓଡ଼ିଶାର ପ୍ରସ୍ତାବ ବିଚାରାଧୀନ ଅଛି ବୋଲି କହି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏହି ବିବାଦକୁ ଝୁଲାଇ ରଖିବାକୁ ଚାହୁଁଛନ୍ତି ବୋଲି ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି। ଉତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ କଥାରୁ ସ୍ପଷ୍ଟ ହୋଇଯାଉଛି ଯେ ଦୁଇ ରାଜ୍ୟ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ। କେବଳ ଓଡ଼ିଶା।। ମୁଖ୍ୟମନ୍ତ୍ରୀ ପଠାଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ସରକାର ବିଚାର କରୁଛନ୍ତି।

ଦ୍ୱିତୀୟତଃ ଛତିଶଗଡ଼କୁ କଣ ପ୍ରସ୍ତାବ ଦିଆଯାଇଛି, ତାହା ରାଜ୍ୟ ସରକାର କାହିଁକି ସାର୍ବଜନୀନ କରୁନାହାନ୍ତି। ଏହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ନିକଟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ସମାନ ପ୍ରଶ୍ନ ଉଠାଇଥିଲେ। ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ନବୀନ ଦାବି କରିବା ସହ ରାଜ୍ୟ ସରକାର ଆଇନଗତ ଲଢ଼େଇରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏପରିକି ତୁରନ୍ତ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକାଇବାକୁ ନବୀନ ଦାବି କରିଥିଲେ। ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି। ଯାହାକୁ ନେଇ ସାଧାରଣରେ ଅନିଶ୍ଚିତତା ବଢ଼ି ଚାଲିଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ କଡ଼ା ସମାଲୋଚନା କରିଛି କଂଗ୍ରେସ। କଂଗ୍ରେସ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଚିଠିରେ କୌଣସି ଆପୋସ ସମାଧାନ ହୁଏନାହିଁ। ବିବାଦରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କଲେ ଯାଇ ସମାଧାନର ରାସ୍ତା ବାହାରିପାରିବ। ମହାନଦୀ ସମସ୍ୟାର ସମାଧାନ ପାଇଁ ରାଜ୍ୟବାସୀ ବିଜେପି ଉପରେ ଭରସା ରଖି ଭୋଟ ଦେଇଥିଲେ। ମାତ୍ର ସରକାରଙ୍କୁ ବର୍ଷ ପୂରିଥିଲେ ମଧ୍ୟ ମହାନଦୀର ସ୍ଥିତି ପୂର୍ବପରି ସଙ୍କଟାପନ୍ନ ରହିଛି। ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଚିଠି ଲେଖା ବନ୍ଦ ହେଉ। ପ୍ରଧାନମନ୍ତ୍ରୀ ଇତିମଧ୍ୟରେ ଓଡ଼ିଶାକୁ ୬ ଥର ଆସିଲେଣି। ପ୍ରଧାନମନ୍ତ୍ରୀ ଚାହିଁଥିଲେ ଗୋଟିଏ ଦିନରେ ସମସ୍ୟାର ସମାଧାନ କରିପାରିବେ। ତେଣୁ ପ୍ରଧାନମନ୍ତ୍ରୀ ଏନେଇ ଆଗେଇ ଆସିବାକୁ ଶ୍ରୀ କାଡାମ ଦାବି କରିଛନ୍ତି। ଅପରପକ୍ଷେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ସମସ୍ତ ରାଜନୈତିକ ଦଳ, ନଦୀ ଓ ଜଳ ବିଶେଷଜ୍ଞ, ନଦୀ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ତୁରନ୍ତ ଡାକିବାକୁ ସଂଗଠନର ଆବାହକ ସୁଦର୍ଶନ ଦାସ ଚିଠିରେ ଉଲ୍ଲେଖ କରିଛନ୍ତି। ଆନ୍ତଃନଦୀ ଜଳ ବିବାଦ ଏକ ଜଟିଳ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ବର୍ଗଙ୍କ ଭିତରେ ସହମତି ଅତ୍ୟନ୍ତ ଜରୁରି। ମହାନଦୀକୁ ନେଇ ଓଡ଼ିଶାର କଣ ଦାବି ସବୁ ରହିବା ଉଚିତ ସେସବୁ କୁ ସହମତି ଭିତ୍ତିରେ ନିର୍ଦ୍ଧାରଣ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

### ସେପ୍ଟେମ୍ବର ୬କୁ...

ମୋହନ ଚରଣ ମାଝୀଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସମ୍ପର୍କରେ ଆମେ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲୁ। ଏହାକୁ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତୀତରେ କୌଣସି ଜଳବିବାଦ ଟ୍ରିବ୍ୟୁନାଲରେ ସମାଧାନ ହୋଇନାହିଁ। ଗତ ୬ ବର୍ଷ ମଧ୍ୟରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମଧ୍ୟ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଏଯାବତ୍ ମାତ୍ର ଜଣ ସାକ୍ଷୀଙ୍କୁ ଜେରା କହିଛନ୍ତି। ଆହୁରି ୧୦ ବର୍ଷ ମାମଲା ଚାଲିଲେ ମଧ୍ୟ ଏହି ମାମଲାର ଅନ୍ତ ଘଟିବ ନାହିଁ। ତେଣୁ ଆପୋସ ଆଲୋଚନା ମାଧ୍ୟମରେ ମାମଲାର ସମାଧାନ ଶ୍ରେୟସ୍କର ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଇତିମଧ୍ୟରେ କେନ୍ଦ୍ର ସରକାର ଏବଂ ଗୃହ ମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଛି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିରୁ ସୁଫଳ ମିଳିବା ସହ ଏକ ସକରାତ୍ମକ ପରିବେଶ ମଧ୍ୟରେ ଏହି ମାମଲାର ଅନ୍ତ ଘଟିବ ବୋଲି ଶ୍ରୀ ଆଚାର୍ଯ୍ୟ ଆଶା ପ୍ରକାଶ କରିଛନ୍ତି।

### ପୁଣି ଝୁଲିଲା ନିଗମ...

ନିର୍ବାଚିତ ହେବା ପରେ ରାଜ୍ୟରେ ଖୁବଶୀଘ୍ର ସାଂଗଠନିକ ପୁନର୍ବିନ୍ୟାସ ଏବଂ ନିଗମ, ବୋର୍ଡ ନିଯୁକ୍ତିକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ରାଜ୍ୟ ସଭାପତି ଏବଂ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏନେଇ ଘନ ଘନ ବୈଠକ କରିଥିବା ବେଳେ ଆସନ୍ତା ୯ ତାରିଖ ପୂର୍ବରୁ ସଂଗଠନରେ ନୂଆ ନିଯୁକ୍ତି ସହ ନିଗମ ଓ ବୋର୍ଡ ନିଯୁକ୍ତି ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଥିଲା। ତେବେ ଉଭୟ ପ୍ରକ୍ରିୟାକୁ ନେଇ ମନମୋହନଙ୍କ ଆଜିର ବୟାନ ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି। ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଲଡ୍ଡୁ ବଣ୍ଟାକୁ ଆଉ କିଛିଦିନ ଲାଗିପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି।

### ପୁଣି ୮ କୋଟିର...

୮ କେଜିର ବିଦେଶୀ ନିଶା ମାରିଜୁଆନା ଜବତ କରାଯାଇଥିଲା। ଗିରଫ ଯାତ୍ରୀ ଜଣଙ୍କ କହିଛନ୍ତି ଯେ, ବ୍ୟାଙ୍କକ ଏବଂ ଥାଇଲାଣ୍ଡ ବିମାନ ବନ୍ଦରରେ ଲଗେଜ୍‌କୁ ଏତେଟା ଯାଞ୍ଚ କରାଯାଇ ନାହିଁ। ବିଶେଷ କରି ଲଗେଜ ସ୍କାନର ମାଧ୍ୟମରେ ଯାଞ୍ଚ କରଯାଇଏ ନାହିଁ। ତେଣୁ ନିଶା ମାଫିଆ ଥାଇଲାଣ୍ଡ ଏବଂ ବ୍ୟାଙ୍କ୍‌କରୁ ନିଶା ଦ୍ରବ୍ୟ ସିଧା ଭୁବନେଶ୍ୱର ବିମାନ ବନ୍ଦରକୁ ଆଣିଥାନ୍ତି। ଦୁଇ ଦେଶର ଏୟାରପୋର୍ଟ ଭଳି ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ଏତେଟା ଲଗେଜ ସ୍କାନ୍ କରାଯାଏ ନାହିଁ। ଯାହାର ଫାଇଦା ନେଉଛନ୍ତି ନିଶା ମାଫିଆ। ସେମାନେ ବିଦେଶରୁ ଭୁବନେଶ୍ୱରକୁ ନିଶା ଚାଲାଣ କରୁଛନ୍ତି। ଏଠାକୁ ଆସିବା ପରେ ବିମାନରେ ଅନ୍ୟ ଦେଶକୁ ସିଧା ଯାଇଥାଏ। କେବଳ କଷ୍ଟମ୍ ବିଭାଗ ନିଜର ଗୁଇନ୍ଦା ଖବର ଆଧାରରେ ଯାହା ସୂଚନା ପାଉଛି ସେହି ଆଧାରରେ ଚଢ଼ଉ କରି ଗିରଫ କରୁଛି।

### କମୁଛି ନିଯୁକ୍ତି...

ଶୁକ୍ରବାର ଜାରି ନିଯୁକ୍ତି ରିପୋର୍ଟ ନୈରାଶ୍ୟଜନକ ଥିଲା। ଆମେରିକା ଶ୍ରମ ବିଭାଗ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଅର୍ଥନୀତିକୁ ବଡ଼ ଝଟ୍‌କା ଲାଗିଛି। ଗତ ମାସରେ ଦେଶରେ ମାତ୍ର ୭୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଲକ୍ଷେ ୧୫ ହଜାର ନିଯୁକ୍ତି ମିଳିବ ବୋଲି ଆକଳନ କରାଯାଇଥିଲା। କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୫ ହଜାର ଏବଂ ସାମାଜିକ ସେବା କ୍ଷେତ୍ରରେ ୧୮ ହଜାର ଚାକିରି ମିଳିଥିଲା। ଗତ ମାସରେ ନିଯୁକ୍ତି ଦାତା ଜୁଲାଇରେ ୬୨, ୦୭୫ ଜଣଙ୍କୁ ଛଟେଇ ମଧ୍ୟ କରିଥିଲେ। ଏହା ଜୁନ୍ ତୁଳନାରେ ୨୯ ପ୍ରତିଶତ ଅଧିକ ଥିଲା। ଜୁଲାଇରେ ହୋଇଥିବା ଛଟେଇ ଗତ ବର୍ଷର ସମାନ ଅବଧି ତୁଳନାରେ ୧୪୦ ପ୍ରତିଶତ ଅଧିକ। ସରକାରୀ, ଟେକ୍, ଖୁଚୁରା କ୍ଷେତ୍ରରେ ସର୍ବାଧିକ ଛଟେଇ ହୋଇଛି। 'ଜବ୍ସ ଆଣ୍ଡ ଲେବର ରିପୋର୍ଟ'ରେ କୁହାଯାଇଛି ଯେ ଅର୍ଥନୀତି ମନ୍ଥର ହୋଇଯାଇଛି।

### ମୁଣ୍ଡ-ଗଣ୍ଡି ଅଲଗା...

ଦିନ ବୃଦ୍ଧି ପାଉଥିବା ବେଳେ ଗୋଠଛଡ଼ା ଦନ୍ତାର ଉତ୍ପାତ ଯୋଗୁଁ ଅଞ୍ଚଳବାସୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିଚାଲିଛି। ଗତ ଗୁରୁବାର ହାତୀ ଆକ୍ରମଣରେ ବାଘଧରିଆ ଗ୍ରାମର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ମହାଲୁଣ୍ଡା ପଞ୍ଚାୟତ ଟାଙ୍ଗିଶାଳ ଗ୍ରାମର ସୁଧାକର ସାମଲ ଶୁକ୍ରବାର ଚାଷକାମ କରିବାକୁ ବିଲକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିନଥିଲେ। ଗାଁ ପାଖରେ ହାତୀର ଗର୍ଜନ ଶୁଣି ଭୟରେ କେହି ପଦାକୁ ଯାଇ ନଥିଲେ। ତେବେ ଶନିବାର ସକାଳେ ସୁଧାକରଙ୍କ ଗଣ୍ଡି ଓ ମୁଣ୍ଡ ଅଲଗା ପଡ଼ିଥିବା ଗ୍ରାମବାସୀ ଦେଖିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବର ପାଇ ହିନ୍ଦୋଳ ଥାନା ପୁଲିସ, ବନବିଭାଗ କର୍ମଚାରୀ, ହିନ୍ଦୋଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପୁଲିସ ମୃତଦେହ ଜବତ କରିବା ସହ ହିନ୍ଦୋଳ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଗାଁ ଶ୍ମଶାନରେ ସୁଧାକରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୃତକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସମସ୍ତ ସରକାରୀ ସହାୟତା କିପରି ଶୀଘ୍ର ପାଇପାରିବେ, ସେନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଧାୟିକାଙ୍କ ସହ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ମହାଲୁଣ୍ଡା ସରପଞ୍ଚ ବସନ୍ତ ସାହୁ, ପ୍ରତାପ ପ୍ରଧାନ, ମଣ୍ଡଳ ସଭାପତି ରବିନ ବାରିକ, ପ୍ରବୋଧ ପ୍ରଧାନ, ବିଜେପି ନେତା ଭାସ୍କର ଚନ୍ଦ୍ର ନାୟକ, ପ୍ରେମାନନ୍ଦ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଆଲୋକ ରଞ୍ଜନ ସାହୁ, କୁଶଳ ପଟ୍ଟନାୟକ, ପ୍ରଫୁଲ୍ଲ ମହାରଣା, ଟୁନା ନାଥ, ରୋହିତ ବେହେରା, ସୁଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


**UTKAL BANANI HIGHER SECONDARY SCHOOL**
CHAKSULIAPADA, MAYURBHANJAT/PO- CHAKSULIAPADA,
PS- SULIAPADA, DIST- MAYURBHANJ, PIN- 757021

**WALK-IN-INTERVIEW**

Interested candidates having 55% marks or more at P.G level are invited to attend the walk-in-interview on dt. 11/08/2025 from 11 AM to 12 PM in the college premises with self-attested copies of academic certificates for appointment of Math (with BED ) & Sanskrit lecturer.

Principal-Cum-Secretary
U.B.H.S.S Chaksuliapada, MBJ

**ନିୟନ୍ତ୍ରିତ ବଜାର କମିଟି କୋରାପୁଟ**

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ କୃଷକ ଭାଇ ଭଉଣୀ ,ବ୍ୟବସାୟୀ ମାନଙ୍କୁ ୭୮ତମ ସ୍ୱାଧୀନତା ଦିବସ ୨୦୨୫ ସୁଅବସର ଉପଲକ୍ଷେ ନିୟନ୍ତ୍ରିତ ବଜାର କମିଟି କୋରାପୁଟ ଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

**ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**

ଧାନ ସଂଗ୍ରହ ବର୍ଷ ୨୦୨୫-୨୬

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଖରିଫ ଧାନ ସଂଗ୍ରହ ୨୦୨୪-୨୫ ବର୍ଷ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତା ୧୯.୦୭.୨୦୨୫ ରିଖ ଠାରୁ ଆରମ୍ଭ ହୋଇଅଛି । ଆଗ୍ରହୀ ଚାଷୀ ନିକଟସ୍ଥ ଅନୁମୋଦିତ କୃଷି ସମବାୟ ସମିତି PACS/LAMPCS ରୁ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା ୨୦.୦୮.୨୦୨୫ ରିଖ ମଧ୍ୟରେ ସମିତି ରେ ଦାଖଲ କରିବେ । ସବିଶେଷ ବିବରଣୀ ପାଇଁ ବିଭାଗୀୟ ୱେବସାଇଟ www.foododisha.in ରେ ତଥ୍ୟ ଉପଲବ୍ଧ ।

ଆବଶ୍ୟକୀୟ କାଗଜାତ :-
୧- ଆଧାର କାର୍ଡ
୨- ଚାଷଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା(ROR) ଚଳିତ ଇତ୍ୟାଦି ।
୩- ବ୍ୟାଙ୍କ ପାସ ବୁକ ର ପ୍ରଥମ ପୃଷ୍ଠା
୪- ମୋବାଇଲ ନମ୍ବର , ଯଦି ମୋବାଇଲ ନ ଥାଏ ପରିବାର ସଦସ୍ୟଙ୍କ ମୋବାଇଲ ନମ୍ବର ଦେବା ଆବଶ୍ୟକ
୫- ଭାଗ ଚାଷୀମାନେ ପଞ୍ଜୀକରଣ ପ୍ରକ୍ରିୟା ରେ ଆବଶ୍ୟକିୟ କାଗଜ ପତ୍ର ଦାଖଲ କରି ଅଂଶ ଗ୍ରହଣ କରିପାରିବେ।
୬-ଅଧିକରୁ ଅଧିକ କ୍ଷୁଦ୍ର ଓ ନାମ ମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥା ରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ

ଏଣୁ ସମସ୍ତ ଆଗ୍ରହୀ ଚାଷୀ ମାନଙ୍କୁ ଅନୁରୋଧ,ସେମାନେ ଉପରୋକ୍ତ ଅବଧି ମଧ୍ୟ ରେ ଆସନ୍ତୁ ପଞ୍ଜୀକରଣ କରି ନେବେ।

ସ୍ୱା/- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି କୋରାପୁଟ

ସ୍ୱା/- ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି କୋରାପୁଟ

OFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: pwdoff_khd@yahoo.com

B-356

**Tender Call Notice**
**Bid Identification No. S.E.-KHD-(R&B)- 18/2025-26**
Letter No. 4657 / dtd. 31.07.2025

The Superintending Engineer, Khurda (R&B) Division, Khurda on behalf of Governor of Odishainvites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the Composite (Civil + EI + PH) & Roads Works as detailed below:

1. Nature of Work : Building & Road
2. No of Work : 2Nos
3. Tender Cost : Rs.10000.00(Online)
4. Class of Contractor : 'B' class Contractor
5. Available of Bid documents In the web site. : From Dt. 06.08.2025 at 12.00 Noon to Dt. 20.08.2025 at 5.00 PM
6. Date of opening of Bids : Dt. 21.08.2025 at 11.00A.M

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

Superintending Engineer
Khurda (R&B) Division, Khurda

OIPR-34095/11/0033/2526

Ph. 06854-241159/232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
Head Ofice: N.K.T. Road, Jeypore-764003, Dist.: Koraput, Odisha
Letter No. 7527/P&S/2025-26 / Date 02.08.2025

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/ MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2025 to 10.08.2026 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2025 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S,
KCC Bank Ltd. Head Office, Jeypore
Mobile No.: 9777519964

Secretary
KCC Bank Ltd., Jeypore

C-797

OFFICE OF THE
**MUNICIPAL COUNCIL, BHADRAK**
BHADRAK, PIN-756100
E-mail: cobdkmunicipality@gmail.com

Letter No: 4087

Date: 31/07/2025

**NOTICE INVITING REQUEST FOR PROPOSAL (RFP)**
(Through E-Procurement)

Bids in double cover system through e-procurement in conformity with the detailed notice inviting Request For Proposal (RFP) are hereby invited by the Executive Officer, Bhadrak Municipality, on behalf Bhadrak Municipal Council, Bhadrak, Odisha from eligible entities for the below mentioned work:

| Name of Work | Plant Capacity (In TPD) | Bid Security/ EMD | Performance Security | Cost Of Bid Fee |
|---|---|---|---|---|
| 1 | 2 | 3 | 4 | 5 |
| Selection of Agency for Setting up of Wet Waste/ Municipal Solid Waste Processing Facility (Waste to Compost Plant) in Bhadrak Municipality on Public Private Partnership (PPP) | 60 TPD | Rs 3,00,000 /- ( Rupees Three Lakh) Only | Rs.15,00,000/- ( Rupees Fifteen Lakh) Only | Rs. 10000/- |

1. RFP documents consisting of terms, conditions, & other necessary information can be seen on and downloaded from the Govt website www.tendersodisha.gov.in by the eligible entities registered on the portal.
2. The bidder shall transfer online the cost of bid document & EMD for the amount specified for the work in column -5 & 3 respectively of table above as part of its bid processing.
3. The prospective bidder shall be required to submit a Performance Security of Rs. 15,00,000.00 in the form of Bank Guarantee to the Bhadrak Municipality as per terms of the Agreement.
4. The RFP may be postponed, modified or cancelled at any time due to administrative reasons and no claim shall be entertained on this account.
5. For further details and bids schedule, visit website www.tendersodisha.gov.in

Executive Officer
Bhadrak Municipality

OIPR-13152/11/0030/2526

**AFFIDAVIT**

I, Saikh Sunhera, W/O.: Saikh Niyaz Allam, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41781, DTD:01/08/2025 that now onwards I shall be known as **Sunhera Khatoon** for all future purposes.

**LOST**

I Mr. Lokanath Nayak declare that I have lost the Original Sale Deed No-1134, date 21/10/2004 of landed property of Mouza-Chappirikoilama, Tahasil - Ranapur, PS-Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A01.55 Decimal on Dated: 26/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak, Mobile No -9778070590 (Of Advocate) or in this address- Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି ତା.୧୮.୦୮.୨୦୨୫ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡ଼ିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୧୫ ଦିନିଆ ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା.୦୧.୦୮.୨୦୨୫ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ବାଲେଶ୍ୱର ଶାଖା (୧୯୯୧), ତଳ ମହଲା, ସାହୁ କମ୍ପ୍ଲେକ୍ସ, ଭାସ୍କରଗଞ୍ଜ (ଏଫ୍ ଏମ୍ ଗୋଲାଇ), ଓ.ଟି. ରୋଡ୍, ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୫୧୭୮୪୮୨୦୯ | | | | |
| ୧. | ସତ୍ୟବ୍ରତ ଦାସ, ପିତା: ନିତ୍ୟାନନ୍ଦ ଦାସ, ବାସୁଦେବପୁର, ଭଦ୍ରକ, ପିନ୍- ୭୫୬୧୨୫ / ୬୦୪୫୧୧୭୯୪୮୫ | ଟ.୨,୪୯,୦୦୦.୦୦ | ୬୮.୨୦ | ୮୨.୭୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ ନଂ.-୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ବୁଦ୍ଧଗଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୫୦୦୯୮୩୬୮ | ଟ.୬୭,୧୫୬.୦୦ | ୧୮.୬୦ | ୨୨.୮୫ |
| ୨. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ବୁଦ୍ଧଗଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୪୬୩୨୩୮୪୬ | ଟ.୪୯,୬୧୮.୦୦ | ୧୧.୦୦ | ୧୧.୫୦ |
| ଟିଟିଲାଗଡ଼ ଶାଖା (୨୧୩୮), ରାମରାଜ ପ୍ଲାଜା, ଜୈନ ପଡ଼ା, ଏସ୍.ବି.ଆଇ. ବିପରୀତ ପାର୍ଶ୍ୱ, ଜୈନ ଧର୍ମଶାଳା ରୋଡ୍, ଟିଟିଲାଗଡ଼, ଓଡ଼ିଶା, ପିନ୍-୭୬୭୦୩୩, ମୋ..: ୯୯୩୭୪୮୧୧୨୩ | | | | |
| ୧. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୪୮୫୪୬୬୮୬୭ | ଟ.୩୦,୦୬୯.୦୦ | ୭.୫୦ | ୮.୬୮ |
| ୨. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୫୧୯୧୩୯୪୫୯ | ଟ.୭୦,୦୦୦.୦୦ | ୧୭.୦୦ | ୧୭.୮୬ |

ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।
୧) "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦୁପଲକ୍ଷେ ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୦୮.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**AFFIDAVIT**

I, Saikh Niyaz Alam, S/O: Saikh Soleman, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41782, DTD:01/08/2025 that now onwards I shall be known as **SAIKH NIYAZ ALLAM** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 29.07.2025. I Mr. Anil Nayak, Address- At-/ Omkar Basti, Infront of Kalinga Studio, Ghatikia, Word No -23, Bhubaneswar, Dist-Khordha, Odisha-751003 declare that I have changed my son's name from Anshu Naik to Subham Nayak. Henceforth, he shall be known as **SUBHAM NAYAK** for all purposes.

**CHANGE OF NAME**

By virtue of an affidavit sworn before Executive Magistrate, Nandapur, vide no-60, dated 01/08/2025 I, Bimla Khara, D/o-Samara Khara, W/o-Sitaram Khara resident of Vill.-Sobhaput, Po.- Panthulunga, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Matam Bimal** to **Bimla Khara**. Henceforth I shall be known as **Bimla Khara** for all purposes.

**NOTICE**

In the partnership firm SAGE HOSPITALITY bearing No-1820202300402 registered on dated 27.03.2023 before office of the Inspector-General of Registration-cum-Registrar of firms, Odisha, Cuttack, in which two new Partners namely Mr. Kumar Arindam and Smt. Sasmita Sahu appointed in the said firm with effect from 01.04.2025.

**CHANGE OF NAME**

I, Sarada Prasonn Rath, S/o- Lingaraj Rath, Resident of At/PO-Truptiapada, PO/PS-Bolagarh, Dist- Khurdha, Pin-752066, Odisha declare by this Affidavit No. 1694, Dated 31.07.2025, that now onwards I shall be known as **SARADA PRASANNA RATH** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-02/08/2025. I, **Gangadhara Kabasi** (new name) formerly called as **Ganga Kabasi** (old name), S/o Rama Kabasi, Permanent resident of At- Siadimala, P.O. Challan Guda, P.S. Malkangiri, Dist-Malkangiri (Odisha), PIN- 764045 now residing at the same place affirm that I have changed my name from **Ganga Kabasi** (old name) to **Gangadhara Kabasi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gangadhara Kabasi** (new name).

Gangadhara Kabasi

**AFFIDAVIT**

I, Hapiz Abdul, aged about 60 years, S/o- Late Shaikh Sayeed, resident of At/Po- Samanga, Ps-Jagatsinghpur Dist-Jagatsinghpur, Odisha, Pin- 754132 declare by this affidavit No. 1532, dtd. 01/08/2025, that now onwards I shall be known as **HAFIZ ABDUL** for all future purposes

**ସୂଚନା**

ମୁଁ, ଶ୍ରୀ ସୟଦ ଅଫଜଲ ରବାନୀ, ସୟଦ ଗୋଲାମ ଦାଉଦଙ୍କ ପୁଅ, ଗ୍ରା/ପୋ/ଥାନା- ଚମ୍ପୁଆ, ଜିଲ୍ଲା- କେନ୍ଦୁଝର, ଓଡ଼ିଶାର ନିବାସୀ, ଘୋଷଣା କରୁଛି ଯେ ମୋର ମୂଳ ବିକ୍ରୟ ଡିଡ୍ ୨୦୦୫ ର RSD No- ୩୨୫ ଅନୁଯାୟୀ ପଞ୍ଜିକରଣ ଡକ୍ୟୁମେଣ୍ଟ, କେନ୍ଦୁଝରର ଚମ୍ପୁଆ ମୁଖ୍ୟ ରାସ୍ତାରେ କୌଣସି ସ୍ଥାନରେ ତାରିଖ ୧୯/୦୭/୨୦୨୫ ହଜିଯାଇଛି । ଯଦି କେହି ଏହାକୁ ପାଆନ୍ତି, ଦୟାକରି ମୋତେ ମୋବାଇଲ୍ ନମ୍ବରରେ ଜଣାନ୍ତୁ- ୯୪୩୭୧୦୫୭୧୦ ।

## ଡ୍ରେନେଜ କଟ୍‌ରେ ହୋଇଛି ମାଛଖଟି

# ନିଷ୍କାସନ ହୋଇପାରୁନି ପାଣି, ୫ ପଞ୍ଚାୟତରେ ଫସଲ ହାନୀ ଆଶଙ୍କା

ଡେରାବିଶ, ୨।୮ (ସମିସ):





ଡେରାବିଶ ବ୍ଲକ୍ ଅନ୍ତର୍ଗତ ୧୯ନଂ ଡ୍ରେନେଜ କଟ୍‌ରେ କାଉପଡ଼ା ପଞ୍ଚାୟତର ଥକେଇନେଉଳି ଗ୍ରାମ ନିକଟରେ କିଛି ଅସାଧୁ ଲୋକ ବାଉଁଶ ବାଡ଼ ଦେଇ ମାଛ ଖଟି କରିଛନ୍ତି। ଫଳରେ ଏହି ସ୍ଥାନରେ ଦଳ ଜମି ରହିବା ସହିତ ଡ୍ରେନେଜ୍‌କଟ୍‌ରେ ପାଣି ନିଷ୍କାନ ହୋଇପାରୁନି। ଫଳରେ ସପ୍ତାହେ ଧରି ଲାଗିରହିଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ଏବେ ବ୍ଲକ୍ ଅନ୍ତର୍ଗତ ଚାନ୍ଦୋଳ, ପଲେଇ, ଖମୋଳ, ଗୋଲରାହାଟ ଓ କାଉପଡ଼ାର ଶହଶହ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି। ଉପରୋକ୍ତ ପଞ୍ଚାୟତରେ ଡ୍ରେନେଜକଟ୍ କଡ଼ ଓ ଖାଲ ଜମିରେ ହୋଇଥିବା ରୁଆ ଫସଲ ଓ ଧାନ ତଳି ଘେରା ଏବେ ପାଣିରେ ବୁଡ଼ି ରହିଥିବା ନେଇ ଚାନ୍ଦୋଳ ପଞ୍ଚାୟତର ଚାଷୀ ମହେଶ୍ୱର ଷଣ୍ଡ, ପଲେଇ ପଞ୍ଚାୟତର ଚାଷୀ ବିଧୁଭୂଷଣ ମହାପାତ୍ର, ଗୋଲରାହାଟ ପଞ୍ଚାୟତର ଚାଷୀ ଦୀପକ ଘଡ଼େଇ ପ୍ରକାଶ କରିଛନ୍ତି। ଥକେଇ ନେଉଳ ଗ୍ରାମ ନିକଟରେ ପ୍ରତିବର୍ଷ କେତେକ ବ୍ୟକ୍ତି ଏଭଳି ମାଛ ଖଟି କରି ମାଛ ଧରି ବିକ୍ରି କରୁଥିବାବେଳେ ସେମାନଙ୍କ ଯୋଗୁଁ ଅଞ୍ଚଳର ଚାଷୀଙ୍କ ସର୍ବନାଶ ଘଟୁଛି। ଏଥିସହିତ ଏହି ଡ୍ରେନେଜକଟ୍‌କୁ ବିଭାଗ ପକ୍ଷରୁ ସଠିକ୍ ଭାବେ ସଫେଇ କରାଯାଉ ନ ଥିବାରୁ ଦଳ ଓ ଖରି ସୃଷ୍ଟି ହୋଇ ପାଣି ପ୍ରବାହକୁ ଅଟକାଉଛି। ଏ ସମ୍ପର୍କରେ ଚାଷୀ ବିଭାଗ ନିକଟରେ ଯେତେ ଅଭିଯୋଗ କଲେ ମଧ ଫଳ ଶୂନ୍। କୌଣସି ବର୍ଷ ଖରାଦିନରେ ଏହି ଡ୍ରେନେଜକଟ୍ ଭଲ ଭାବେ ସଫେଇ ହେଉ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ଚାଷୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀ ବିଭାଗୀୟ ଅଧିକାରୀ ଓ ପାଟକୁରା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଛନ୍ତି। ତୁରନ୍ତ ଡ୍ରେନେଜକଟ୍‌ରୁ ଦଳ ଓ ଖରି ସଫେଇ ସହିତ ଥକେଇନେଉଳ ଗ୍ରାମରେ ଡ୍ରେନେଜକଟ୍ ଉପରେ ହୋଇଥିବା ମାଛଖଟିକୁ ଉଠାଇବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ନଚେତ୍ ଲଘୁଚାପ ବର୍ଷା ପାଣି ଓ କେନାଲ୍ ପାଣି ଉପରୋକ୍ତ ୫ଟି ପଞ୍ଚାୟତର ଚାଷଜମି ଫସଲ ପାଣିରେ ବୁଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ।

## ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଲାନି ପ୍ରଶାସନ

# କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରାଜକନିକା, ୨।୮ (ସମିସ): ଚଳିତ ବର୍ଷର ଲଗାତର ବନ୍ୟାରେ ରାଜକନିକା ବ୍ଲକ୍‌ର ୭ଟି ପଞ୍ଚାୟତ ୨୨ ଦିନ ଧରି ବନ୍ୟା ଘେରରେ ରହିଥିଲେ ହେଁ ବ୍ଲକ ପ୍ରସାଶନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ପ୍ରତିବାଦରେ ଆଜି ବ୍ଲକ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ବନ୍ୟାରେ ରାଜକନିକା ବ୍ଲକ୍‌ର ପ୍ରଭାବିତ ଲୋକଙ୍କୁ ନା ଡଙ୍ଗା ବ୍ୟବସ୍ଥା, ନା ଶୁଖିଲା ଖାଦ୍ୟ କିମ୍ବା ରନ୍ଧାଖାଦ୍ୟ, ପିଇବାପାଣି, ଗୋଖାଦ୍ୟ, ମେଡିସିନ କିଛି ଦେଇ ନ ଥିବା ପ୍ରଶାସନକୁ ଲୋକଙ୍କ ଦୁର୍ଦ୍ଦଶା ସମୟରେ ସହାୟ ହେବାକୁ ଆଜି କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛି। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରେ ଅନ୍ୟ ପ୍ରଭାବିତ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରି ବ୍ୟବସ୍ଥା କରୁଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ନ ଆସିବାରୁ ଉଦବେଗ ପ୍ରକାଶ କରିଛି କଂଗ୍ରେସ। ୨୨ ଦିନ ଧରି ପାଣି ଘେରରେ ଥିବା ଲୋକଙ୍କୁ ପ୍ରଧାନପଡ଼ା, ପଣସଗଣ୍ଡ, ପାରିନୂଆପଡ଼ା, ବରୁଣାଡିହା, ବରୁଣା, କାଟଣାବଣିଆ, ବାରହା ଦୋମଣ୍ଡା ଭଳି ପଞ୍ଚାୟତର ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଣ, ୧୫ ଦିନ ପାଇଁ ରିଲିଫ ପ୍ରଦାନ, ନଳକୂପ ମରାମତି କରି ପିଇବା ପାଣି ଯୋଗାଣ, ଗୋରୁଙ୍କ ପାଇଁ ୧୫ ଦିନ ଗୋଖାଦ୍ୟ ଯୋଗାଣ, ମେଡିକାଲ ଟିମ ପଠାଇ ସ୍ୱାସ୍ଥ୍ୟସେବା ଯୋଗାଣ, ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଆବାସ ଯୋଜନାରେ ସାମିଲ ପାଇ ସର୍ଭେ କରିବା, ପ୍ରତି ପରିବାରକୁ ଗୋଟିଏ ଗ୍ୟାସ ସିଲିଣ୍ଡର ଯୋଗାଣ, ପ୍ରଭାବିତ ଚାଷୀଙ୍କ କୃଷି ଋଣ ଛାଡ଼ ଭଳି ଦାବିରେ ଆଜି କନିକା ତହସିଲଦାରଙ୍କୁ କଂଗ୍ରେସ ଦାବିପତ୍ର ଦେଇଛି। କଂଗ୍ରେସ ନେତ୍ରୀ ତଥା ପିସିସି ରାଜ୍ୟ ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରା, ରବିନାରାୟଣ ବେହେରା, ବାବୁରାମ ଜେନା, ସମିତିସଭ୍ୟା ଅଞ୍ଜନା ସାହୁ, ଲକ୍ଷ୍ମୀପ୍ରିୟା ନାୟକ, ଶରତ ରାଉତ, ଅମିତ ନାୟକ, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ଯୁବନେତା ସତ୍ୟ ପରିଡା, ପଙ୍କଜ ଦାସ, ରଞ୍ଜନ ସେଠୀ, ପ୍ରମୋଦ ପତି ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।




## ■ ଆଳି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

# ବନ୍ୟାଞ୍ଚଳକୁ ପଠାଗଲା ଔଷଧ ଓ ପାନୀୟଜଳ

ଆଳି, ୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ରେ ଏଯାବତ ୧୭ଟି ପଞ୍ଚାୟତର ପାଖାପାଖି ୭୦ ହଜାର ଲୋକ ଜଳବନ୍ଦୀ ଅଛନ୍ତି। ଆଳିର ପଶ୍ଚିମ ପାର୍ଶ୍ୱରେ ଥିବା ଧୋୟାଞ୍ଚଳର ମାନପୁର, ଗୋବିନ୍ଦପୁର, ମଧୁବନ, ଅର୍ଗଳ, ଫସିଧା, ପେଟପଡ଼ା, କେତୁଆପାଳ, କୁସୁମୀ, ଜୁଆଣିଆ ପଞ୍ଚାୟତ ସହିତ ଆଳିର ପୂର୍ବ ପାର୍ଶ୍ୱରେ ଥିବା କୋଳିଡିହ ଓ ବଡ଼ାମ୍ବିଳା ପଞ୍ଚାୟତ ତଳିଆ ଅଞ୍ଚଳ ବୁଡିଯିବା ସହ ଚାଷଜମି ସମ୍ପୂର୍ଣ୍ଣ ବୁଡିଯାଇ ଧାନଫସଲ ନଷ୍ଟ ହୋଇଯିବା ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଆଳି ଉତ୍ତର ପଟେ ଥିବା ପଦନିପାଳ ପଞ୍ଚାୟତର ଦୁଇଟି ଗାଁ ଓ ଭୂଇଁପୁର ପଞ୍ଚାୟତର ଗୋଟିଏ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛି। ଆଳିର ଦକ୍ଷିଣ ପଟେ ଥିବା ନରେନ୍ଦ୍ରପୁର, ପତ୍ରପୁର, ମାଣିକପାଟଣା ଓ ନୂଆପଡ଼ା ପଞ୍ଚାୟତର କିଛି ଅଞ୍ଚଳ ମଧ ବନ୍ୟା ଘେରକୁ ଆସିଯାଇଛି। ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀର ବିପଦ ସଂକେତ ୧୭ ଫୁଟ ଥିବାବେଳେ ବର୍ତ୍ତମାନ ଏହା ସେହି ସଂକେତ ଅତିକ୍ରମ କରି ୧୭. ୩୦ ଫୁଟ ଥିବା ତଟବନ୍ଧ ବିଭାଗ ସୁତ୍ରରୁ ସୂଚନା ମିଳିଛି। ଆଳିର ଏହି ଅଞ୍ଚଳରେ ବନ୍ୟା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଯୋଗୁଁ ଲୋକେ ଖାଦ୍ୟ, ପାନୀୟଜଳ ପାଇଁ ଅସୁବିଧା ଭୋଗ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ଆଳି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇ ଉକ୍ତ ଅଞ୍ଚଳକୁ ଜ୍ୱର, ଝାଡାବାନ୍ତି, ଜରୁରୀ ଇଞ୍ଜେକ୍ସନ ସହ ବ୍ଲକ ପ୍ରଶାସନ ପକ୍ଷରୁ ପିଇବା ପାଣି ପଠାଯାଇଛି। ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କ ସୂଚନା ଅନୁଯାୟୀ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଆଳି ବ୍ଲକ ପ୍ରଶାସନ, ଜଳ ପରିମଳ ଓ ଯୋଗାଣ ବିଭାଗ ତତ୍ତ୍ୱାବଧାନରେ ପତ୍ରପୁର ପଞ୍ଚାୟତକୁ ୩୩ ପ୍ୟାକେଟ, ନରେନ୍ଦ୍ରପୁରକୁ ୩୩ ପ୍ୟାକେଟ, ପେଟପଡାକୁ ୨୦୮ ପ୍ୟାକେଟ, ଭୂଇଁପୁର କଳମଡା ଶାସନକୁ ୫୦ ପ୍ୟାକେଟ, ଫସିଧାକୁ ୫୮ ପ୍ୟାକେଟ, ମାଣିକପାଟଣାକୁ ୫୮ ପ୍ୟାକେଟ, ନୂଆପଡା ସିଦ୍ଧବାଲିକୁ ୬୭ ପ୍ୟାକେଟ, ଡିମିରିପାଳକୁ ୫୦ ପ୍ୟାକେଟ ପାଣି ବୋତଲ ପ୍ରେରଣ କରାଯାଇଛି। ଏଥିସହିତ ଆଳିର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।



# ତାଳଦଣ୍ଡା କେନାଲରେ ପଡ଼ି ଯୁବକ ମୃତ

ରଘୁନାଥପୁର, ୨।୮ (ସମିସ): ତାଳଦଣ୍ଡା କେନାଲରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ଅଧୀନସ୍ଥ ବାଙ୍ଗତୋଳା ଗ୍ରାମର ସ୍ୱର୍ଗତ ଅମୂଲ୍ୟ ସିହ୍ନାଙ୍କ ପୁଅ ସମରେନ୍ଦ୍ର ସିହ୍ନା (୫୫) ଶନିବାର ମଧ୍ୟାହ୍ନରେ କୌଣସି କାମ ସାରି ତାରପୁରରୁ ସାଇକଲ ଯୋଗେ ତାଳଦଣ୍ଡା କେନାଲ ବନ୍ଧ ଦେଇ ଘରକୁ ଫେରିବା ସମୟରେ କୂଳସାହି ନିକଟରେ ବାତ ମାରିଥିଲା ଓ କେନାଲରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଫୋନ କରି ଜଣାଇବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ସମରେନ୍ଦ୍ରଙ୍କୁ ଉଦ୍ଧାର କରି ରଘୁନାଥପୁର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରଘୁନାଥପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ୯/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ପଠାଇଛି।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଧାରଣା

ପଟ୍ଟାମୁଣ୍ଡାଇ, ୨।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ବିଭିନ୍ନ ଶିକ୍ଷକ କର୍ମଚାରୀ ସଂଗଠନ ପକ୍ଷରୁ ସମସ୍ତ ଯୋଗ୍ୟ ବିବେଚିତ ସ୍କୁଲ ଓ କଲେଜକୁ ଅନୁଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ଗ୍ରହଣ ବୟସ ୬୦ରୁ ୬୨କୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡ଼ପେରେ ଥିବା ଅସଂଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମ ପୁନଃପ୍ରଚଳନ ଆଦି ଦାବି ନେଇ ଆଜି ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଭାପତି ବିଜୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ ଜେନା, ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ଉପସଭାପତି ବାବାଜୀ ଦାସ ଓ ମଧୁଛନ୍ଦା ଶର୍ମା, ଅଲ୍‌ଓଷ୍ଟା ଜିଲ୍ଲା ସଭାପତି କରୁଣାକର ଭୋଳ, ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସମ୍ପାଦକ ଅକ୍ଷୟ ମହାନ୍ତି, ପ୍ରାକ୍ତନ ବ୍ଲକ୍ ସଭାପତି ଗୋକୁଳ ରାଉତ, ଶିକ୍ଷକ ନେତା ଚିତ୍ତରଞ୍ଜନ କବି, ଗୋଲକ ଭୂୟାଁ, ରବୀନ୍ଦ୍ର ପରିଡା, ବୀରକିଶୋର ସାହୁ, ଚାରୁଲତା ଭୂୟାଁ, ଅରୁଣ ଦାସ, ଶ୍ରୀକାନ୍ତ ଶତପଥୀ, ପ୍ରଦୀପ ସାମଲ, ଦେବେନ୍ଦ୍ର ସ୍ୱାଇଁ, ବୀରେନ୍ଦ୍ର ସାମଲ, ନମିତା ନାୟକ, ଅନୀଲ ମହାରଣା, ସଏଦ ଅବୁ ସବର, ସୁକାନ୍ତ ପୃଷ୍ଟି ପ୍ରମୁଖ ସରକାର ଅବିଳମ୍ବେ ଶିକ୍ଷକ କର୍ମଚାରୀଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ। ଶିକ୍ଷକ ନେତା ଅକ୍ଷୟ ନନ୍ଦ ଧନ୍ୟବାଦ ଦେଇଥିଲେ। ଶେଷରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରେମବାଳା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।



# ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୨।୮ (ସମିସ): ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ବିଶ୍ୱଜିତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋକନାଥ ଗିରି, ଅଶ୍ୱିନୀ ପୃଷ୍ଟି, ଶାନ୍ତନୁ ମାଟି, ବିକ୍ରମ ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟାପକ ଶ୍ରୀ ଦାସଙ୍କ ଦୀର୍ଘ ୩୩ ବର୍ଷର ଅଧ୍ୟାପନା ଜୀବନରେ ନିଜର କର୍ତ୍ତବ୍ୟନିଷ୍ଠା, ଶଙ୍ଖଳା ଓ ଛାତ୍ର ବତ୍ସଳତା ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି କହିଥିଲେ। ସେ ଓଡ଼ିଆ ସାହିତ୍ୟର ଜଣେ ଆଗଧାଡ଼ିର କବି ଭାବେ ଅଧ୍ୟାପନା ସହିତ ସାହିତ୍ୟ ସାଧନାରେ ମଗ୍ନ ହୋଇ ଅନେକ କବିତା ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ ୬ଟି କବିତା ସଂକଳନ ପ୍ରକାଶିତ ହୋଇ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ଗୁରୁଚରଣ ସେଠୀ, ଡ. ପ୍ରଜ୍ଞା ପଟ୍ଟନାୟକ, ସଂଜୟ କୁମାର ମିଶ୍ର, ଡ. କିଶୋର କୁମାର ବେଦାନ୍ତ, ରଘୁନାଥ ସାହୁ, ଡ. ସନ୍ଦୀପ ବଳ, ଡ. କିଶୋର ଚନ୍ଦ୍ର ମଲିକ, ଡ. ଶଶୀକାନ୍ତ ମଲ୍ଲିକ, ଡେମୋନଷ୍ଟ୍ରେଟର ଶରତ ରାଉତ, ଭକ୍ତିପ୍ରସାଦ ରଥ, କ୍ୟାସିୟର ହୃଷିକେଶ ଦାସ, ଅଫିସ ସହାୟକ ବିଧୁଭୂଷଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ସୁଭାସିନୀ ମିଶ୍ର ଅତିଥି ପରିଚୟ ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ବାନାମ୍ବର ମଲିକ ସହଯୋଗ କରିଥିଲେ।



# ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ



ଜଗତସିଂହପୁର, ୨।୮ (ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ମୂଳିସିଂହଠାରେ ଥିବା ସେଣ୍ଟଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ସଭାରେ ପରିଷଦର ସଭାପତି ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ଜୀବନାଦର୍ଶ ଏ ଜାତି, ଯୁବପିଢିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ରାକେଶ ସେଠୀ ଯୋଗଦେଇ ସ୍ୱର୍ଗତ ଭାଗୀରଥି ମହାପାତ୍ର ଆମ ଗହଣରେ ନାହାନ୍ତି ସତ, ହେଲେ ତାଙ୍କର ତ୍ୟାଗ ଓ ସେବାକୁ ଆମେ ଭୁଲି ପାରିବା ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଅଭୟ ସ୍ୱାଇଁ ଯୋଗଦେଇ ଭାଗୀରଥି ମହାପାତ୍ର ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସମ୍ପାଦକ ରୂପେ କାର୍ଯ୍ୟ କରିଥିଲେ ଓ ତତ୍କାଳୀନ ଇଂରେଜ ସରକାରଙ୍କ ଦ୍ୱାରା ସେ ବହୁବାର କାରାବରଣ କରିଥିଲେ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ବରିଷ୍ଠ ଶିକ୍ଷକ ପ୍ରଭାତ ଗୁଇଁ, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ, ସୋନାଲି ମହାରଣା ପ୍ରମୁଖ ଉପସ୍ଥିତ ରହି ଭାଗୀରଥି ମହାପାତ୍ରଙ୍କ ଜାତୀୟତାବାଦୀ ଚିନ୍ତା ଚେତନା ଓ ଘଟଣା ବହୁଳ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସେଠୀ ଧନ୍ୟବାଦ ଦେଇଥିଲେ।

# ଏଣିକି ଡିଜିଟାଲ ମୋଡ଼ରେ ଫାଇଲ୍ କାମ

କେନ୍ଦ୍ରାପଡ଼ା, ୨।୮ (ସମିସ): ଏଣିକି ଆଉ କାଗଜ ଫାଇଲ ଦେଖିବାକୁ ମିଳିବ ନାହିଁ। ଡିଜିଟାଲ ମୋଡରେ କାମ କରିବ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ। ବ୍ଲକ୍‌ଠାରୁ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ଡିଜିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଓସ୍ୱାସ (ଓଡ଼ିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋମେସନ ସିଷ୍ଟମ) କୁହାଯାଏ। ଏ ପରିପ୍ରେକ୍ଷୀରେ ଶନିବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସମସ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କୁ ଏଣିକି "ଓସ୍ୱାସ" ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହେବ ଓ ସାଧାରଣ ଜନତା ଏଥିରୁ ଉପକୃତ ହେବା ସହିତ ପ୍ରଶାସନିକ ସ୍ୱଚ୍ଛତା ପ୍ରତିପାଦିତ ହେବ ବୋଲି କୁହାଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓକାକ୍‌ର ଡମେନ ଆଡ଼ଭାଇଜର ସତ୍ୟରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ନବକ୍ରିଷ୍ଣ ଜେନାଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# 'ରାଜଭୂମି'ର ରଥଯାତ୍ରା ବିଶେଷାଙ୍କ ଉନ୍ମୋଚିତ



ରାଜନଗର, ୨।୮ (ସମିସ): ରାଜନଗର ମାଟିରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇଆସୁଥିବା ଫିଚରଧର୍ମୀ ସାହିତ୍ୟ ପତ୍ରିକା 'ରାଜଭୂମି'ର ରଥଯାତ୍ରା ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ସମ୍ମାନିତ ଅତିଥି ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ଅଭୟ କୁମାର ସାହୁ ଯୋଗଦେଇ ରାଜନଗର ମାଟିରୁ ପ୍ରକାଶ ପାଉଥିବା ଫିଚରଧର୍ମୀ ସାହିତ୍ୟ ପତ୍ରିକା 'ରାଜଭୂମି'ରେ ପ୍ରକାଶିତ ଗଳ୍ପ, କବିତା, ଫିଚର ସାମାଜିକ, ସାଂସ୍କୃତିକ, ବୌଦ୍ଧିକ, ଭାବଧାରାରେ ପ୍ରକାଶିତ ହୋଇ କେବଳ ରାଜନଗର ନୁହେଁ, ବରଂ ଓଡ଼ିଶାର ସୁନାମଧନ୍ୟ କବି, ଗାଳ୍ପିକ କଥାବସ୍ତୁ ମାନବବାଦର ବାର୍ତ୍ତା ସ୍ଥାନ ପାଇଥିବାରୁ ପତ୍ରିକାର ଭୂୟସୀ ପ୍ରଶଂସା କରିଥିଲେ। ପତ୍ରିକାର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ ବାର୍ଷିକ ବିବରଣୀ ସହ ନିଜର ଆଭିମୁଖ୍ୟ ଓ ପତ୍ରିକାର ଭବିଷ୍ୟତର କାବ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୈନିକ ସଂଘ ସଭାପତି ସୁବେଦାର ଗଗନ ବିହାରୀ ସ୍ୱାଇଁ, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, କବି ଅଭିରାମ ସାହୁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ବସନ୍ତ ହାତି, ସମୀର ମିଶ୍ର, ବିମଳା ସେନ, ପ୍ରମୋଦ ସେଠୀ, ହେମନ୍ତ ବାରିକ, ନାରାୟଣ ରଥ, କପିଳ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## କିଏ ଦାୟୀ; ଆର୍ ଆଣ୍ଡ ବି ନା ବିଭାଗୀୟ ଯନ୍ତ୍ରୀ

# ଗୋରେଖନାଥ ମନ୍ଦିର ଗେଟ୍ ଆଗରେ ଜମୁଛି ପାଣି

ରଘୁନାଥପୁର, ୨।୮ (ସମିସ):



ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ କେରେକେରାସ୍ଥ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠ ମୁଖ୍ୟ ଗେଟ ସମ୍ମୁଖରୁ ନିଷ୍କାସିତ ହୋଇପାରୁନି ବର୍ଷାଜଳ। ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଫଳରେ ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭକ୍ତି ଭାବାବେଗରେ ଆଘାତ ପହଞ୍ଚାଉଛି। ଶ୍ରାବଣ ଜଳଲାଗି ପାଇଁ ହଜାର ହଜାର କାଉଡ଼ିଆ ଆସନ୍ତା ରବିବାର ପୀଠରେ ପହଞ୍ଚିବାର ଥିବାରୁ ପରିବେଶ ପରିଷ୍କାର ପରିଚ୍ଛନ୍ନତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ୨୦୨୩ରୁ ପୀଠ ପରିସରରେ ଉନ୍ନତିମୂଳକ କାମ ଜାରି ରହିଛି। ଚତୁପାର୍ଶ୍ୱରେ ଟାଇଲ ବିଛାଯାଇଛି। ତେବେ ପୀଠକୁ ପ୍ରବେଶ କରିବାକୁ ଥିବା ଦ୍ୱିତୀୟ ଗେଟ ସମ୍ମୁଖ ଭାଗର କିଛି ଅଂଶ ଟାଇଲ ପକାଯାଇ ନ ଥିବାରୁ ବର୍ଷା ପାଣି ଅନ୍ୟତ୍ର ନିଷ୍କାସିତ ହୋଇ ନ ପାରି ସେହି ସ୍ଥାନରେ ହିଁ ଜମି ରହୁଛି। ଭକ୍ତ ବାଧ ହୋଇ ଉକ୍ତ ପଚାସଢା ପାଣି ଭିତର ଦେଇ ମନ୍ଦିରକୁ ଯାଉଛନ୍ତି। ଦୀର୍ଘଦିନ ଧରି ଜମାହୋଇ ରହିଥିବା ପାଣିରେ ଯାତାୟାତ କରୁଥିବା ଭକ୍ତଙ୍କ ଗୋଡହାତ କୁଣ୍ଡେଇ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଉକ୍ତ ପାଣିରେ ମଶାବଂଶ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ଶ୍ରାବଣ ମାସ ପୂର୍ବରୁ ଯଦି ପ୍ରଶାସନ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇଥା'ନ୍ତେ, ତେବେ ପ୍ରଭୁଙ୍କ ପୀଠ ପରିସରରେ ଏପରି ଅସ୍ୱାସ୍ଥ୍ୟକର ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇ ନ ଥାନ୍ତା ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହେଉଛି। ଦାୟିତ୍ୱରେ ଥିବା ଆରଆଣ୍ଡବି ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁଙ୍କ ପାଖରେ ଏ ସମ୍ପର୍କରେ ଖବର ନ ଥିବା ଓ କ'ଣ ହୋଇଛି ସେ ବୁଝିବେ ବୋଲି ପ୍ରକାଶ କରିଛନ୍ତି।

**ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶ୍ରଦ୍ଧାଳୁ**

# ଠକେଇ ମାମଲାରେ ଜଣେ ଗିରଫ

ଆଳି, ୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନାରେ ଦୀର୍ଘ ୩ ବର୍ଷ ପୁରୁଣା ଅଭିଯୋଗର ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି। ଆଳି ଥାନା ଅନ୍ତର୍ଗତ ନୂଆପଡ଼ା ଡାକଘର କର୍ମଚାରୀ ୩୭ ଜଣ ହିତାଧିକାରୀଙ୍କ ଟଙ୍କା ହଡ଼ପ କରିଥିବା ନେଇ ପଟ୍ଟାମୁଣ୍ଡାଇ ଉପଖଣ୍ଡ ପୋଷ୍ଟାଲ ଇନ୍ସପେକ୍ଟର ୨୦୨୨ରେ ଆଳି ଥାନାରେ ଏତଲା ଦେଇଥିଲେ। ଏହି ଅଭିଯୋଗରେ ରଶ୍ମିରଞ୍ଜନ ସେଠୀଙ୍କୁ ଗିରଫ କରାଯାଇଛି। ନୂଆପଡ଼ା ଡାକ ସେବା କର୍ମଚାରୀ ରଶ୍ମିରଞ୍ଜନ ସେଠୀ ୨୦୨୨ରେ ୩୭ ଜଣଙ୍କ ଆକାଉଣ୍ଟରୁ ଜାଲିଆତି କରି ପାଖାପାଖି ୧୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ଦୀର୍ଘ ୩ ବର୍ଷ ଧରି ଅଭିଯୁକ୍ତ ଜଣକ ଫେରାର ଥିବାବେଳେ ଆଜି ପଟ୍ଟାମୁଣ୍ଡାଇର ଜଣଙ୍କ ଘରୁ ଆଳି ପୁଲିସ ତାଙ୍କୁ ଗିରଫ କରି ଆଳି ଥାନାକୁ ଆଣିଥିଲା। ତାଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।



### ନବନିର୍ମାଣ କୃଷକ ସଂଗଠନର ଦାବି

# ଚାଷୀ ପଞ୍ଜୀକରଣ ସରଳୀକରଣ ଘୋଷଣାରେ ନୁହେଁ, କାମରେ ହେଉ

ଜଗତସିଂହପୁର, ୨।୮ (ସମିସ)

ଆସନ୍ତା ଖରିଫ୍ ଋତୁର ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ କିଛିଦିନ ହେବ ଆରମ୍ଭ ହୋଇଛି। ପୂର୍ବରୁ ଏହି ପଞ୍ଜୀକରଣ ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଅନେକ ଚାଷୀଙ୍କ ନାମ ବାଦ୍ ପଡୁଥିଲା। ତେବେ ଚଳିତବର୍ଷ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ କିଛିଟା ପରିବର୍ତ୍ତନ ଆଣି ଏହାକୁ ସରଳୀକରଣ କରାଯାଇଥିବା ଘୋଷଣା କରାଯାଇଛି। ତେବେ ଏହି ସରଳୀକରଣ ଘୋଷଣାରେ ନ ରହି ବାସ୍ତବରେ କାର୍ଯ୍ୟକାରୀ ହେବା ଉଚିତ ବୋଲି ନବନିର୍ମାଣ କୃଷକ ସଂଗଠନ ଦାବି କରିଛି।

ଜଗତସିଂହପୁର ଜିଲ୍ଲା ସଦର ମହକୁମାର ସିପି ନିକଟରେ ଥିବା ସଂଗଠନ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଧାନସଂଗ୍ରହ ପ୍ରକ୍ରିୟାରେ ରହିଯାଇଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଯୋଗଦେଇ ଚାଷୀ ପଞ୍ଜୀକରଣଠାରୁ ଧାନ ସଂଗ୍ରହ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଚାଷୀ ହଇରାଣ ହେଉଥିବା ପ୍ରକାଶ କରିଥିଲେ। ଗତ ୨୦୨୪-୨୫ ଖରିଫ ବର୍ଷରେ ଧାନବିକ୍ରି ପାଇଁ ଜଗତସିଂହପୁର ଜିଲ୍ଲାରେ ମୋଟ ୪୭,




୭୩୬ ଜଣ ଚାଷୀ ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫, ୬୪୨ ଜଣ ଚାଷୀଙ୍କଠାରୁ ୩୦ଟି ମିଲର ମାଧ୍ୟମରେ ୧୭ ଲକ୍ଷ ୧୫ ହଜାର ୧୯୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ବାକି ୨ ହଜାର ୯୪ ଜଣ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଲେ। ଯାହାକି ସେମାନଙ୍କ ପାଇଁ ପୀଡ଼ାଦାୟକ ଘଟଣା ବୋଲି ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ସେହିପରି ୨୦୨୫-୨୬ ଖରିଫ ବର୍ଷର ଧାନ ସଂଗ୍ରହ ପାଇଁ ଗତ ଜୁଲାଇ ୨୦ ତାରିଖରୁ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଇତିମଧ୍ୟରେ ୧୩ ଦିନ ବିତିଯାଇଥିଲେ ମଧ୍ୟ ମାତ୍ର ୧୨ ହଜାରରୁ ୧୩ ହଜାର ମଧ୍ୟରେ ଚାଷୀଙ୍କ ନାମ ପଞ୍ଜିକୃତ ହୋଇଥିବା ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଯଦି ଏଭଳି ଚାଲେ ତେବେ ହଜାର ହଜାର ସଂଖ୍ୟାରେ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଶଙ୍କା ରହିଛି ବୋଲି କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜସ୍ୱ, ସମବାୟ ଓ ଯୋଗାଣ ବିଭାଗ ମଧ୍ୟରେ ସଠିକ୍ ସମନ୍ୱୟ ରହୁ ନ ଥିବାରୁ ମୃତ ଚାଷୀଙ୍କ ଉତ୍ତରାଧିକାରୀ ବଂଶାବଳୀ ପ୍ରମାଣପତ୍ର ପାଇବାରେ ହଇରାଣ ହେଉଥିବା ସଂଗଠନ ଅଭିଯୋଗ କରିଛି। ବଂଶାବଳୀ ପ୍ରମାଣପତ୍ର ପ୍ରଦାନ ସମ୍ପର୍କରେ ଗତ ଜୁଲାଇ ୨୫ ତାରିଖ ଚିଠି ନମ୍ବର ୨୫୬୭ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତାରେ ଅବହେଳା ହେଉଥିବା କୃଷକ ସଂଗଠନ କ୍ଷୋଭ ପ୍ରକାଶ କରିଛି। କେବଳ କଥାରେ ନୁହେଁ, ଚାଷୀ ପଞ୍ଜୀକରଣଠାରୁ ଧାନସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଚାଷୀ ଆନ୍ଦୋଳନ ରାଜରାସ୍ତାକୁ ଆସିବ ବୋଲି ଚେତାବନୀ ଦେଇଛି ସଂଗଠନ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ବରିଷ୍ଠ ସଂଗଠକ ଭୁବନାନନ୍ଦ ନାୟକ, ପ୍ରମୋଦ କୁମାର ଦାସ ଓ ରଶ୍ମିରଞ୍ଜନ ରଥ ପ୍ରମୁଖ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଉଦ୍‌ଘାଟିତ



**ପାରାଦୀପ, ୨।୮ (ସମିସ):** ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର କୋଷାଧ୍ୟକ୍ଷ ରବୀନ୍ଦ୍ର ଦାସ ଯୋଗଦେଇ ବିଦ୍ୟାର୍ଥୀଙ୍କ ପାଇଁ ଜଳ ଶକ୍ତିକୁ ସଞ୍ଚୟ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହିତ ଜ୍ଞାନ ବିଜ୍ଞାନ ମେଳାର ଅଭିମୁଖ୍ୟ ପ୍ରଦାନ କରିଥିଲେ। ସହକାରୀ ପ୍ରଧାନଆଚାର୍ଯ୍ୟା ସୁଶ୍ରୀ ମମତା କର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଜିଜ୍ଞାସୁ ମନୋଭାବ ରହିଲେ ନୂଆ ନୂଆ କଥା ଜାଣିବା ଓ କଳ୍ପନା ଶକ୍ତି ବଳରେ ନୂଆ ନୂଆ ଜିନିଷ ଉଦ୍ଭାବନ କରିପାରିବେ ବୋଲି ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ କହିଥିଲେ। ଏହି ବିଜ୍ଞାନ ମେଳାରେ ୫୦ରୁ ପ୍ରତିଯୋଗୀ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ମୂର୍ତ୍ତି କଳା, ପତ୍ର ବାଚନ, ପ୍ରୟୋଗ ଗଣିତ ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକା ଓ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିମା ଅଲେଖ ମାନବ ସେବା ସମିତିର ସମୀକ୍ଷା ବୈଠକ



**କୁଜଙ୍ଗ, ୨।୮ (ସମିସ):** ଗରିବ ଅସହାୟ ବିଶେଷକରି ଗୁଣବତ୍ତାଯୁକ୍ତ ଶିକ୍ଷାରୁ ବଞ୍ଚିତ ଅନାଥ ଶିଶୁଙ୍କ ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ସହାୟତା କ୍ଷେତ୍ରରେ ଉତ୍ସର୍ଗୀକୃତ ଭାବେ କାମ କରୁଥିବା ମହିମା ଅଲେଖ ମାନବ ସେବା ସମିତିର ଏକ ସମୀକ୍ଷା ବୈଠକ ପଥୁରିଆସ୍ଥ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଶିକ୍ଷାବିତ୍ ଶେଷଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ମାର୍ଗଦର୍ଶକ ସାଧୁ ସୁଦର୍ଶନ ଦାସ ଯୋଗଦେଇ ଶ୍ରଦ୍ଧା ଭାବ ସହ ସେବା, ଉତ୍ସର୍ଗୀକୃତ ଭାବନା ଓ ଭଗବତ ବିଶ୍ୱାସ ଉପରେ ଦୃଢ଼ ନିଶ୍ଚିତ ହେବା ସହ ସମିତିର ସଦସ୍ୟ ନିରୀହ ଶିଶୁଟି ମୁହଁରେ ଅନିର୍ବଚନୀୟ ହସ ଫୁଟାଇବା ପାଇଁ ଦୃଢ଼ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଦୁଇ ଅନାଥ ମେଧାବୀ ଶିଶୁ ସ୍ୱର୍ଗତ ଖତୁଆ ଦାସଙ୍କ ନାତି ହୃଷିକେଶ ଦାସ ଓ ଏରସମା ବ୍ଲକ ଜାଲପଦାର ଗତବର୍ଷ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଚାଷୀ ଈଶ୍ୱର ଜେନାଙ୍କ ପୁଅ ରାମଚନ୍ଦ୍ର ଜେନାଙ୍କୁ ସମିତି ଦ୍ୱାରା ଅନୁଗୃହୀତ କରାଯିବା ସହ ଅନ୍ୟ ଶିଶୁଙ୍କ ଭଳି ସେମାନଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏ ଅବସରରେ ଦୁଇ ଅନାଥ ଶିଶୁଙ୍କ ମାଆ ଅନ୍ନପୂର୍ଣ୍ଣା ଦାସ ଓ ମଞ୍ଜୁଲତା ଜେନାଙ୍କ ସହ ସମିତିର ପ୍ରମୁଖ ତପନ କୁମାର ମହାନ୍ତି, ପ୍ରଦୀପ କୁମାର ସ୍ୱାଇଁ, ଗୋପୀନାଥ ଶତପଥି, ମଣ୍ଟୁ ନାଥ ପ୍ରମୁଖଙ୍କ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସାଧୁ ସୁଦର୍ଶନ ଦାସଙ୍କ ମାର୍ଗଦର୍ଶନରେ ନିରବଚ୍ଛିନ୍ନ ଭାବେ ବିଗତ ଏକ ଦଶନ୍ଧି ଧରି ସମିତି ଜିଲ୍ଲା ଓ ଜିଲ୍ଲା ବାହାରେ ୧୦ରୁ ଊର୍ଦ୍ଧ୍ୱ ମେଧାବୀ ଅସହାୟ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାରେ ସହଯୋଗ ସହ ଉତ୍ତମ ନାଗରିକ ପାଇଁ ଅନୁପ୍ରେରଣା ଯୋଗାଇ ଆସୁଛି।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର ପ୍ରଦାନ

**ରଘୁନାଥପୁର, ୨।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ କଲେଜ ଶିକ୍ଷକ ସଂଘ (ଓଷ୍ଟା) ଓ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ରଘୁନାଥପୁର ବ୍ଲକ ଶାଖା ପକ୍ଷରୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ ଓ ଅନ୍ୟାନ୍ୟ କେତେକ ଦାବିରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତୀକ ଧାରଣା ସହ ଜିଲ୍ଲାପାଳ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ଦେବା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିବା, ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତିପ୍ରାପ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃପ୍ରଚଳନ ଆଦି ଦାବି କରାଯାଇଛି। ଓଷ୍ଟା ବ୍ଲକ ସଭାପତି ଶରତ ପଣ୍ଡା ଓ ସମ୍ପାଦକ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପୂର୍ବାହ୍ନ ୧୧ଟା ୩୦ରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ଏସବୁ ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ବିଧାୟକଙ୍କୁ ଜଣାଇବା ପରେ କୌଣସି ସୁଫଳ ମିଳୁନାହିଁ। ଫଳରେ ଶିକ୍ଷକ, ଶିକ୍ଷା କର୍ମଚାରୀ ହତାଶା ଓ ନିରାଶା ଭିତରେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ଅନିଚ୍ଛା ସତ୍ତ୍ୱେ ଆମେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେଉଛୁ ବୋଲି ସମ୍ପାଦକ ମିଶ୍ର ପ୍ରକାଶ କରିଛନ୍ତି।



**ନାଉଗାଁ:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ନାଉଗାଁ ବ୍ଲକ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପଦେଷ୍ଟା ଶନିରଞ୍ଜନ ମହାନ୍ତି, ଓଷ୍ଟା ବ୍ଲକ ସଭାପତି ସୁକାନ୍ତ ଲେଙ୍କା, ସମ୍ପାଦକ ହିମାଂଶୁ ମହାନ୍ତି, ଉପସଭାପତି ଅଶୋକ ଫାଳକ, ନୃସିଂହ ରାଉତ, ସହସମ୍ପାଦକ ଆଦର୍ଶ ଦାସ, ଅଜୟ ସ୍ୱାଇଁ, ଅନନ୍ତ ଗୋଚ୍ଛାୟତ, ପ୍ରଦ୍ୟୁମ୍ନ ସ୍ୱାଇଁ, ସନ୍ତୋଷ ଦାସ, ସଂଘମିତ୍ରା ନାୟକ, ବିଦ୍ୟୁତପ୍ରଭା ସ୍ୱାଇଁ, ଗୀତାଞ୍ଜଳି ଦାସ, ସୁରେଶ ରାଉଳ, ବାବୁଲାଲ ମଲ୍ଲିକ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଏରସମା:** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏରସମା ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଏରସମା ବ୍ଲକ ସମ୍ପାଦକ ପ୍ରଧାନ ଶିକ୍ଷକ ଅଜିତ ଲେଙ୍କାଙ୍କ ତତ୍ତ୍ୱାବଧାନରେ ତଥା ବ୍ଲକର ପୂର୍ବତନ ଓଷ୍ଟା ସମ୍ପାଦକ ଶିକ୍ଷାବିତ ଅଭୟ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ପ୍ରଧାନଶିକ୍ଷକ ଅନୀଲ ଜେନା, ଜିଲ୍ଲା ଓଷ୍ଟା ଉପସଭାପତି ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ, ଓଷ୍ଟା ବ୍ଲକ ଉପସଭାପତି ଶିକ୍ଷାବିତ୍ ପ୍ରମୋଦ ଲେଙ୍କା, ଉପସଭାପତି ଶିକ୍ଷାବିତ ରଞ୍ଜିତ ଜେନା ଓ ଏରସମା ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟ, ମଧ୍ୟଇଂରାଜୀ ବିଦ୍ୟାଳୟ, କଲେଜରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।




**ବାଲିକୁଦା:** ବାଲିକୁଦା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବାଲିକୁଦା ବ୍ଲକ ସ୍କୁଲ, କଲେଜ, ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ବ୍ଲକ ସମ୍ପାଦକ ନିହାର ରଞ୍ଜନ ନାୟକଙ୍କ ନେତୃତ୍ୱରେ ବ୍ଲକର ୧୦୦ରୁ ଅଧିକ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷକ ନୀତି ବିରୁଦ୍ଧରେ ଗର୍ଜିବା ସହ ପୁରୁଣା ପେନସନ ଲାଗୁ ସହ ସମାନ କାର୍ଯ୍ୟକୁ ସମାନ ଦରମା ଲାଗୁ କରିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓଷ୍ଟା ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ଜିଲ୍ଲା ସଭାପତି ନାରାୟଣ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାର ଯଦି ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ କରନ୍ତି, ଆସନ୍ତା ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ୧୬ ତାରିଖରେ ବିଧାନସଭା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଓଷ୍ଟା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅରୁଣ ମହାରଣା, ପ୍ରାଣକୃଷ୍ଣ ମିଶ୍ର, ଗୟାଧର ଜେନା, ପ୍ରଦୀପ ଆଚାର୍ଯ୍ୟ, ନବଘନ ମୁଦୁଲି, ବିଜୟ ବେହେରାଙ୍କ ସମେତ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ ଯୋଗ ଦେଇଥିଲେ।

## ପାରାଦୀପକୁ ସର୍ବଶ୍ରେଷ୍ଠ ବୃହତ୍ ବନ୍ଦରମାଳା ସମ୍ମାନ

**ପାରାଦୀପ, ୨।୮ (ସମିସ):** ଦେଶର ଏକନମ୍ବର ମାନ୍ୟତା ପାଇଥିବା ପାରାଦୀପ ବନ୍ଦରକୁ ଆଉଏକ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଛି। ମୁମ୍ବାଇଠାରେ ଏକଜିମ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ୧୫ତମ ବାର୍ଷିକ ସମାରୋହରେ ପାରାଦୀପ ବନ୍ଦରକୁ ମାଳା ଶ୍ରେଷ୍ଠ ବନ୍ଦର ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପ ବନ୍ଦର ସମଗ୍ର ଦେଶରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହି ସମ୍ମାନ ପାରାଦୀପ ବନ୍ଦରର ଦକ୍ଷତା, ପଣ୍ୟ ପରିବହନ କ୍ଷେତ୍ରରେ ଯେଉଁ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛି, ଏହା ତାହାର ପ୍ରତିଫଳନ। ପାରାଦୀପ ବନ୍ଦର ଯାତାୟତ ପ୍ରବନ୍ଧକ ଜି. ଏଡିସନ୍ ପାରାଦୀପ ବନ୍ଦର ପକ୍ଷରୁ ଏହି ସ୍ୱତନ୍ତ୍ର ସମ୍ମାନ ଗ୍ରହଣ କରିଛନ୍ତି। ମାଳା ସମ୍ମାନ ଏକ ମର୍ଯ୍ୟାଦାଜନକ ପୁରସ୍କାର ଦେଶର ବୃହତ୍ତ ଶିଳ୍ପ ସଂସ୍ଥାଙ୍କ ଦକ୍ଷତା ଓ କାର୍ଯ୍ୟଶୈଳିକୁ ଦେଖି ପୁରସ୍କୃତ କରିଥାଏ। ଏହି ପୁରସ୍କାର ପାରାଦୀପ ବନ୍ଦରକୁ ମିଳିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କଠିନ ପରିଶ୍ରମର ଫଳ ପାରାଦୀପ ବନ୍ଦରକୁ ମିଳିଛି ବୋଲି କହିଛନ୍ତି। ପାରାଦୀପ ବନ୍ଦରକୁ ଏହା ଏକ ପ୍ରେରଣା ବୋଲି କହିଛନ୍ତି। ଆଗାମୀ ଦିନରେ ଆମେ ଏଭଳି କାର୍ଯ୍ୟଧାରାକୁ ବଜାୟ ରଖିବୁ ବୋଲି କହିଛନ୍ତି।



## ମଦ ଜବତ, ବ୍ୟବସାୟୀ ଗିରଫ

**ପାରାଦୀପ, ୨।୮ (ସମିସ) :** ପାରାଦୀପଗଡ଼ ଗେଟ୍ ବଜାରରେ ଲକ୍ ଥାନା ପୁଲିସ ଚଢ଼ଉ କରି ଜଣେ ଚୋରାମଦ ବ୍ୟବସାୟୀକୁ ଗିରଫ କରିଛି। ଗିରଫ ଯୁବକ ନିମିଡି ଗ୍ରାମର କୈଳାସ ସାହୁଙ୍କ ପୁଅ ସଂଗ୍ରାମ ସାହୁ (୩୧) ବୋଲି ଜଣାପଡ଼ିଛି। ତା' ନିକଟରୁ ୨୩ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି ପୁଲିସ। ଯୁବକ ଜଣକ ଏଭଳି ଚୋରାମଦ ବ୍ୟବସାୟ ରୀତିମତ କରୁଥିବାବେଳେ ପୂର୍ବରୁ ମଧ ପୁଲିସ ଦ୍ୱାରା ଧରାପଡ଼ିଛି। ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ଦଣ୍ଡାସାହିରେ ଆଉ ୪ ଜଣ୍ଡିସ ରୋଗୀ ଚିହ୍ନଟ

**ଜଗତସିଂହପୁର, ୨।୮ (ସମିସ):** ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ଅନ୍ତର୍ଗତ ପୂରଣ ପଞ୍ଚାୟତ ଦଣ୍ଡାସାହି ଗ୍ରାମରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ପ୍ରଥମ ଦିନ ୧୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୭ ଜଣଙ୍କର ଜଣ୍ଡିସ ବାହାରିଥିଲା। ସେହିପରି ଦ୍ୱିତୀୟ ଦିନରେ ୧୧ ରକ୍ତ ନମୁନାରୁ ଜଣଙ୍କର ଓ ୩ୟ ଦିନରେ ୧୦ ରକ୍ତ ନମୁନାରୁ ୪ ଜଣଙ୍କର ଜଣ୍ଡିସ ଚିହ୍ନଟ କରାଯାଇଛି। ମୋଟ ୩୩ ରକ୍ତ ନମୁନାରୁ ଅଦ୍ୟାବଧି ୧୨ ଜଣଙ୍କର ଜଣ୍ଡିସ ଚିହ୍ନଟ ହୋଇଥିବାବେଳେ ସମସ୍ତେ ସୁସ୍ଥ ଥିବା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶତ୍ରୁଘ୍ନ ଦାସ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଡା. ଦାସ କହିଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ରମାକାନ୍ତ ଭୋଇ, ବିରିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର ଓ ସ୍ଥାନୀୟ ବିଡ଼ିଓ ଦଣ୍ଡାସାହିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୂଷିତ ପାଣି ଓ ଖାଦ୍ୟର ପ୍ରଭାବରେ ଜଣ୍ଡିସ ବ୍ୟାପିଥିବା ଆକଳନ ପରେ ଉକ୍ତ ଗ୍ରାମର ସମସ୍ତ କୂଅ ଓ ନଳକୂପକୁ ବିଶୋଧନ କରାଯାଇଛି।



### ମହିଳା ସଂଯୋଜିକାଙ୍କୁ ଅସଦାଚରଣ

## ସିଡବ୍ଲ୍ୟୁସି ସଦସ୍ୟ ଗିରଫ

**ଜଗତସିଂହପୁର, ୨।୮ (ସମିସ):** ଜଗତସିଂହପୁର ଜିଲ୍ଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ର ସଦସ୍ୟ ବିବେକାନନ୍ଦ ବଳଙ୍କୁ ଗିରଫ କରାଯାଇଛି। ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ରୁଚିକା ସମାଜ ମଙ୍ଗଳ ସଂଗଠନର ମହିଳା କୋଡ଼ିନେଟରଙ୍କୁ ଅସଦାଚରଣ ଅଭିଯୋଗରେ ପୁଲିସ ଶ୍ରୀ ବଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶ୍ରୀ ବଳ ଗତ ଫେବୃଆରୀ ମାସରୁ ସମ୍ପୃକ୍ତ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିବା ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିଥିଲେ ପୀଡ଼ିତା। ଜଗତସିଂହପୁର ଜିଲ୍ଲାରେ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ରୁଚିକା ସମାଜ ମଙ୍ଗଳ ସଂଗଠନ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନର ଜିଲ୍ଲା କୋଡ଼ିନେଟର ଭାବେ ସମ୍ପୃକ୍ତ ଯୁବତୀ କାର୍ଯ୍ୟ କରିଆସୁଥିଲେ। ଗତ ଫେବୃଆରୀ ମାସରୁ ସେହି କାର୍ଯ୍ୟାଳୟରେ କାର୍ଯ୍ୟରତ ସଭ୍ୟ ବିବେକାନନ୍ଦ ବଳ ଅଶାଳୀନ ବ୍ୟବହାର ସହିତ ପୀଡ଼ିତାଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିଲେ। ପୀଡ଼ିତା ଏ ସମ୍ପର୍କରେ ରୁଚିକା ସମାଜ ମଙ୍ଗଳ ସଂଗଠନ ଅଧିକାରୀଙ୍କୁ ଜଣାଇଥିଲେ। ସଂଗଠନ କର୍ମକର୍ତ୍ତାଙ୍କ ସହ ପୀଡ଼ିତା ଯୁବତୀ ଜଗତସିଂହପୁର ଥାନାରେ ଅଭିଯୋଗ କରିଥିଲେ।

### ଜିଲ୍ଲାସ୍ତରୀୟ ପିଏମ୍ କିଷାନର କିସ୍ତି ବଣ୍ଟନ ଓ କିଷାନ ସମ୍ମାନ ସମାରୋହ

# ଜିଲ୍ଲାର ୧,୨୧,୨୫୪ ଚାଷୀ ଲାଭାନ୍ୱିତ

ଜଗତସିଂହପୁର, ୨।୮ (ସମିସ)

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ବାରଣାସୀଠାରେ ଆୟୋଜିତ ପିଏମ କିଷାନ ସମ୍ମାନ ନିଧି ପାଳନ ସମାରୋହରେ ଦେଶର ୯ କୋଟି ୭୦ ଲକ୍ଷରୁ ଅଧିକ ଚାଷୀଙ୍କୁ ୨୦ ହଜାର ୫୦୦କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏ ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କିଷାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ଓ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ଜଗତସିଂହପୁର ଜିଲ୍ଲାକୁ ବରପୁତ୍ରଙ୍କ ମାଟି ତଥା ରାଜନୈତିକ, ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧିର ପୃଷ୍ଠପୋଷକ ବୋଲି ସମ୍ବୋଧନ କରିଥିଲେ। ଜିଲ୍ଲାର ବିକାଶ କୃଷକଙ୍କ ବିକାଶରେ ସମ୍ଭବ। ଯାହା ଏକ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ବୋଲି ସେ କହିଥିଲେ। ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେବା ସହ ସେମାନଙ୍କର ଗୁଣାତ୍ମକ ବିକାଶ ଦିଗକୁ ପ୍ରୋତ୍ସାହନ ଦେବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ଜିଲ୍ଲାରେ ମାଛଚାଷ କିପରି ଭାବେ ବୃଦ୍ଧି ପାଇବ, ବନ୍ଦର, ପର୍ଯ୍ୟଟନ ସ୍ଥଳୀ, ଶିଳ୍ପର ବିକାଶ ସାଧନ କରିବା ନିମନ୍ତେ ମନ୍ତ୍ରୀ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ କୃଷକ ସମାଜର ଉନ୍ନତି ହେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଦ୍ୱିଗୁଣିତ ହେବ ବୋଲି କହିଥିଲେ। ଏତଦବ୍ୟତୀତ ବିଧାୟକ ଦାସ ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମର ଉନ୍ନତୀକରଣ ନିମନ୍ତେ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ଅବସରରେ ଉପସ୍ଥିତ ସମସ୍ତ ଅତିଥି ଓ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ବାରଣାସୀଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଜଗତସିଂହପୁର ଜିଲ୍ଲାର ୧, ୨୧, ୨୫୪ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆଜି ପ୍ରତ୍ୟେକ ୨୦୦୦ ଟଙ୍କା ଲେଖାଏଁ ହସ୍ତାନ୍ତର ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୃଷକଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପିଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା। ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବେ ବର୍ଷକୁ ୬୦୦୦ ଟଙ୍କା ତିନୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଜିଲ୍ଲା ଅଧିକାରୀ, ତିର୍ତ୍ତୋଲ ବ୍ଲକ କୃଷି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ବହୁ ଉଦୀୟମାନ ଯୁବ କ୍ରୀଡାବିତ୍ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିଦର୍ଶନ କରିଥିଲେ।



## ସାମ୍ବାଦିକ ପ୍ରଭାକର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ବାଲିକୁଦା, ୨।୮ (ସମିସ):** ବାଲିକୁଦା ବ୍ଲକର ପ୍ରଥମ ସାମ୍ବାଦିକ ପ୍ରଭାକର ଦାସଙ୍କ ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ କୃଷ୍ଣଦାସପୁର ପଞ୍ଚାୟତ ଖାଙ୍କରପୁରସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନଜୀବୀ ଡଃ ବୀରନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ପଦ୍ମଚରଣ ସ୍ୱାଇଁ, ରଞ୍ଜନ ମହାନ୍ତି, ବାବନ ସ୍ୱାଇଁ, ରଞ୍ଜିତ ଦାସ, ସୁରେଶ ଚୌଧୁରୀ, ଶଙ୍କର ନନ୍ଦ, ଶଙ୍କର ମହାରଣା, ସୁରେନ୍ଦ୍ର ସାହୁ, ପବିତ୍ର ମୋହନ ସାହୁ, ସାମ୍ବାଦିକ ତୀର୍ଥବାସୀ ଦାସ, ବିଧାନ ରାଉଳ, ପରେଶ ଦାସ, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରାକେଶ ଦାସ, ରାଜେଶ ଦାସ, ପ୍ରତ୍ୟୁଷ ଦାସ, ବିଶାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଲିରେ ହିଞ୍ଜିଳି ଯୁବକଙ୍କୁ ଅପହରଣ ଘଟଣା

# ଅପହୃତ ଭେଙ୍କଟରମଣ ନିରାପଦ; ଶୀଘ୍ର ମୁକ୍ତି ପାଇଁ ପ୍ରୟାସ



ବ୍ରହ୍ମପୁର, ୨।୮(ସମିସ): ଜୁନ୍ ୩୦ ତାରିଖରେ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି'ରେ ଆତଙ୍କବାଦୀ ୩ ଭାରତୀୟଙ୍କୁ ଅପହରଣ କରିଥିଲେ। ଏଥିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ନାର୍ସାମାଙ୍କ ପୁଅ ପି. ଭେଙ୍କଟରମଣ (୨୮) ରହିଥିଲେ। ୧ ତାରିଖରେ ଏମାନେ ଅପହରଣ ହୋଇଥିବା ବେଳେ ପରିବାରବର୍ଗ ୩ ତାରିଖରେ ଜାଣିଥିଲେ। ପରେ ଘଟଣା ନେଇ ଅପହୃତଙ୍କ ମା' ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଏବେ ମାଲି ସରକାରଙ୍କ ପକ୍ଷରୁ ଏକ ଆଶ୍ୱସ୍ତିକର ଖବର ଆସିଛି। ଭେଙ୍କଟରମଣ ନିରାପଦ ଅଛନ୍ତି ଏବଂ ତାଙ୍କ ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି ମାଲି ସରକାରଙ୍କ ବୈଦେଶିକ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଏକ ମେଲ୍ ଯୋଗେ ଜଣାଇ ଦିଆଯାଇଛି। ଏ ସଂପର୍କରେ ଭେଙ୍କେଟରମଣଙ୍କ ଭାଇଁ ବବୁଲୁ ସୂଚନା ଦେଇଛନ୍ତି। ମେଲରେ କୁହାଯାଇଛି ଯେ, ଭାରତୀୟ ନାଗରିକଙ୍କୁ ଖୋଜିବା ଏବଂ ସେମାନଙ୍କୁ ମୁକ୍ତ କରିବା ପାଇଁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ୩ଜଣ ଭାରତୀୟ ନାଗରିକ ଜୀବିତ ଅଛନ୍ତି। ସେମାନଙ୍କର ନିରାପଦ ଏବଂ ଶୀଘ୍ର ମୁକ୍ତି ପାଇଁ ପ୍ରୟାସ ଜାରି ରହିଛି। ଅପହୃତ ଭେଙ୍କଟରମଣ ଗତ ନଭେମ୍ବରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି ଦେଶର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ରେ ଭେଙ୍କଟରମଣଙ୍କୁ ସେଠାକାର ପୁଲିସ ଗିରଫ କରିଥିବା ନେଇ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। ପରିବାର ସଦସ୍ୟ ସଂପୃକ୍ତ ଫୋନ୍ କଲ୍ ପାଇବା ପରେ ଘଟଣାକୁ ସହଜରେ ଗ୍ରହଣ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନାରେ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରି ନେଇଥିବା ନେଇ ସାମାଜିକ ଗଣମାଧ୍ୟମରୁ ଦେଖିବାକୁ ପାଇଥିଲେ ପରିବାର।

**ଇ-ମେଲ୍‌ରେ ସୂଚନା ଦେଲେ ମାଲି ସରକାର**

## ଅଣ୍ଡା ଖାଉ ନଥିବା ଛାତ୍ରଛାତ୍ରୀଙ୍କୁ ମିଳିବ ଫଳ

ଭୁବନେଶ୍ୱର, ୨।୮ (ସମିସ): ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନଥିବା ପିଲାଙ୍କୁ ମିଳିବ ଫଳ। ଯେଉଁଦିନ ଅଣ୍ଡା ଦିଆଯାଉଛି, ସେଦିନ ସେମାନଙ୍କୁ ଭଳିକି ଭଳି ଫଳ ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଫଳ ପ୍ରଦାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ପିଏମ୍ ପୋଷଣ ରାଜ୍ୟ ନୋଡାଲ୍ ଅଫିସର୍। କୁ-ପୋଷଣରୁ ଛାତ୍ରଛାତ୍ରୀଙ୍କୁ ଦୂରେଇବା ସହ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ପରିକଳ୍ପନା କରାଯାଇଛି। ସମସ୍ତ ଦିନ ପାଇଁ ଭିନ୍ନଭିନ୍ନ ଖାଦ୍ୟ ସାରଣୀ ରହିଛି। ତନ୍ମଧ୍ୟରେ ସପ୍ତାହକୁ ୩ଦିନ ଅର୍ଥାତ୍ ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦେବାର ପ୍ରାବଧାନ ରହିଛି। ଆମିଷ ଖାଉନଥିବା ପିଲାଙ୍କୁ କଦଳୀ, ଆମ୍ବ, ସେଓ ଏବଂ ଉପଲବ୍ଧ ହେଉଥିବା ଅନ୍ୟାନ୍ୟ ଫଳ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା!



ବ୍ୟାସନଗର,୨।୮(ସମିସ): ବ୍ୟାସନଗର ସହରର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ନିକଟସ୍ଥ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଲିକଙ୍କ ପୁଅ ଜୀବନ କୁମାର ମଲିକ (୨୫)। ତେବେ ଏନେଇ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ମୃତ ଜୀବନଙ୍କ ବାପା ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ ଯାଜପୁର ରୋଡ୍ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ସାଙ୍ଗମାନଙ୍କ କଥାରେ ପଡ଼ି ନିଶାଗ୍ରସ୍ତ ରହୁଥିବା ପୁଅକୁ ଭଲବାଟକୁ ଆଣିବାକୁ ପରିବାରଲୋକେ ଗତ ସପ୍ତାହରେ ଯାଜପୁର ରୋଡ୍‌ଠାରେ ରହିଥିବା ଏହି ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପୁଅ ଖୁବ୍‌ଶୀଘ୍ର ଭଲ ହୋଇଯିବ ବୋଲି ନିଶା ନିବାରଣ କେନ୍ଦ୍ରର ମାଲିକ କୋରେଇ ବ୍ଲକ ଶଙ୍ଖଚିଲା ଅଞ୍ଚଳର ମୂଳ ବାସିନ୍ଦା ତଥା ସ୍ଥାନୀୟ ସାହୁ ମାର୍କେଟ ଉପେନ୍ଦ୍ର ସାହୁଙ୍କ ପୁତ୍ର ବିକାଶ ସାହୁ ତାଙ୍କୁ ପ୍ରତିଶ୍ରୁତି ଦେବା ସହିତ ଏନେଇ ମାସକୁ ୯ ହଜାର ଟଙ୍କା ହିସାବରେ ୪ ମାସ ନିମନ୍ତେ ୩୬ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ତେବେ ଶୁକ୍ରବାର ରାତିରେ ଜୀବନ ଖାଇ ପିଇ ଶୋଇଥିବା ବେଳେ ଶନିବାର ସକାଳୁ ଆଉ ଉଠିନଥିଲେ। ତେବେ ତୁରନ୍ତ ମାଲିକ ବିକାଶ ଜୀବନକୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସକାଳ ୧୦ଟାରେ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର ତାଙ୍କୁ ଗ୍ରହଣ କରିବା ସମୟରେ ମୃତ ବୋଲି ଘୋଷଣା କରିବା ସହ ଏନେଇ ଯାଜପୁର ରୋଡ ଥାନାକୁ ସୂଚନା ଦେଇଥିଲେ। ତେବେ ସେଠାରେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନଥିବା ଦେଖିବାକୁ ମିଳିଥିଲା। ପରେ ପୁଲିସ ଯାଜପୁର ରୋଡ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲା।

ପୁଅର ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନଥିବା ବେଳେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନ ଦେଖି ନିଶା ନିବାରଣ କେନ୍ଦ୍ର ମାଲିକଙ୍କ ନାମରେ ଯାଜପୁର ରୋଡ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ରୋଡ ଆଦର୍ଶ ଥାନା ପୁଲିସ ଅଭିଯୋଗ ଆଧାରରେ ୪୫୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ସାଇଣ୍ଟିଫିକ ଟିମର ସହାୟତା ଲୋଡ଼ିଛନ୍ତି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ନିଶା ନିବାରଣ କେନ୍ଦ୍ର ଭଳି ଆଉ ୪ ଗୋଟି ନିଶା ନିବାରଣ କେନ୍ଦ୍ର ଯାଜପୁରରୋଡ୍‌ରେ ଚାଲୁଛି। ତେବେ ଏହି କେନ୍ଦ୍ର ଚଲାଇବା ପାଇଁ କିଏ ଅନୁମତି ଦେଉଛି ଏବଂ ଏନେଇ ସରକାରୀ ଭାବେ କିଛି ତଦନ୍ତ ହେଉଛି କି ନାହିଁ ତାକୁ ନେଇ ଏବେ ବଡ ପ୍ରଶ୍ନ ଛିଡା ହୋଇଛି। ସେହିପରି ସୂଚନା ଅନୁସାରେ ଏହି ନିଶା ନିବାରଣ କେନ୍ଦ୍ର ଚଲାଇବା ପାଇଁ କେନ୍ଦ୍ର ଗୁଡିକ ସରକାରୀ ଭାବେ ସହାୟତା ରାଶି ପ୍ରଦାନ କରାଯାଉଛି। ତେବେ କେଉଁ ଆଧାରରେ ଏହି କେନ୍ଦ୍ର ୩୬ ହଜାର ଟଙ୍କା ଗ୍ରହଣ କରିଛନ୍ତି ତାହା ତଦନ୍ତସାପେକ୍ଷ। ଅନ୍ୟପକ୍ଷରେ ଏହି ନିଶା ନିବାରଣ କେନ୍ଦ୍ରଗୁଡିକ ଜିଲ୍ଲା ପ୍ରଶାସନ ଅନୁମତି ଦେଇଥାନ୍ତି। ତେବେ

ମୃତ ଜୀବନ ରହୁଥିବା ନିଶା ନିବାରଣ କେନ୍ଦ୍ର ନାମରେ ପୂର୍ବରୁ ଅନ୍ତେବାସୀଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଥିବା ନେଇ ଅନେକବାର ଅଭିଯୋଗ ହୋଇଛି। କିନ୍ତୁ ଏନେଇ ଯାଜପୁର ଜିଲ୍ଲା ପ୍ରଶାସନ କାହିଁକି ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ତାକୁ ନେଇ ବଡ ପ୍ରଶ୍ନ ଛିଡ଼ା ହୋଇଛି। ତେବେ ଏନେଇ ଅଧିକ ପ୍ରତିକ୍ରିୟା ନିମନ୍ତେ ସମ୍ପୃକ୍ତ ନିଶା ନିବାରର କେନ୍ଦ୍ର ମାଲିକଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା | ଆସନ୍ତା ଓଟିଇଟି ପରୀକ୍ଷା ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ

କଟକ,୨।୮(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ଟିମ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଜେରା କରିଛି। ନୋଟିସ ପରେ ଶ୍ରୀ ମହାନ୍ତି କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଶ୍ରୀ ମହାନ୍ତିଙ୍କୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ୩ଘଣ୍ଟା ଧରି ମାରାଥନ ଜେରା କରିଛନ୍ତି। କିଭଳି ଓ କେଉଁ ସ୍ଥିତିରେ ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପ-ସଭାପତିଙ୍କ ଲାପଟପକୁ ଆସିଲା ଓ ଡାଟା ଏଣ୍ଟ୍ରି ଅପରେଟର୍‌ଜଣଙ୍କ କାହିଁକି ଏହି ଲାପଟପ ବ୍ୟବହାର କରି ପେନଡ୍ରାଇଭ ଜରିଆରେ ପ୍ରଶ୍ନପତ୍ର ନେଇଗଲେ, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ତୁହାକୁ ତୁହା ଜେରା କରାଯାଇଥିଲା। ସେହିଭଳି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଛାପା ସଂସ୍ଥା ଠାରୁ ହ୍ୱାଟସଆପ୍ କି ଇ-ମେଲରେ ପ୍ରଶ୍ନପତ୍ର କପି ଆସିଥିଲା, ତାହାକୁ ନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି। ଏପରିକି ପ୍ରଶ୍ନପତ୍ର ଛାପା ସଂସ୍ଥା ସହ ବୋର୍ଡର କେଉଁ କର୍ମକର୍ତ୍ତାଙ୍କ କି ସମ୍ପର୍କ ରହିଛି, ତାହା ମଧ୍ୟ ତଦନ୍ତ ପରିସରକୁ ଆସିଥିବା କହିଛନ୍ତି କ୍ରାଇମବ୍ରାଞ୍ଚର ଜନୈକ ଅଧିକାରୀ। ବୋର୍ଡ ଉପ ସଭାପତିଙ୍କ ସମେତ ଉତ୍ତରଦାୟୀ ଅନ୍ୟ କର୍ମକର୍ତ୍ତାମାନେ ସେମାନଙ୍କ ପଦ ନ ଛାଡିଲେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଶିକ୍ଷାବିତ ମହଲରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ବୋର୍ଡ ଉପ ସଭାପତିଙ୍କୁ କ୍ରାଇମବ୍ରାଞ୍ଚର ଜେରା, ଜେରକ୍ସ ଦୋକାନୀଙ୍କ ବୟାନ ରେକର୍ଡ**

ପ୍ରଶ୍ନପତ୍ର ଲିକ ଘଟଣାରେ ସନ୍ଦେହ ଘେରକୁ ଆସିଥିବା ବୋର୍ଡ କର୍ମକର୍ତ୍ତା, ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କର ଅଗଷ୍ଟ ୩୧ରେ ହେବାକୁ ଥିବା ଏହି ପରୀକ୍ଷା ପରିଚାଳନାରେ ଭୂମିକା ରହିବ ନା ସେମାନଙ୍କୁ ଏହି ଦାୟିତ୍ୱରୁ ଅପସାରଣ କରାଯିବ, ତାହା ବର୍ତ୍ତମାନ ସୁଦ୍ଧା ବୋର୍ଡ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅନ୍ୟପଟରେ ବୋର୍ଡ ଉପସଭାପତିଙ୍କ ଆଉ ଜଣେ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବି ଆଜି ଜେରା କରାଯିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ କ୍ରାଇମବ୍ରାଞ୍ଚ ସଂଗ୍ରହ କରିଛି। ବୋର୍ଡ ଉପସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ କ୍ରାଇମବ୍ରାଞ୍ଚକୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଛି। ଯେହେତୁ ତଦନ୍ତ ଜାରି ରହିଛି, ଏ ସମ୍ପର୍କରେ ଅଧିକ କିଛି କହିବାକୁ ସେ ମନା କରିଛନ୍ତି। କୋରାପୁଟ ଜୟପୁରର ଶିବା ନାମକ ଜେରକ୍ସ ଦୋକାନରେ ପ୍ରଶ୍ନପତ୍ରର ଫଟୋକପି ବାହାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ଆଜି ଉକ୍ତ ଦୋକାନ ମାଲିକଙ୍କ ବୟାନକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରେକର୍ଡ କରାଯାଇଛି। କୋରାପୁଟ ସମେତ କେତେକ ଜିଲ୍ଲାରେ ଓଟିଇଟି ଆଶାୟୀ ପରୀକ୍ଷାର୍ଥୀ ମାନେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପାଇବା ପାଇଁ ୫ରୁ ୧୦ହଜାର ଟଙ୍କା ଯାଏଁ ଦେଇଥିବା ଅଭିଯୋଗ ଉଠିଲାଣି।

## ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗରେ ଛାତ୍ର ଓ ଯୁବ ବିଜେଡିର ହାଲ୍ଲାବୋଲ

ଭୁବନେଶ୍ୱର, ୨।୮(ସମିସ): ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଦ୍ୱିତୀୟ ଦିନରେ ପହଞ୍ଚିଛି ଆନ୍ଦୋଳନ। ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ଦ୍ୱିତୀୟ ଦିନରେ ଆଜି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର ଡିସିପି ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଲାଲବାଗ ଥାନାରେ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବିଡ଼ାନାସୀ ଥାନାରେ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

## ବିଶ୍ୱ ବାଣିଜ୍ୟ

## ଟ୍ରମ୍ପଙ୍କ ଟିପ୍ପଣୀ | ରୁଷଠୁ ତେଲ କିଣିବା ବନ୍ଦ କରିଛି ଭାରତ

ୱାଶିଂଟନ, ୨।୮ (ଏଜେନ୍ସି): ଭାରତ ଅଧିକ ଦିନ ପର୍ଯ୍ୟନ୍ତ ରୁଷ୍ଠାରୁ ତୈଳ କିଣିବ ନାହିଁ। ଏ ନେଇ ଖବର ପ୍ରକାଶ ପାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ତେବେ ଏହା କେତେ ସତ ତାହାର ସୂଚନା ନାହିଁ। ଯଦି ଏହା ସତ ହୋଇଥାଏ ତେବେ ଭଲ କଥା। ଆଗକୁ କ'ଣ ହେବ ଦେଖାଯିବ ବୋଲି ଟ୍ରମ୍ପ କହିଛନ୍ତି। ତେବେ ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଭଳି ରିପୋର୍ଟକୁ ଖଣ୍ଡନ କରି ଦିଆଯାଇଛି। ଭାରତ ଜାତୀୟ ସ୍ୱାର୍ଥ ଏବଂ ବଜାର କ୍ଷମତାକୁ ଦେଖି ଶକ୍ତି ତୈଳ କିଣା ଯାଉଛି ବୋଲି କୁହାଯାଇଛି। ଏହା ପୂର୍ବରୁ ରଏଟର୍ସରେ ଏକ ରିପୋର୍ଟ ପ୍ରକାଶ ପାଇଥିଲେ। ଏଥିରେ ଆମେରିକା ଚାପ ଏବଂ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତ ରୁଷ୍ଠାରୁ ତୈଳ କିଣିବା ପ୍ରାୟ ବନ୍ଦ କରିଦେଇଛି ବୋଲି କୁହାଯାଇଥିଲା। ପରେ ଶୁକ୍ରବାର ସନ୍ଧ୍ୟାରେ ଭାରତର ବିଦେଶ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ତେବେ ଏହି ଦାବି କେତେ ସତ ତାହା ସ୍ପଷ୍ଟ କରାଯାଇ ନ ଥିଲା। ଅନ୍ୟପଟେ ରଏଟର୍ସର ଦାବିକୁ ଏଏନଆଇ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତୀୟ କମ୍ପାନୀ ଏବେ ବି ରୁଷ୍ଠାରୁ ତୈଳ କିଣିବା ଜାରି ରଖିଛନ୍ତି ବୋଲି କୁହାଯାଇଛି।



ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଥିଲେ ଯେ ତୈଳ ଏବଂ ଗ୍ୟାସ ଭଳି ଶକ୍ତି ଆବଶ୍ୟକତାକୁ ନେଇ ଭାରତର ସ୍ପଷ୍ଟ ଆଭିମୁଖ୍ୟ ରଖିଛି। ବିଶ୍ୱର ସ୍ଥିତି, ତୈଳ ମୂଲ୍ୟ, ତୈଳ ଭଣ୍ଡାର କ୍ଷମତା ଏବଂ ବଜାରକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ନିଷ୍ପତ୍ତି ନିଆଯାଉଛି। ଗତ ୩୦ ତାରିଖରେ ରଏଟର୍ସ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଥିଲା ଯେ ଇଣ୍ଡିଆନ ଅଏଲ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଏବଂ ଭାରତ ପେଟ୍ରୋଲିୟମ ଭଳି ସରକାରୀ କମ୍ପାନୀ ରୁଷ୍ଠାରୁ ତୈଳ କିଣିବା ବନ୍ଦ କରିଦେଇଛନ୍ତି। କାରଣ ରିଆତି କମ୍ ହେଉଛି ଏବଂ ତୈଳ ଆଣିବାରେ ସମସ୍ୟା ସୃଷ୍ଟି ହେଉଛି। ଗତ ସପ୍ତାହେ ହେଲା ରୁଷ୍ର ଅଶୋଧିତ ତୈଳ ମଗା ଯାଇନାହିଁ। ଭାରତୀୟ ରିଫାଇନାରୀ ଗୁଡିକ ବହୁତ କମ୍ ତୈଳ କିଣୁଛନ୍ତି। କାରଣ ରୁଷ୍ ଦେଉଥିବା ରିଆତି ୨୦୨୨ ପରଠାରୁ ସବୁଠୁ କମ୍ ହୋଇଯାଇଛି।

**ରିପୋର୍ଟକୁ ଖଣ୍ଡନ କଲା ଭାରତ**

ଏବେ ରିଫାଇନାରୀଗୁଡିକ ଭୟ କରୁଛନ୍ତି। ରୁଷ୍ ଉପରେ ଲାଗିଥିବା କଟକଣା ଦ୍ୱାରା ବ୍ୟବସାୟ କରିବା କଠିନ ହେବ ଆଶା କରୁଛନ୍ତି। ୟୁରୋପୀୟ ସଂଘ ଗତ ୧୮ ତାରିଖରେ ରୁଷ୍ ଉପରେ ନୂଆ କଟକଣା ଲଗାଇ ଥିଲା। ଏଥିରେ ରୁଷ୍ର ତୈଳ, ଶକ୍ତି ଉଦ୍ୟୋଗକୁ ଅଧିକ କ୍ଷତି କରିବାକୁ ପଦକ୍ଷେପ ନିଆଯାଇଛି। ରୁଷ୍ ତୈଳ ମୂଲ୍ୟକୁ ବଜାର ଦରଠାରୁ ୧୫ ପ୍ରତିଶତ କମ୍ ରଖିବାକୁ ୟୁରୋପୀୟ ସଂଘ ପ୍ରୟାସ କରୁଛି।


ରିପୋର୍ଟ ଅନୁଯାୟୀ ଏବେ ବି ଅନେକ ରୁଷ୍ ତୈଳ ଟ୍ୟାଙ୍କର ଅଶୋଧିତ ତୈଳ ଧରି ଭାରତର ପଶ୍ଚିମ ଉପକୂଳରେ ରହିଛି। ଗୁଜରାଟର ସିକା ବନ୍ଦରରେ କିଛି ଟ୍ୟାଙ୍କର ରହିଛି। ରୁଷୀୟ ତୈଳର ଭାରତୀୟ କ୍ରୟ ବୃଦ୍ଧି, ସମ୍ଭାବ୍ୟ କଟକଣା ଏବଂ କାଗଜପତ୍ର ଜନିତ ସମସ୍ୟା ଲାଗି ଏଗୁଡିକ ଅଟକି ରହିଛନ୍ତି। ଆଟିଲେସ୍ ଏବଂ ଡେଷ୍ଟାନ ଭଳି କିଛି ଟ୍ୟାଙ୍କର କଟକଣା ଅଧିନରେ ରହିଛନ୍ତି। ଭାରତୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ରୁଷ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ତୈଳ ଉତ୍ପାଦକ ଏବଂ ରପ୍ତାନୀକାରୀ ରାଷ୍ଟ୍ର। ଏହି ଦେଶ ଦିନକୁ ୯.୫ ନିୟୁତ ବ୍ୟାରେଲ ତୈଳ ବାହାର କରୁଛି। ଏହା ବିଶ୍ୱର ଚାହିଦାର ପ୍ରାୟ ୧୦ ପ୍ରତିଶତ। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଉପଭୋକ୍ତା। ଦେଶ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ତୈଳ ଆମଦାନୀ କରୁଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ନିୟମ ପାଳନ କରି ରଣନୈତିକ ଭାବରେ ଶକ୍ତିର ଉତ୍ସ ଧାର୍ଯ୍ୟ କରିଥାଏ। ଶସ୍ତା ଏବଂ ଭରସାଯୋଗ୍ୟ ଯୋଗାଣ ପାଇଁ ଏହି ପଦକ୍ଷେପ ନିଆ ଯାଇଥାଏ। ରୁଷ୍ ତେଲ କିଣିବା ଉପରେ କୌଣସି କଟକଣା ନାହିଁ। ତେବେ ଜି-୭ ଦେଶ ଏବଂ ୟୁରୋପୀୟ ସଂଘ ଏଥିପାଇଁ କିଛଇ ସୀମା ଧାର୍ଯ୍ୟ କରିଛି। ଭାରତ ସବୁବେଳେ ଏହି ନିୟମକୁ ପାଳନ କରୁଛି।

## କଟାକ୍ଷ କଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ

## ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ

ଢାକା, ୨।୮ (ଏଜେନ୍ସି): ଏ ପର୍ଯ୍ୟନ୍ତ ଆମେରିକା ସହ ଭାରତ ବାଣିଜ୍ୟ ଚୁକ୍ତି କରିପାରି ନାହିଁ। ଏହାକୁ ନେଇ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଭାରତକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ ହୋଇଥିବାବେଳେ ବାଂଲାଦେଶ କରି ଦେଖାଇଛି। ଚୁକ୍ତି ନ ହେବା ଯୋଗୁଁ ଭାରତକୁ ଏବେ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏହା ବାଂଲାଦେଶ ତୁଳନାରେ ଅଧିକ। ଢାକା ଉପରେ ଆମେରିକା ୨୦ ପ୍ରତିଶତ ଶୁଳ୍କ ଲଗାଇଛି। ଏହା ପୂର୍ବରୁ ଏପ୍ରିଲରେ ବାଂଲାଦେଶ ଉପରେ ଟ୍ରମ୍ପ ୩୭ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଅର୍ଥାତ୍ ୪ ମାସରେ ବାଂଲାଦେଶ ଶୁଳ୍କକୁ ୧୭ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛି। ୟୁନୁସ ଏହାର ଶ୍ରେୟ ଶୁଳ୍କକୁ ନେଇ ଆମେରିକା ସହ ଆଲୋଚନା କରିଥିବା ଅଧିକାରୀଙ୍କୁ ଦେଇଛନ୍ତି। ସେ ଏହାକୁ କୂଟନୈତିକ ବିଜୟ କହିଛନ୍ତି।

**ଆମେ ଶୁଳ୍କ ୧୭%କୁ ହ୍ରାସ କରିଦେଲୁ**



ଏହା ଦ୍ୱାରା ବାଂଲାଦେଶର ପୋଷାକ ଉଦ୍ୟୋଗ ମଜବୁତ ହେବ ବୋଲି ଉଲ୍ଲେଖ କରିଛନ୍ତି।

ୟୁନୁସ କହିଛନ୍ତି ଯେ ବାଂଲାଦେଶ ଉପରେ ଲଗା ଯାଇଥିବା ଶୁଳ୍କ ହାର ଶ୍ରୀଲଙ୍କା, ଭିଏତନାମ, ପାକିସ୍ତାନ ଏବଂ ଇଣ୍ଡୋନେସିଆ ଭଳି ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଙ୍କ ସହ ସମାନ। ଏହି ଦେଶଗୁଡିକ ଉପରେ ୧୯ରୁ ୨୦ ପ୍ରତିଶତ ଶୁଳ୍କ ଲାଗିଛି। ସମାନ ଶୁଳ୍କ ଲଗା ଯାଇଥିବାରୁ ବାଂଲାଦେଶ ପୋଷାକ ଉଦ୍ୟୋଗ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

## ଆସନ୍ତା ବର୍ଷଠୁ କାର୍ଯ୍ୟକାରୀ ହୋଇପାରେ ଅଷ୍ଟମ ବେତନ କମିଶନ ସୁପାରିସ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): କେନ୍ଦ୍ରକର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଖୁସି ଖବର ଆସିଛି। କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ସୁପାରିସ କାର୍ଯ୍ୟକାରୀ କରିବା ବିଷୟରେ ସଙ୍କେତ ଦେଇଛନ୍ତି। ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି। ନୂଆ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି ବିଷୟରେ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି। ଗତ ଜାନୁଆରୀରେ କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ କରିବା ନେଇ ଘୋଷଣା କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର, ପ୍ରତିରକ୍ଷା ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟ ସହିତ ଆଲୋଚନା ଆରମ୍ଭ ହୋଇଛି। ଦେଶରେ କମିଶନଙ୍କ ସୁପାରିସ ଅନୁସାରେ ଅଷ୍ଟମ ବେତନ ହାର ଆସନ୍ତା ବର୍ଷ ଜାନୁଆରୀରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ସଂସଦରେ ସୂଚନା ଦିଆଯାଇଛି। ଲୋକସଭାରେ କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି



ଯେ ଅଷ୍ଟମ ବେତନ କମିଶନ ଗଠନ ପାଇଁ ସରକାର ପୂର୍ବରୁ ମଞ୍ଜୁରୀ ଦେଇସାରିଛନ୍ତି। ଏହା ଲାଗୁ ହେଲେ ପ୍ରାୟ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ୬୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ତଥ୍ୟ ପାଇଁ ଅନୁରୋଧ କରାଯାଇଛି।

## ଅଟୋ-ପାଇଲଟ କାର୍ ଦୁର୍ଘଟଣା ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶ

# ପୀଡ଼ିତଙ୍କୁ ୨୧୦୦ କୋଟି ଦେବ ଟେସ୍‌ଲା

ଫ୍ଲୋରିଡ଼ା, ୨।୮ (ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ଉଦ୍ୟୋଗପତି ଏଲନ ମସ୍କଙ୍କୁ ବଡ଼ ଝଟ୍‌କା ଲାଗିଛି। ଅଟୋ-ଡ୍ରାଇଭ କାର୍ ଦୁର୍ଘଟଣା ମାମଲାରେ ମସ୍କଙ୍କ କମ୍ପାନୀ ଟେସ୍‌ଲାକୁ ଫ୍ଲୋରିଡ଼ାର ମିଆମୀ କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ପୀଡ଼ିତଙ୍କ ପରିବାରକୁ ୨୪୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୧୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ଏହି ମାମଲା ଚାରି ବର୍ଷ ହେଲା ଚାଲୁଥିଲା।



ଏହି ମାମଲା ୨୦୧୯ର। ସେ ସମୟରେ ଫ୍ଲୋରିଡ଼ାର ଲାର୍ଗୋ ଅଞ୍ଚଳରେ ଟେସ୍‌ଲାର ଏକ ଅଟୋ-ପାଇଲଟ୍ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟେସ୍‌ଲା ମଡେଲ 'ଏସ୍ ସେଡାନ' ଏକ ଏସ୍‌ୟୁଭିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୨ ବର୍ଷୀୟ ନାଇବେସ ବେନାଭାଇଡସଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁରୁଷ ବନ୍ଧୁ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କମ୍ପାନୀ ନିଜ ସପକ୍ଷରେ କୋର୍ଟରେ ଯୁକ୍ତି ବାଢ଼ିଥିଲା। ଡ୍ରାଇଭର ଫୋନ୍ ଚଳାଇବାରେ ବ୍ୟସ୍ତ ଥିଲେ ବୋଲି କୁହାଯାଇଥିଲା। କିନ୍ତୁ କୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। କୋର୍ଟ କହିଥିଲେ ଯେ ଟେସ୍‌ଲାର ସିଷ୍ଟମରେ ତ୍ରୁଟି ଥିଲା। ଏହି ଦୁର୍ଘଟଣା ପାଇଁ କେବଳ ଡ୍ରାଇଭର ଦାୟୀ ନୁହେଁ।

୨୦୨୧ରେ ପୀଡ଼ିତଙ୍କ ପରିବାର ଟେସ୍‌ଲା ବିରୋଧରେ ମାମଲା ରୁଜୁ କରିଥିଲେ। ଅଟୋ-ପାଇଲଟ ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ କମ୍ପାନୀ କହି ନ ଥିଲା। ଏହାକୁ ଲୁଚାଇ ରଖିଥିଲା। ଦୁର୍ଘଟଣା ପରର ଏବଂ ପୂର୍ବର ଭିଡିଓ ଫୁଟେଜକୁ ମଧ୍ୟ ହଟାଇ ଦେଇଥିଲା। ଏହି ମାମଲା ୨୦୨୧ ରୁ ୨୦୨୫ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ଟେସଲା ଏପରି ଦୁର୍ଘଟଣାର ଅଧିକାଂଶ ମାମଲା ସମାଧାନ କରି ଚାଲିଥିଲା କିମ୍ବା କୋର୍ଟରେ ସେଗୁଡ଼ିକୁ ଖାରଜ କରିଦେଇଥିଲା। ଏହି ମାମଲାରେ ଟେସଲା ମିଆମିର ଫେଡେରାଲ୍ କୋର୍ଟର ଜୁରିଙ୍କ ସମ୍ମୁଖରେ ଡ୍ରାଇଭରଙ୍କୁ ଦାୟୀ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ପୀଡିତଙ୍କ ଓକିଲମାନେ ଅଟୋ-ପାଇଲଟ୍ ସିଷ୍ଟମର ତ୍ରୁଟି ଥିବା ଦର୍ଶାଇ ଥିଲେ। ଶେଷରେ ଟେସଲା ଗାଡ଼ିରେ ଥିବା ତ୍ରୁଟି ସ୍ୱୀକାର କରିଥିଲା, କିନ୍ତୁ ପ୍ରମାଣ ଲୁଚାଇବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ମାମଲାରେ କୋର୍ଟ ଯେଉଁ କ୍ଷତିପୂରଣ ଲଗାଇଛନ୍ତି ତାହାକୁ ଟେସ୍‌ଲା ଭୁଲ୍ କହିଛି। ଏହା ଦ୍ୱାରା ମୋଟରଯାନ ସୁରକ୍ଷାକୁ ପଛକୁ ନେଇଯିବା, ଟେସ୍‌ଲା ଏବଂ ସମ୍ପୂର୍ଣ୍ଣ ଉଦ୍ୟୋଗର ଜୀବନ ରକ୍ଷାକାରୀ ଜ୍ଞାନକୌଶଳ ବିକଶିତ, କାର୍ଯ୍ୟକାରୀ କରିବା ପ୍ରୟାସ ବିପଦରେ ପଡ଼ିପାରେ। ମାମଲା ଦାଏର କରିଥିବା ଲୋକ ଏକ କାହାଣୀ ଗଢ଼ିଛନ୍ତି। ଏହି ଆଧାରରେ କୋର୍ଟ କମ୍ପାନୀକୁ ଦୋଷୀ ସାବ୍ୟସ୍ତ କରିଦେଇଛନ୍ତି। ତେବେ ଡ୍ରାଇଭର ପ୍ରଥମ ଦିନ ହିଁ ଏହି ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରିଥିଲେ।



# ରାକ୍ଷୀରେ ପିନ୍ଧନ୍ତୁ ଚନ୍ଦେରୀ ସୁଟ୍

ରାକ୍ଷୀ ପୂର୍ଣ୍ଣିମାକୁ ସ୍ନେହ, ପ୍ରେମ ଓ ପରମ୍ପରାର ପ୍ରତୀକ ଭାବେ ଜଣାଯାଏ । ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଦିଦିନ ଅଧିକାଂଶ ଯୁବତୀ ପାରମ୍ପରିକ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ, ନିଜକୁ ଏକ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଚନ୍ଦେରୀ ସୁଟ୍ ପିନ୍ଧିପାରିବେ ।

### ଚନ୍ଦେରୀ ଏମ୍ବ୍ରୋଡୋରୀ କୁର୍ତ୍ତା

ଏମ୍ବ୍ରୋଡୋରୀ କାମ ଥିବା ଏହି ସୁଟ୍ ଦେଖିବାକୁ ଖୁବ୍ ସୁନ୍ଦର । ଏଥିରେ ପ୍ୟାଣ୍ଟ, ଓଢ଼ଣୀ ଓ କୁର୍ତ୍ତା ସେଟ୍ ରହିଥାଏ । ଏହା ହାଲୁକା ହୋଇଥିବାରୁ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ତେଣୁ ଏହାକୁ ରାକ୍ଷୀପୂର୍ଣ୍ଣିମା ଦିନ ମଧ ପିନ୍ଧିପାରିବେ । କ୍ରିମ୍ ଏବଂ ହାଲୁକା ଗୋଲାପି ରଙ୍ଗର ଏହି ସୁଟ୍ ସହ ପେଣ୍ଡି କାନଫୁଲ ପିନ୍ଧିପାରିବେ ।

### ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟ

କିଛି ଭିନ୍ନ ତଥା ନୂଆ ପିନ୍ଧିବାକୁ ଚାହୁଁଥିଲେ, ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟଯୁକ୍ତ ଚନ୍ଦେରୀ ସୁଟ୍ ପିନ୍ଧିପାରିବେ । ଏ – ଲାଇନ୍ ଷ୍ଟାଇଲ୍, ଭି-ସ୍ଲିଟ୍ ବେକ, ଏବଂ ଗୋଟା ସିଲ୍ ଡିଟେଲ୍ ଏହାକୁ ଷ୍ଟାଇଲିଶ୍ କରିଥାଏ । ଏହା ପ୍ଲାଜୋ ସହିତ ଖୁବ୍ ସୁନ୍ଦର ଦେଖାଯାଏ ।

### ଫ୍ଲୋରାଲ ଏମ୍ବ୍ରୋଡୋରୀ

କମଳା ରଙ୍ଗର ଏହି ଚନ୍ଦେରୀ ସୁଟ୍ ସିମ୍ପଲ୍ ଓ ରାଜକୀୟ ଲୁକ୍‌କୁ ମିଶ୍ରଣ କରି ତିଆରି କରାଯାଇଛି । ଏହାର ଗୋଲାକାର ବେକ ଏବଂ ଫ୍ଲୋରାଲ୍ ଏମ୍ବ୍ରୋଡୋରୀ କାମ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଏହା ବିଭିନ୍ନ ସାଇଜର୍ ରହିଛି ।

# କାଗଜ କଣ୍ଢେଇର କଳାକାର



ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଥିଲେ, ସବୁକିଛି ସମ୍ଭବ, ଏହାକୁ ପ୍ରମାଣ କରି ଦେଖାଇଛନ୍ତି, ତାମିଲନାଡୁ କୋଏମ୍ବାଟୁରର ରାଧିକା ଜେ.ଏ । ପାଞ୍ଚ ବର୍ଷ ବୟସରେ ସେ ଅସ୍ଥିରୋଗରେ ପୀଡ଼ିତ ହୋଇ ଚାଲିବା ଶକ୍ତି ହରାଇଥିଲେ । ଏଥିପାଇଁ ତାଙ୍କୁ ପାଠପଢ଼ା ଅଧାରେ ଛାଡ଼ିବାକୁ ପଡ଼ିଥିଲା । କିନ୍ତୁ ଏତିକିରେ ସେ ଅଟକି ନଥିଲେ, ନିଜର ରୁଚି, କଳା ଓ ସୃଜନଶୀଳତାକୁ ଉପଯୋଗ କରି ସେ କିଛି ନୂଆ କରିବାକୁ ଭାବିଥିଲେ । ଫଳରେ ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେଥିରୁ ଭଳିକି ଭଳି କାଗଜ କଣ୍ଢେଇମାନ ପ୍ରସ୍ତୁତ କରିଥିଲେ । ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରି ସେ ଆତ୍ମନିର୍ଭର ହୋଇଛନ୍ତି । ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରୁଛନ୍ତି ।



### ରୁଚିରୁ ରୋଜଗାର

୨୬ ବର୍ଷିୟ ରାଧିକା କଣ୍ଢେଇ ବ୍ୟବସାୟ କରି ରୋଜଗାରକ୍ଷମ ହୋଇଛନ୍ତି । ପିଲାବେଳୁ ତାଙ୍କର କଳାକୃତି ପ୍ରତି ରୁଚି ରହିଥିଲା । ଫଳରେ ୨୦୧୬ ମସିହାରେ ସେ ସ୍ୱଳ୍ପ ଅର୍ଥ ବିନିଯୋଗ କରି ବ୍ୟବସାୟ ଆରମ୍ଭ କରିବାକୁ ଭାବିଥିଲେ । ପ୍ରଥମେ ସେ ଟିଭିରୁ ଏକ ଭିଡିଓ ଦେଖି ଖବରକାଗଜକୁ ଭାଙ୍ଗି ସେଥିରୁ ଭଳିକି ଭଳି, ଘରସଜା ଉପକରଣ ପ୍ରସ୍ତୁତ କରିଥିଲେ । ଏହାକୁ ଦେଖି ପଡ଼ୋଶୀ ଓ ସାଙ୍ଗସାଥୀମାନେ ତାଙ୍କୁ ବରାଦ ଦେଇଥିଲେ । ପରବର୍ତ୍ତୀ ସମୟରେ ରାଧିକା ଏକ ଆଫ୍ରିକାନ୍ କଣ୍ଢେଇ ଦେଖିଥିଲେ । ନିଜର ସୃଜନଶୀଳତାକୁ ଉପଯୋଗ କରିବା ପାଇଁ ଏହା ଏକ ଭଲ ମାଧ୍ୟମ ବୋଲି ସେ କଳ୍ପନା କରିଥିଲେ । ଏହାପରେ ସେ ପୁରୁଣା ଖବରକାଗଜରୁ କଣ୍ଢେଇ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ ।

### ଖବରକାଗଜରେ ତିଆରି ଆଫ୍ରିକାନ୍ କଣ୍ଢେଇ

ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେ ପାରମ୍ପରିକ ଆଫ୍ରିକାନ୍ କଣ୍ଢେଇ ପ୍ରସ୍ତୁତ କରିଥାନ୍ତି । ଏଥିରେ ଅନ୍ୟ କଣ୍ଢେଇ ଭଳି ଆଖି, ନାକ, କାନ ନ ଥାଏ । ଏଥିସହ କୌଣସି ନିର୍ଦ୍ଦିଷ୍ଟ ମୁଦ୍ରା କିମ୍ବା ଭାବନାକୁ ନେଇ ଏହା ତିଆରି କରାଯାଏ ନାହିଁ । ଖୁବ୍ କମ୍ ସାଧନରେ ସେ ଏହି କଣ୍ଢେଇ ପ୍ରସ୍ତୁତ କରିଥିଲେ । ଏହି କଣ୍ଢେଇକୁ ଲୋକମାନେ ଖୁବ୍ ପସନ୍ଦ କରିଥିଲେ । ଦେଖୁ ଦେଖୁ ତାଙ୍କର ଅନ୍‌ଲାଇନ୍ ବ୍ୟବସାୟ ବଢ଼ିଲା । ଏହା ତାଙ୍କୁ ଏକ ନୂଆ ପରିଚୟ ଦେବାରେ ସହାୟକ ହୋଇଥିଲା ।

### ଶାରୀରିକ ଅକ୍ଷମତା ସାଜିନି ବାଧକ

ପାଞ୍ଚବର୍ଷ ବୟସରେ ତାଙ୍କର ଶାରୀରିକ ସମସ୍ୟା ଯୋଗୁ, ସ୍କୁଲ ଯିବା ବନ୍ଦ ହୋଇଯାଇଥିଲା । ଫଳରେ ସେ ଘରେ ରହିଥିଲେ । ତାଙ୍କ ଗୋଡ଼ରେ ଅନେକ ଅସ୍ତ୍ରୋପଚାର ହୋଇଥିଲେ ମଧ, କୌଣସି ସୁଫଳ ମିଳି ନଥିଲା । ଏଥିପାଇଁ ସେ ମାନସିକ ଚାପରେ ଥିଲେ । ପରବର୍ତ୍ତୀ ସମୟରେ ୨୦୧୬ ମସିହାରେ ହୋମ୍ ସ୍କୁଲିଂ ମାଧ୍ୟମରେ ସେ ପାଠ ପଢ଼ିଥିଲେ । ଏହା ତାଙ୍କ ପାଇଁ ସମସ୍ୟାଜନକ ହେଲେ ମଧ ସେ ପାଠ ପଢ଼ି ପାସ୍ ହୋଇଥିଲେ ।

### ବ୍ୟବସାୟରୁ ପରିଚୟ

ତାଙ୍କ ନିର୍ମିତ କଣ୍ଢେଇ ଦେଖିବାକୁ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଦେଶ, ବିଦେଶରୁ ଲୋକମାନେ ଏହି କଣ୍ଢେଇ ବରାଦ କରିଥାନ୍ତି । ସେ ୨୦୫୦ ରୁ ଅଧିକ କଣ୍ଢେଇ ବିକ୍ରି କରିଛନ୍ତି । ଏସବୁ କାର୍ଯ୍ୟ ସେ ଏକାକୀ କରନ୍ତିନି । ଏଥିପାଇଁ ତାଙ୍କ ପିତା, ମାତା ଭାଇ ଆଦି ସାହାଯ୍ୟ କରିଥାନ୍ତି । ତାଙ୍କୁ ଗୋଟିଏକଣ୍ଢେଇ ପ୍ରସ୍ତୁତ କରିବା ପାଇଁ ତିନିରୁ ଚାରିଘଣ୍ଟା ସମୟ ଲାଗିଥାଏ ।

# କହୁଣୀର କଳାଦାଗ ହେବ ଦୂର

ସୁନ୍ଦର, କୋମଳ ତ୍ୱଚା ସମସ୍ତେ ଚାହାନ୍ତି । ଏଥିପାଇଁ ଯୁବତୀମାନେ ବିଭିନ୍ନ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ହେଲେ, ମୁହଁ ଭଳି ହାତର ଯତ୍ନ ନେବା ଜରୁରୀ । ଅନେକ ସମୟରେ ମୃତକୋଷ ଜମି କହୁଣୀ କଳା ପଡ଼ିଯାଏ । ଯାହା ଆଖିକୁ ଅସୁନ୍ଦର ଦେଖାଯାଏ । ତେଣୁ ଘରେ ପ୍ରାକୃତିକ ଉପାୟରେ ମାସ୍କ ପ୍ରସ୍ତୁତ କରି ଏହାକୁ ଲଗାଇ କହୁଣୀ ଦାଗ ଦୂର କରିପାରିବେ...

### ପ୍ରସ୍ତୁତି

ଗ୍ୟାସ୍‌ରେ ତାୱା ବସାଇ ହଳଦି ଦେଇ ଏହାକୁ ବାଦାମୀ ରଙ୍ଗ ହେବା ଯାଏ ଭାଜନ୍ତୁ । ହଳଦୀକୁ ଗୋଟିଏ ପାତ୍ରରେ କାଢ଼ି ସେଥିରେ ଏକ ଚାମଚ ବେସନ, ଏକ ଚାମଚ ମହୁ ଦିଅନ୍ତୁ । ଏଥିରେ ଅଧା ଲେମ୍ବୁ ଚିପୁଡ଼ି ଦିଅନ୍ତୁ । ଶେଷରେ ଏଥିରେ ଏକ ଦୁଇ ଚାମଚ କ୍ଷୀର ଦେଇ ଭଲରେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।



### ବ୍ୟବହାର

ଏହି ପେଷ୍ଟ ଶରୀରର କଳା ଅଂଶ ଅର୍ଥାତ୍ କହୁଣୀ, ଆଣ୍ଠୁ ପାଦ ଅଙ୍ଗୁଳିରେ ଲଗାଇ ୧୦ ରୁ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହାପରେ ଏକ ମଏଶ୍ଚରାଇଜର୍ ଲଗାନ୍ତୁ । ସପ୍ତାହକୁ ଏପରି ଦୁଇଥର କରିପାରିବେ । ଏହଦ୍ୱାରା ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।

### ଧ୍ୟାନ ଦିଅନ୍ତୁ

ଆବଶ୍ୟକତାଠୁ ଅଧିକ ପତଳା ତ୍ୱଚା ଥିଲେ, ଏହାକୁ ସ୍କ୍ରବ୍ ଭଳି ଘଷନ୍ତୁ ନାହିଁ । କାରଣ ଏହାଦ୍ୱାରା କହୁଣୀ ଅଧିକ କଳା ପଡ଼ିଯାଏ । ତ୍ୱଚା ମୃତକୋଷ ସଂସ୍ପର୍ଶରେ ଆସି ଅଧିକ କଳା ଦେଖାଯାଏ । ତେଣୁ ଏହାକୁ ମାସ୍କ ଭଳି ବ୍ୟବହାର କରିପାରିବେ ।

# ଓଠରେ ଏମିତି ଲଗାନ୍ତୁ ଲିପଷ୍ଟିକ୍

ବର୍ଷାଦିନେ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ସମସ୍ୟାଜନକ ହୋଇଥାଏ । ବିଶେଷ କରି ଲିପଷ୍ଟିକ୍ । ଏ ଦିନେ ସାମାନ୍ୟ ବର୍ଷା ହେଲେ, ମଧ ଲିପ୍‌ଷ୍ଟିକ୍ ଧୋଇ ହୋଇଯାଏ । ତେଣୁ ଲିପ୍‌ଷ୍ଟିକ୍‌କୁ ଓଠରେ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ସହଜ ଉପାୟ ଆପଣାନ୍ତୁ ।

### ଲିପ୍ ସ୍କ୍ରବ୍

ବର୍ଷାଦିନେ ଓଠ ରୁକ୍ଷ ଓ ଶୁଷ୍କ ହୋଇଯାଏ । ତେଣୁ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠକୁ ହାଲୁକା ସ୍କ୍ରବ୍ କରନ୍ତୁ । ଏହାପରେ ଲିପବାମ୍ ଲଗାଇ ଓଠକୁ ପାଞ୍ଚମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାଦ୍ୱାରା ଓଠ କୋମଳ ହୋଇଥାଏ । ଲିପ୍‌ଷ୍ଟିକ୍ ଭଲରେ ସେଟ୍ ହୋଇଥାଏ ।

### ପ୍ରାଇମର୍

ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ହାଲୁକା ପ୍ରାଇମର୍ କିମ୍ବା କନ୍‌ସିଲର୍ ଲଗାଇପାରିବେ । ଏହା ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ଏଥିସହ ଲଗାଇଥିବା ସେଡ୍‌ଟି ଖୁବ୍ ଉଜ୍ଜ୍ୱଳ ଦିଶିଥାଏ ।

### ମ୍ୟାଟ୍ ଲିପ୍‌ଷ୍ଟିକ୍ରୁ ପ୍ରାଥମିକତା

ବର୍ଷାଦିନେ କ୍ରିମ୍ କିମ୍ବା ଗ୍ଲସି ଲିପ୍‌ଷ୍ଟିକ୍ ଶୀଘ୍ର ଛାଡ଼ିଯାଏ । କିନ୍ତୁ ମ୍ୟାଟ୍ ଲିପଷ୍ଟିକ୍ ଦୀର୍ଘ ସମୟ ରହିଥାଏ । ୱାଟର୍‌ପ୍ରୁଫ୍ ମ୍ୟାଟ୍ ଲିପ୍‌ଷ୍ଟିକ୍ ବର୍ଷାଦିନ ପାଇଁ ଖୁବ୍ ଭଲ ହୋଇଥାଏ ।

### ଲିପ୍‌ଲାଇନ୍‌ରେ ଆଉଟ୍‌ଲାଇନ୍


ଏହା କେବଳ ଓଠକୁ ଏକ ଆକାର ଦିଏନି ଏହା ଲିପ୍‌ଷ୍ଟିକ୍‌କୁ ଧରି ରଖିବାରେ ମଧ ସହାୟକ ହୋଇଥାଏ । ତେଣୁ ପ୍ରଥମେ ଆଉଟ୍‌ଲାଇନ୍ କରି ଲିପ୍‌ଷ୍ଟିକ୍ ଲଗାନ୍ତୁ ।

### ଟିସ୍ୟୁ ପେପର୍

ଲିପ୍‌ଷ୍ଟିକ ଲଗାଇବା ପରେ ଓଠରେ ଏକ ଟିସ୍ୟୁ ପେପର ଓଠରେ ରଖନ୍ତୁ । ଏହା ଉପରେ ଅଳ୍ପ ପାଉଡର ଲଗାନ୍ତୁ । ଏହା ଲିପ୍‌ଷ୍ଟିକକୁ ସେଟ୍ କରି ସ୍ମଜ୍ ପ୍ରୁଫ୍ କରିଥାଏ ।

### ଡ଼ବଲ୍ କୋଟ୍

ଗୋଟେ କୋଟ୍ ଲଗାଇବା ପରେ ଏହା ଉପରେ ହାଲୁକା କରି ଟିସ୍ୟୁ ଦବାଇ ଦିଅନ୍ତୁ । ଏହାପରେ ଆଉ ଏକ କୋଟ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ । ବର୍ଷାଦିନେ ଡବଲ ଲେୟାରିଙ୍ଗ୍ ଲିପ୍‌ଷ୍ଟିକ୍ ଖୁବ୍ ଭଲ ହୋଇଥାଏ ।



# ହୁପ୍ ଇୟରିଂ

ସମୟ ଅନୁସାରେ ବିଭିନ୍ନ କାନଫୁଲ ଡିଜାଇନ୍ ଦେଖିବାକୁ ମିଳିଥାଏ । ଯାହା ଷ୍ଟାଇଲିଶ୍ ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ବର୍ତ୍ତମାନ କେତେକ ହୁପ୍ ଇଅରିଂ ଟ୍ରେଣ୍ଡରେ ରହିଛି । ଜାଣିବା ସେ ବିଷୟରେ...



### ଗୋଲ୍‌ଡେନ୍ ଚଙ୍କି

ଚଙ୍କି ପାଟର୍ଣ୍ଣର ଏହି ଗୋଲଡେନ୍ ହୁପ୍ ଇୟରିଂ ଧଳା ପୋଷାକ କିମ୍ବା ଧଳା ଟପ୍ସକୁ ଖୁବ୍ ସୁନ୍ଦର ମାନିଥାଏ । ଏହାକୁ ବିଭିନ୍ନ ପୋଷାକ ସହ ମଧ ପିନ୍ଧିପାରିବେ ।

### ହାର୍ଟ

ହାର୍ଟସେପ୍‌ର ଏହି ହୁପ୍, ଦେଖିବାକୁ ସୁନ୍ଦର ଓ ଛୋଟ ହୋଇଥାଏ । ଏହାକୁ ଚାହିଁଲେ ମହିଳାମାନେ ନିୟମିତ ବ୍ୟବହାର କରିପାରିବେ । ଏହାକୁ ସାର୍ଟ, ଟପ୍‌ସ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

### ଡାଇମଣ୍ଡ ସ୍କୋୟାର୍

ଧଳା ଷ୍ଟୋନ୍ ଲାଗିଥିବା ଏହି ହୁପ୍ କାନଫୁଲ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହା ଦେଖିବାକୁ ଏଲିଗାଣ୍ଟ ଲାଗିଥାଏ । ଏହାକୁ ଉଭୟ କାଜୁଆଲ୍ ଓ ଫର୍ମାଲ୍ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବ ।

### ଡୁଆଲ୍ ଷ୍ଟୋନ୍ ସିଲ୍‌ଭର୍

ଦୁଇଟି ରଙ୍ଗର ଷ୍ଟୋନ୍ ଲାଗିଥିବା ଏହି କାନଫୁଲ ଦେଖିବାକୁ ସୁନ୍ଦର ଓ ଷ୍ଟାଇଲିଶ୍ ହୋଇଥାଏ । ଏହାକୁ ଶାଢ଼ି ସୁଟ୍ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

ମୋ ହାଣ୍ଡିଶାଳରୁ...

# ସିଜୁଆନ୍ ଫ୍ରାଏଡ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ରନ୍ଧାଭାତ - ଦୁଇ କପ୍, ସିଜୁଆନ୍ ସସ୍ – ଦୁଇ ଚାମଚ, କଟା ରସୁଣ – ଏକ ଚାମଚ, କଟା ଅଦା – ଏକ ଚାମଚ, କଟା କଞ୍ଚାଲଙ୍କ- ଦୁଇ ଗୋଟି, କଟା ପିଆଜ – ଏକ କପ୍, ଗାଜର୍– ଅଧା କପ୍, କ୍ୟାପ୍‌ସିକମ୍ – ଅଧା କପ୍, ବନ୍ଧାକୋବି – ଅଧା କପ୍, ପିଆଜ ଶଣ୍ଢା- ଦୁଇ ଚାମଚ, ସୋୟା ସସ୍- ଏକ ଚାମଚ, ଭିନେଗାର୍ – ଏକ ଚାମଚ, କଳା ଗୋଲମରିଚ – ଏକ ଚାମଚ, ଲୁଣ – ସ୍ୱାଦାନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗେଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ଅଦା, ରସୁଣ ଦେଇ ଧିମା ଆଞ୍ଚରେ ୩୦ ସେକେଣ୍ଡ ଭାଜନ୍ତୁ । ଏହାପରେ କଞ୍ଚାଲଙ୍କା ଦେଇ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ କଟା ପିଆଜ, ଗାଜର, କ୍ୟାପସିକମ୍, ବନ୍ଧାକୋବି ଦେଇ ହାଲୁକା ଭାଜନ୍ତୁ । ଏଥିରେ ଦୁଇଚାମଚ ସିଜୁଆନ୍ ଚଟଣୀ ଦିଅନ୍ତୁ । ଏହାକୁ ପରିବାରେ ମିଶାଇ ଭଲ କି ଭାଜି ଦିଅନ୍ତୁ । ଏହାପରେ ଏକ ଚାମଚ ସୋୟା ସସ୍, ଏକ ଚାମଚ ଭିନେଗାର୍ ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ରନ୍ଧାଭାତକୁ ଦିଅନ୍ତୁ । ଏହାକୁ ଭଲଭାବେ ପରିବା ଓ ମସଲା ସହ ମିଶାଇ ଦିଅନ୍ତୁ । ଏହାପରେ ସ୍ୱାଦ ଅନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଧୀମା ଆଞ୍ଚରେ ଦୁଇ ତିନି ମିନିଟ୍ ବସାଇ ଏପାଖସେପାଖ କରନ୍ତୁ । ଏହାପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ସିଜୁଆନ୍ ଫ୍ରାଏଡ୍ ରାଇସ୍' ।



### ଜୟସ୍ୱାଲ୍‌ଙ୍କ ଶତକ; ଟଙ୍ଗ୍‌ଙ୍କୁ ୫ ଓ ଆଟକିନସନଙ୍କୁ ୩ ୱିକେଟ

# ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ

ମାଞ୍ଚେଷ୍ଟର, ୨।୮ (ଏଜେନ୍ସି):



ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ (୧୧୮)ଙ୍କ ଶତକ, ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ (୬୬), ଦୁଇ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା (୫୩) ଓ ୱାଶିଂଟନ ସୁନ୍ଦର(୫୩)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ୫ମ ତଥା ଶେଷ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ ୩୯୬ ରନ୍‌ରେ ଶେଷ ହୋଇଛି। ଏହା ଫଳରେ ୨୩ ରନ୍‌ରେ ପ୍ରଥମ ଇନିଂସ ପଛୁଆ ଥିବା ଭାରତ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଶେଷ ରିପୋର୍ଟ ଲେଖା ହେଲା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩ ଓଭର ଖେଳରେ କୌଣସି ୱିକେଟ ନ ହରାଇ ୧୬ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜ୍ୟାକ୍ କ୍ରାଲୀ ୭ ଓ ବେନ୍ ଡକେଟ ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ଇନିଂସରେ ଜୋଶ ଟଙ୍ଗ ସର୍ବାଧିକ ୫ଟି, ଗସ ଆଟକିନସନ ୩ଟି ଓ ଜାମି ଓଭରଟନ୍ ୨ଟି ୱିକେଟ ପାଇଥିଲେ। ଘରୋଇ ଦଳ ପକ୍ଷରୁ ମାତ୍ର ୯ ଓଭର ସ୍ପିନ୍ ବୋଲିଂ କରାଯାଇଥିଲା। ଏମାନଙ୍କୁ କୌଣସି ସଫଳତା ମିଳି ନ ଥିଲା।

ଶନିବାର ତୃତୀୟ ଦିନ ଭାରତର ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୭୫ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଦୁଇ ଅପରାଜିତ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ ଲଢୁଆ ବ୍ୟାଟିଂ କରି ତୃତୀୟ ୱିକେଟରୁ ୧୦୭ ରନ୍ ଉଠାଇ ଭାରତକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଏହି ଯୋଡି ଭାଙ୍ଗିବା ପରେ ଅଧିନାୟକ ଶୁବମନ ଗିଲ୍ ୧୧ ଓ କରୁନ ନାୟାର ୧୭ ରନ୍‌ରେ ଆଉଟ ହୋଇଥିଲେ। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ ହାସଲ କରିବା ପରେ ୧୧୮ ରନ୍ କରି ଆଉଟ ହୋଇଥିଲେ। କିନ୍ତୁ ୫ମରୁ ୧୦ ୱିକେଟ ପାର୍ଟନରସିପ୍‌ରେ ଉପଯୋଗୀ ରନ୍ ମିଳିବା ଫଳରେ ଭାରତର ସ୍କୋର ୪୦୦ ପାଖାପାଖି ହୋଇଥିଲା। ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଓ ଏହି ସିରିଜ୍‌ରେ ଦ୍ୱିତୀୟ ଶତକ ହାସଲ କରିଥିବା ଜୟସ୍ୱାଲ କେବଳ ଟପ୍ ଅର୍ଡର ବ୍ୟାଟର ଭାବେ ଏଠାରେ ସଫଳ ହୋଇଥିଲେ। ତାଙ୍କ ବ୍ୟତୀତ ରବୀନ୍ଦ୍ର ଜାଡେଜା ୭୭ ବଲ୍‌ରୁ ୫୩, ଧ୍ରୁବ ଜୁରେଲ ୪୬ ବଲ୍‌ରୁ ୩୪ ଓ ୱାଶିଂଟନ ସୁନ୍ଦର ୪୬ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ଦ୍ରୁତ ୫୩ ରନ୍ କରିଥିଲେ। ଏହା ସତ୍ତ୍ୱେ ଦଳ ଏକ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ଏହି ମ୍ୟାଚ୍‌ରେ ୨୦୧୧ ପରେ ଆକାଶଦୀପ ପ୍ରଥମ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହିଠାରେ ଭାରତର ଅମିତ ମିଶ୍ରା ପୂର୍ବରୁ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ।

ଇଂଲଣ୍ଡ ପକ୍ଷରୁ ମୁଖ୍ୟ ଫାଷ୍ଟ ବୋଲର କ୍ରିସ୍ ଓକ୍ସ ଆହତ ହୋଇ ଏହି ଟେଷ୍ଟ ଖେଳି ପାରି ନ ଥିଲେ ମଧ୍ୟ ଦଳରେ ଥିବା ୩ଜଣ ଫାଷ୍ଟ ବୋଲର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଭାରତକୁ କମ୍ ସ୍କୋରରେ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜୋସ୍ ଟଙ୍ଗ ସର୍ବାଧିକ ୩୦ ଓଭର ବୋଲିଂ କରି ସର୍ବାଧିକ ୫ଟି ୱିକେଟ ପାଇଥିଲେ। ଅନ୍ୟତମ ଫାଷ୍ଟ ବୋଲର ଗସ୍ ଆଟକିନସନ ୨୭ ଓଭରରେ ୧୨୭ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ପ୍ରଥମ ଇନିଂସରେ ତାଙ୍କୁ ୫ଟି ୱିକେଟ ମିଳିଥିଲା। ତୃତୀୟ ଫାଷ୍ଟ ବୋଲର ଜେମି ଓଭରଟନ୍ ଏତେ ପ୍ରଭାବଶାଳୀ ହୋଇ ନ ଥିଲେ ମଧ୍ୟ ୨୨ ଓଭରରେ ୯୮ ରନ୍ ଦେଇ ୨ଟି ୱିକେଟ ପାଇଥିଲେ।

## ସିରିଜ୍‌ରେ ୧୯ ଶତକ

ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପାଞ୍ଚ ଟିକିଆ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୯ଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଶନିବାର ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଏହି ଟେଷ୍ଟ ସିରିଜର ୧୯ତମ ଶତକ ଥିଲା। ମୋଟ୍ ୧୯ଟି ଶତକ ମଧ୍ୟରୁ ଭାରତୀୟ ଖେଳାଳିମାନେ ୧୨ଟି ଓ ଘରୋଇ ଇଂଲଣ୍ଡ ବ୍ୟାଟର୍ ୭ଟି ଶତକ ମାରିଛନ୍ତି। ଟେଷ୍ଟ କ୍ରିକେଟ୍ ଇତିହାସରେ ଗୋଟିଏ ସିରିଜରେ ହୋଇଥିବା ମୋଟ୍ ଶତକ ତାଲିକାରେ ଏହା ୩ୟ ସ୍ଥାନରେ ରହିଛି। ୧୯୯୫ରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ସିରିଜରେ ରେକର୍ଡ ୨୧ଟି ଶତକ ହୋଇଥିଲା। ସେହିଭଳି ୨୦୦୩-୦୪ରେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ସିରିଜରେ ୨୦ଟି ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଚଳିତ ଭାରତ ଓ ଇଂଲଣ୍ଡ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ୧୮ଟି ଶତକୀୟ ପାର୍ଟନରସିପ୍ ମଧ୍ୟ ହୋଇସାରିଛି। ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ୮ଥର ଲାଗି ଏହି ସଫଳତା ପାଇଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୨୨୪/୧୦, ୬୯.୪ ଓଭର** (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।
**ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/୧୦** (କ୍ରାଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।
**ଭାରତ ଦ୍ୱିତୀୟ ଇନିଂସ: ୩୯୬/୧୦, ୮୮ ଓଭର** (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୬/୦, ୩ ଓଭର** (ଜ୍ୟାକ୍ କ୍ରାଲୀ-୭*, ବେନ୍ ଡକେଟ-୮*, ଆକାଶଦୀପ-୦/୭, ପ୍ରସିଦ୍ଧ କ୍ରିଷ୍ଣା-୦/୯)।

## ଟେଷ୍ଟ କ୍ରିକେଟରେ ପ୍ରଥମ, କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ




ଓଭାଲ : ଭାରତୀୟ ଯୁବ ଫାଷ୍ଟ ବୋଲର ଆକାଶ ଦୀପ ଏଠାରେ ଜବରଦସ୍ତ ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଭାରତର ଦ୍ୱିତୀୟ ଇନିଂସରେ ନଂ-୪ରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ତୃତୀୟ ଦିନ ଲଞ୍ଚ ପୂର୍ବରୁ ୬୬ ରନ୍ କରି ଆଉଟ ହୋଇଛନ୍ତି। ଏହା ଫଳରେ ଟେଷ୍ଟ କ୍ରିକେଟରେ ସେ ପ୍ରଥମଥର ଲାଗି ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ଏହା ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ। ପୂର୍ବରୁ ୨୦୨୧-୨୨ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ବେଙ୍ଗଲ ପକ୍ଷରୁ ଖେଳି ସେ ଝାଡଖଣ୍ଡ ବିପକ୍ଷରେ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏଠାରେ ସେ ୭୦ତମ ବଲ୍‌ରେ ପ୍ରତିପକ୍ଷ ବୋଲର ଗସ ଆଟକିନସନଙ୍କୁ ଚୌକା ମାରି ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏପରିକି ଅର୍ଦ୍ଧଶତକରେ ପ୍ରବେଶ କରିବା ପୂର୍ବରୁ ସେ କ୍ରମାଗତ ୩ଟି ଚୌକା ମାରି ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ଜେମି ଓଭରଟନଙ୍କ ବୋଲିଂରେ ଆଟକିସନଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ସେ ମୋଟ ୯୪ବଲ୍‌ର ସାମ୍ନା କରି ୧୨ଟି ଚୌକା ମାରିଥିଲେ। ଆଉଟ ହେବା ପୂର୍ବରୁ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ୧୫୦ ବଲ୍‌ରୁ ୧୦୭ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ଆକାଶଦୀପ୍‌ଙ୍କର ୬୬ ଓ ତାଙ୍କଠାରୁ ଅଧା ୩୩ ରନ୍ ଜୟସ୍ୱାଲ ଯୋଡିଥିଲେ। ୧୮ତମ ଓଭରରେ ୭୦ ରନ୍‌ରେ ଭାରତ ଦ୍ୱିତୀୟ ୱିକେଟ ହରାଇବା ପରେ ଆକାଶଦୀପ ବ୍ୟାଟିଂ କରିବାକୁ ଆସି ୪୩ତମ ଓଭରରେ ୧୭୭ ରନ୍ ସ୍କୋରରେ ଆଉଟ ହୋଇଥିଲେ।

## ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍

ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ଅନେକ ରେକର୍ଡ ପ୍ରତିଷ୍ଠା କରିଛି। ଏହା ମଧ୍ୟରୁ ୫ମ ଟେଷ୍ଟର ପ୍ରଥମ ଇନିଂସ ପରେ ଭାରତ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ୧୯୭୮-୭୯ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୬ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌ରେ ୩,୨୭୦ ରନ୍ ସଂଗୃହୀତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ୪୭ ରନ୍ କରିବା ପରେ ଏହି ରେକର୍ଡ ଅତିକ୍ରମ କରିଥିଲା। ଏବେ ଦଳ ୩୪୬୮ ରନ୍ କରିଛି।

## ପୁରୁଷ ବନ୍ଧୁଙ୍କୁ ଧକ୍କା ମାରି ରିଚାର୍ଡସନ ଗିରଫ



ୱାଶିଂଟନ, ୨।୮ (ଏଜେନ୍ସି): ଆମେରିକାର ମହାନ ଧାବିକା ଶା’କାରୀ ରିଚାର୍ଡସନ ଏକ ଘରୋଇ ହିଂସା ମାମଲାରେ ଗିରଫ ହୋଇଛନ୍ତି। ତେବେ ଗିରଫ କରିବାର ଗୋଟିଏ ଦିନ ପରେ ପୁଲିସ ତାଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ୨୫ ବର୍ଷୀୟା ଶା’କାରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ମଧ୍ୟରେ ନିକଟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶା’କାରୀ ପୁରୁଷ ବନ୍ଧୁଙ୍କୁ ଧକ୍କା କରିଥିଲେ। ଫଳରେ ସେ ଏକ ଖୁଣ୍ଟରେ ମାଡ଼ ହୋଇ ପଡ଼ିଯାଇଥିଲେ। ଏହି ମାମଲାରେ ପୁଲିସ ତାଙ୍କୁ ଗିରଫ କରି ପରେ ଛାଡ଼ିଦେଇଥିବା ଆମେରିକୀୟ ଗଣମାଧ୍ୟମରୁ ଜଣାପଡ଼ିଛି। ବିଶ୍ୱ ସ୍ପ୍ରିଣ୍ଟରେ ଶା’କାରୀ ଜଣେ ତାରକା ଧାବିକା। ସେ ଗତ ପ୍ୟାରିସ ଅଲିମ୍ପିକ୍ସରେ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୨୦୨୩ ବିଶ୍ୱ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ।

## ସାଇନା-କାଶ୍ୟପଙ୍କ ବିଚ୍ଛେଦରେ ୟୁ ଟର୍ନ



ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନର ଦୁଇ ତାରକା ଖେଳାଳି ସାଇନା ନେହୱାଲ ଓ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବାର ଦିନ କେଇଟା ହୋଇଛି। ଗତ ଜୁଲାଇ ୧୩ରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିଲା। କିନ୍ତୁ ଏବେ ସାଇନା-କାଶ୍ୟପଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସାଇନା ଓ କାଶ୍ୟପ ପୁଣିଥରେ ଏକାଠି ହୋଇପାରନ୍ତି। ସାଇନା ଶନିବାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଏକ ଫଟୋ ଓ କିଛି ଲେଖାରୁ ଦୁଇଜଣଙ୍କ ସମ୍ପର୍କ ପୁଣିଥରେ ଯୋଡ଼ି ହେବାକୁ ଯାଉଛି ବୋଲି ଚର୍ଚ୍ଚା ଜୋର୍ ଧରିଛି। ସାଇନା ତାଙ୍କ ଇନ୍‌ଷ୍ଟାଗ୍ରାମରେ କାଶ୍ୟପଙ୍କ ସହ ଏକାଠି ଏକ ମନୋରମ ସ୍ଥାନରେ ଠିଆ ହୋଇଥିବା ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋ ତଳେ ସେ ଲେଖିଛନ୍ତି, ‘ବେଳେବେଳେ ଦୂରତା ତୁମକୁ ଉପସ୍ଥିତିର ଗୁରୁତ୍ୱ ଶିଖାଇଥାଏ। ହଁ ଆମେ ପୁଣି ଚେଷ୍ଟା କରୁଛୁ।’ ସାଇନାଙ୍କ ଏହି ପୋଷ୍ଟ ହିଁ ଏହି କ୍ରୀଡ଼ା ଦମ୍ପତି ପୁଣିଥରେ ଏକାଠି ହେବାକୁ ଯାଉଥିବା ଖୋରାକ ଯୋଗାଇଛି। ସାଇନା ଓ କାଶ୍ୟପ ୨୦୧୮ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

### ମାକାଉ ଓପନ୍‌ରେ ଡବଲ୍ ଝଟ୍‌କା

## ଲକ୍ଷ୍ୟ, ତରୁଣ ସେମିରେ ଅଟକିଲେ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତକୁ ଡବଲ୍ ଝଟ୍‌କା ଲାଗିଛି। ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନ୍ନେପାଲ୍ଲି ସେମିଫାଇନାଲରେ ପରାସ୍ତ ହୋଇ ନିରାଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଲକ୍ଷ୍ୟ ସେନ୍ ୧୬-୨୧, ୯-୨୧ ଗେମ୍‌ରେ ଇଣ୍ଡୋନେସିଆର ଆଲୱି ଫରହାନ୍‌ଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଅନ୍ୟ ଏକ ତରୁଣ ୨୧-୧୯, ୧୬-୨୧, ୧୬-୨୧ ଗେମ୍‌ରେ ମାଲେସିଆର ଜଷ୍ଟିନ ହୋ’ଙ୍କ ଠାରୁ ହାରି ଫାଇନାଲକୁ ଉଠିବାରେ ବିଫଳ ହୋଇଥିଲେ।

## ଭାରତୀୟ ବକ୍ସିଂ ସଂଘ ନିର୍ବାଚନ ୨୧ରେ

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ବିବାଦ ମଧ୍ୟରେ ଛନ୍ଦି ହୋଇପଡ଼ିଥିବା ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ)ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଭାରତର ଦୈନନ୍ଦିନ ବକ୍ସିଂ କାର୍ଯ୍ୟକ୍ରମ ପରିଚାଳନା କରିବା ପୂର୍ବତନ ସଭାପତି ଅଜୟ ସିଂଙ୍କ ଅଧ୍ୟକ୍ଷତାରେ ଏକ ମଧ୍ୟବର୍ତ୍ତୀକାଳୀନ ପରିଚାଳନା କମିଟି ଗଠିତ ହୋଇଥିଲା। ନିର୍ବାଚନ ସମ୍ପର୍କରେ ଏହି କମିଟି ଘୋଷଣା କରିବା ପରେ ଅଜୟ ସିଂ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଦୁଇ ଥର ସଭାପତି ରହିଆସିଥିବା ସ୍ପାଇସ୍‌ଜେଟ୍ ଏୟାର ଲାଇନ୍ସର ମାଲିକ ଅଜୟ ସିଂ ତୃତୀୟଥର ନିର୍ବାଚନ ଲଢ଼ିବାକୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ତାଙ୍କ ଇସ୍ତଫାପତ୍ର ୱାର୍ଲ୍ଡ ବକ୍ସିଂ ଦ୍ୱାରା ଗୃହୀତ ହୋଇଛି ଓ ସିଙ୍ଗାପୁରର ବକ୍ସିଂ ସଂଘ ସଭାପତି ଫଇରୁଜ୍ ଅହମ୍ମଦ୍‌ଙ୍କୁ ନୂଆ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ଅଗଷ୍ଟ ୨୧ ତାରିଖ ଦିନ ହେବାକୁ ଥିବା ନିର୍ବାଚନରେ ୱାର୍ଲ୍ଡ ବକ୍ସିଂ ସଭାପତି ବୋରିସ ଭାନ ଡର ୱର୍ଷ୍ଟ ଓ ଆକ୍ଟିଂ ସେକ୍ରେଟାରୀ ଜେନେରାଲ ମାଇକ୍ ମ୍ୟାକଅଟି ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ ସମୟରେ ଉପସ୍ଥିତ ରହିବେ। ଅଜୟ ସିଂଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ପୁଣିଥରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଛନ୍ତି। ଗତ ନିର୍ବାଚନରେ ଅନୁରାଗ ଜଣେ ନିର୍ବାଚିତ ପ୍ରତିନିଧି ହୋଇ ନ ଥିବାରୁ ତାଙ୍କ ଭୋଟର ତାଲିକାରୁ ବାଦ୍ ଦେବା ସହ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ନେଇ ଏବେ ମଧ୍ୟ ମକଦ୍ଦମା ଚାଲିଛି। କିନ୍ତୁ ଏହି ଘଟଣା ପରେ ବିଏଫ୍‌ଆଇରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏଥିରେ ୱାର୍ଲ୍ଡ ବକ୍ସିଂ ହସ୍ତକ୍ଷେପ କରି ଅଗଷ୍ଟ ୩୧ ତାରିଖ ସୁଦ୍ଧା ନିର୍ବାଚନ ଶେଷ କରିବା ସହ ନୂଆ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚୂଡାନ୍ତ ସମୟ ଧାର୍ଯ୍ୟ କରିଥିଲା।

### ଗ୍ରୀନ୍ ବେଜ୍ କ୍ଲାସିକ ସ୍ନୁକର

## ରାକେଶ ଚାମ୍ପିଅନ, ଆଶୁତୋଷ ରନର୍ସ




ଭୁବନେଶ୍ୱର,୨।୮ (ସମିସ): ଡାକ୍ତର ରାକେଶ ରୋଶନ ପ୍ରଧାନ ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ ଓଡ଼ିଶା ଓପନ ଟେନ୍ ରେଡ୍ ସ୍ନୁକର ଚାମ୍ପିଅନସିପ୍। ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲ ଖେଳରେ ଡାକ୍ତର ରାକେଶ ୫-୩ ଫ୍ରେମ୍‌ରେ ରାଜ୍ୟର ନମ୍ବର-୧ ଖେଳାଳି ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଚାମ୍ପିଅନ ରାକେଶଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସଅପ୍ ଆଶୁତୋଷଙ୍କୁ ଟ୍ରଫି ସହ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲରେ ପରାଜିତ ହୋଇଥିବା ତାରକା ଖେଳାଳି ସୁବ୍ରତ ଦାସ ଓ ଉଦୀୟମାନ ଖେଳାଳି ଅବିନାଶ ମହାପାତ୍ରଙ୍କୁ ୬,୦୦୦ ଲେଖାଏଁ ଟଙ୍କା ମିଳିଛି। କ୍ୱାର୍ଟର ଫାଇନାଲରେ ପରାଜିତ ଖେଳାଳିଙ୍କୁ ୩,୦୦୦ ଲେଖାଏଁ, ସର୍ବାଧିକ ବ୍ରେକ୍ ମାରିଥିବା ଆଶୁତୋଷଙ୍କୁ ୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ ବିଶିଷ୍ଟ ବ୍ୟକ୍ତିବିଶେଷ ମିଶାଲ ସ୍ୱାଇଁ, ନିଶାଙ୍କ ଅଗରୱାଲ, ଦେବାଞ୍ଜନ ରାୟ, ଦିବ୍ୟଜ୍ୟୋତି ମିଶ୍ର, ଡଃ ଅତନୁ ରଞ୍ଜନ ନାୟକ, ପି. ଗୋବିନ୍ଦ ରାଓ, ସୁଦୀପ୍ତ ଦାଶ, ଅଲତାଫ ଅଲି ଓ ଶ୍ୟାମ ଅଗରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ଜାତୀୟ ସବ୍‌ଜୁନିଅର ବାଳକ ହକି

## ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା




ଭୁବନେଶ୍ୱର, ୨।୮ (ସମିସ): ଚେନ୍ନଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଓଡ଼ିଶା ଏହାର ଦ୍ୱିତୀୟ ପୁଲ୍ ମ୍ୟାଚରେ ୫-୧ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ମନଦୀପ୍ କେରକେଟ୍ଟା ହ୍ୟାଟ୍ରିକ ଏବଂ ଦୀପକ ଟପ୍ପୋ ଓ ସଞ୍ଜିତ ରାଜ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମୁକାବିଲାରେ ୩-୧ ଗୋଲ୍‌ରେ ଚଣ୍ଡିଗଡ଼କୁ ହରାଇଥିଲା। କ୍ରମାଗତ ୨ଟି ବିଜୟ ହାସଲ କରିଥିବା ଓଡ଼ିଶା ବାଳକ ଦଳ ଏଥିସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ସୋମବାର ଝାଡ଼ଖଣ୍ଡ କିମ୍ବା ପଞ୍ଜାବ ସହ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳିପାରେ।

### ଆଇଏସ୍‌ଏଲ ଆୟୋଜନ ନେଇ ଅନିଶ୍ଚିତତା

# ଖେଳାଳି, କର୍ମକର୍ତ୍ତାଙ୍କ ଚୁକ୍ତି ବାତିଲ କଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୨।୮ (ସମିସ)




ଏକ ଅଭାବନୀୟ ଘଟଣାକ୍ରମରେ ଓଡ଼ିଶା ଏଫ୍‌ସି ତାହାର ସମସ୍ତ ଖେଳାଳି ଓ କର୍ମକର୍ତ୍ତା (ସପୋର୍ଟ ଷ୍ଟାଫ୍)ଙ୍କ ଚୁକ୍ତି ବାତିଲ କରିଛି। ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍) ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହେବାରୁ ଭୁବନେଶ୍ୱର ଭିତ୍ତିକ କ୍ଲବ୍ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ନେଇଛି। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ସାକ୍ଷାତ ଆଲୋଚନା କରିବାକୁ ନିଷ୍ପତ୍ତି ନେବାର ଗୋଟିଏ ଦିନ ପରେ ଓଡ଼ିଶା ଏଫ୍‌ସି ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ମଙ୍ଗଳବାରଠାରୁ ବା ଅଗଷ୍ଟ ୫ରୁ କାର୍ଯ୍ୟକ୍ଷମ ହେବ। ୨୦୨୩-୨୪ରେ ସୁପର କପ୍ ରନର୍ସ ଅପ୍ ହୋଇଥିବା ଓଡ଼ିଶା ଏଫ୍‌ସି ଚଳିତବର୍ଷ ଡୁରାଣ୍ଡ କପ୍ ଖେଳି ନ ଥିଲା। କମ୍ପାନୀ ନିୟମର ଫୋର୍ସ ମାଜେୟୁର ଅନୁଯାୟୀ ପ୍ରଥମ କ୍ଲବ୍ ଭାବେ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ଗ୍ରହଣ କରିଛି।

ନିଜର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଓଡ଼ିଶା ଏଫ୍‌ସି ଦେଇଥିବା ଚିଠିରେ ଉଲ୍ଲେଖ କରିଛି ଯେ, ଏଆଇଏଫ୍‌ଏଫ୍‌ର ବ୍ୟବସାୟିକ ସହଯୋଗୀମାନେ ଆଇଏସ୍‌ଏଲ୍ ଆୟୋଜନ ନେଇ ନୂଆ ରାଜିନାମାରେ ସ୍ୱାକ୍ଷର କରିବାକୁ ମନା କରିବା ଫଳରେ ୨୦୨୫-୨୬ ସିଜନରେ ଆଇଏସ୍‌ଏଲ୍ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ରହିଛି। ଉଭୟ ପକ୍ଷଙ୍କ ମଧ୍ୟରେ ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟକୁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏଆଇଏଫ୍‌ଏଫ୍ ଓ ସେମାନଙ୍କ ବ୍ୟବସାୟିକ ସହଯୋଗୀଙ୍କ ମଧ୍ୟରେ କୌଣସି ବୁଝାମଣା ସମ୍ଭବ ହୋଇପାରି ନାହିଁ। ଏପରିକି ସହଯୋଗୀମାନେ ଏ ସମ୍ପର୍କରେ ଆଲୋଚନା କରିବାକୁ ଆଦୌ ଇଛା ପ୍ରକାଶ କରି ନାହାନ୍ତି। ଯାହା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଆୟୋଜନ ହେବା ସମ୍ଭବ ନୁହେଁ। ଓଡ଼ିଶା ଏଫ୍‌ସିର ମୁଳ କମ୍ପାନୀ ଦିଲ୍ଲୀ ସକ୍କର ପ୍ରାଇଭେଟ ଲିଃ ପକ୍ଷରୁ ଅଜିତ ପଣ୍ଡାଙ୍କ ସ୍ୱାକ୍ଷରରେ ଏହି ଚିଠି ସମସ୍ତଙ୍କୁ ଦିଆଯାଇଛି। ସେମାନେ ଏବେ ଅନ୍ୟ ପେସାଦାର ଟିମ୍ କିମ୍ବା ସଂଗଠନରେ ଯୋଗଦେବାକରେ ଓଡ଼ିଶା ଏଫ୍‌ସିର କୌଣସି ଆପତ୍ତି ନାହିଁ ବୋଲି ଦର୍ଶାଯାଇଛି। ଆପୋସ ବୁଝାମଣା ଭିତରେ ଆମେ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ପଣ୍ଡା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଯାହା ଆମ ହାତରେ ନାହିଁ ତାହା କରିବା ସମ୍ଭବପର ନୁହେଁ ବୋଲି ସେ କହିଛନ୍ତି। କ୍ଲବ୍‌ର ସଭାପତି ରୋହନ ଶର୍ମା ‘ଏକ୍ସ’ରେ କହିଛନ୍ତି ଆମେ କ୍ଲବ୍ ବନ୍ଦ କରିନାହୁଁ। କ୍ଲବ୍‌ର ଅନେକ ବରିଷ୍ଠ କର୍ମକର୍ତ୍ତାଙ୍କୁ ଆମେ ରଖିଛୁ ଓ ଏବେ ମଧ୍ୟ ମହିଳା ଟିମ୍ ରହିଛି। କୋଟି କୋଟି ଟଙ୍କା କ୍ଷତି ହେବା ପରେ କ୍ଲବ୍‌ରୁ ଅଂଶୀଦାର ମାନଙ୍କୁ ବୁଝାଇବା କଷ୍ଟକର ହୋଇପଡ଼ିଛି। ଆମେ ଆଶା କରୁଛୁ ଏହି ଅଚଳାବସ୍ଥା ଖୁବ୍ ଶୀଘ୍ର ଶେଷ ହେବ। କଳିଙ୍ଗ ଷ୍ଟାଡିୟମ୍‌ରେ ଆମକୁ ଆଉ ଖେଳିବାକୁ ସୁଯୋଗ ମିଳିବ କି ନାହିଁ ତାହା ଆମେ ଜାଣିନାହୁଁ। ଗତ ସରକାର ଭଳି ବର୍ତ୍ତମାନ ସରକାରଙ୍କଠାରୁ ସହଯୋଗ ମିଳୁନାହିଁ। ଏଣୁ ଆମକୁ ଆଶଙ୍କା ମଧ୍ୟରେ ରହିବାକୁ ପଡ଼ିଛି। ସେହିପରି ନିକଟରେ ୮ଟି ମୂଳ ଆଇଏସ୍‌ଏଲ କ୍ଲବ୍ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ସହ ଆଲୋଚନା କରିବାକୁ ସମୟ ମାଗିଥିଲେ। କିନ୍ତୁ ଏହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଚଳିତବର୍ଷ ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ୭ମ ସ୍ଥାନରେ ରହିଥିଲା। ୨୦୨୩-୨୪ରେ ଇଣ୍ଡିଆନ୍ ୱିମେନ ଲିଗ୍ ଚାମ୍ପିଅନ ହୋଇଥିବା ମହିଳା ଦଳ ଚଳିତ ସିଜନରେ ଶେଷ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS